ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୨୯
୨୫ ଜାନୁଆରୀ, ୨୦୨୬ ରବିବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 229
25th January, 2026 Sunday
Bhubaneswar

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ସତ୍ୟଂ ତପୋ ଜ୍ଞାନମହିଂସତା ଚ**
**ବିଦ୍ୱତ୍ ପ୍ରଣାମଂ ଚ ସୁଶୀଳତା ଚ**
**ଏତାନି ଯୋ ଧାରୟତେ ସ ବିଦ୍ୱାନ୍ ନ**
**କେବଳଂଯଃ ପଠତେ ସ ବିଦ୍ୱାନ୍ ।**

ସତ୍ୟ, ସାଧନା, ଜ୍ଞାନ, ଅହିଂସା, ନମ୍ରତା ଓ ଉତ୍ତମ ବ୍ୟବହାର ପ୍ରଭୃତି ଗୁଣ ଦ୍ୱାରା ଯେ ଅଳଂକୃତ ସେ ପ୍ରକୃତରେ ବିଦ୍ୱାନ୍ । ଯେ ଏ ସବୁ ଗୁଣର ଅଧିକାରୀ ହୋଇନଥାଏ ସେ ଯେତେବଡ଼ ପଣ୍ଡିତ ହୋଇଥିଲେ ବି ବିଦ୍ୱାନ୍ ନୁହେଁ।

# ଦିବ୍ୟାଙ୍ଗ କୋଟାରେ ଚାକିରି ପାଇଁ କାଟିଦେଲେ ଗୋଡ଼

**ଲକ୍ଷ୍ନୌ,୨୪।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆଜିକାଲି ସମାଜରେ ଏତେ ବେକାରି ବଢ଼ିଗଲେଣି ଯେ ଚାକିରି ଖଣ୍ଡେ ପାଇଁ ନିଜକୁ ବିଦପରେ ମଧ୍ୟ ପକାଇବାକୁ ପଛାଉ ନାହାନ୍ତି ଯୁବକ। ସରକାରୀ ଚାକିରି କରିବେ ବୋଲି ନିଜ ଗୋଡ଼ କାଟିଦେଲେ ଯୁବକ। ଉତ୍ତରପ୍ରଦେଶର



ଜୈନପୁର ଅଞ୍ଚଳରୁ ଆସିଛି ଏଭଳି ଖବର। ସୂରଜ ଭାସ୍କର ନାମକ ଜଣେ ଯୁବକଙ୍କ ନାଁରେ ଆସିଛି ଏଭଳି ଅଭିଯୋଗ। ପୁଲିସ ଏସମ୍ପର୍କରେ ଜାଣିବା ପରେ ତାଙ୍କ ପରିବାର ଲୋକଙ୍କୁ ଜେରା କରିବା ସହ ତଦନ୍ତ ଆରମ୍ଭ କରିଛି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ସୂରଜ ନିକଟରେ ଅଭିଯୋଗ ଆଣିଥିଲେ କି, ତାଙ୍କୁ କିଛି ଦୁର୍ବୃତ୍ତ ଆକ୍ରମଣ କରି ତାଙ୍କ ଗୋଡ଼ କାଟି ଦେଇଛନ୍ତି। ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ କି, କିଛି ଯୁବକ ତାଙ୍କୁ ଠେଙ୍ଗାରେ ଆକ୍ରଣ କରି ଗୋଡ଼ ଭାଙ୍ଗି ଦେଇଛନ୍ତି। ତେବେ ପୁଲିସ ଘଟଣାକୁ ଗୁରୁତର ସହ ନେଇଥିଲା। ପୁଲିସ ଏକ ହତ୍ୟା ମାମଲା ଦାୟର କରି ତଦନ୍ତ କରୁଥିବାବେଳେ ଜଣା ପଡ଼ିଥିଲା କି, କେହି ଆକ୍ରମଣ ନୁହେଁ ବରଂ ନିଜେ ଗୋଡ଼ କାଟି ଦେଇଛନ୍ତି। ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି କି, ଦିବ୍ୟାଙ୍ଗ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଯାହାର ଫାଇଦା ଉଠାଇବା ପାଇଁ ସେ ଚେଷ୍ଟା କରିଥିଲେ। ସରକାରୀ ଚାକିରି କୋଟାରେ ପାଇବା ଆଶାରେ ନିଜେ ଏଭଳି ଷଡ଼ଯନ୍ତ୍ର ରଚିଥିଲେ। ଆଉ ନିଜ ଗୋଡ଼ କାଟି ସରକାରୀ ଅନୁଦାନ ପାଇବା ପାଇଁ ଯୋଜନା କରିଥିଲେ। ସରକାରୀ ଚାକିରି ସାଙ୍ଗକୁ ଭତ୍ତା ପାଇବେ ବୋଲି ଭାବିଥିଲେ। ମାତ୍ର ତଦନ୍ତ ହେବା ପରେ ସବୁ ସତ ମାନିଛନ୍ତି। ଏବେ ମେଡିକାଲରେ ସେ ଚିକିତ୍ସିତ ହେଉଥିବାବେଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି।

# ପ୍ରତ୍ୟେକ ସୋମବାର ଲୋକଙ୍କ ଦିନ

**ଭୁବନେଶ୍ୱର,୨୪।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରତ୍ୟେକ ସୋମବାର ଲୋକଙ୍କ ଦିନ। ସରକାରୀ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣିବାର ଦିନ। ପ୍ରତ୍ୟେକ ସୋମବାର ଅଭିଯୋଗ ଶୁଣୁଥିବା ଅଧିକାରୀମାନେ କାର୍ଯ୍ୟାଳୟରେ ରହିବା ଜରୁରୀ। ଜାନୁଆରୀ ୫ ତାରିଖ, ସୋମବାର ଦିନ ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଳକର୍ଣ୍ଣି ଅଭିଯୋଗ ଶୁଣାଣୀକୁ ବିଳମ୍ବରେ ଆସିଥିବାରୁ ୧୨ ଅଧିକାରୀଙ୍କୁ କାର୍ଯ୍ୟାଳୟକୁ ପ୍ରବେଶ ଅନୁମତି ଦେଲେ ନାହିଁ। ଏଥିରେ ଉପଜିଲ୍ଲାପାଳ, ବିଡିଓ, ସୂଚନା ଲୋକସମ୍ପର୍କ ଅଧିକାରୀ, ସାମାଜିକ ସୁରକ୍ଷା ଅଧିକାରୀ ସାମିଲ ଥିଲେ। ଜିଲ୍ଲାପାଳଙ୍କ ସ୍ପଷ୍ଟ ବାର୍ତ୍ତା ଥିଲା, ସମୟାନୁବର୍ତ୍ତିତା ଓ ଉତ୍ତରଦାୟିତ୍ୱ। ଲୋକଙ୍କ ଅଭିଯୋଗ ଶୁଣିବା ହେଉଛି ପ୍ରଶାସନର ପ୍ରାଥମିକତା। ଜିଲ୍ଲାପାଳଙ୍କ ଏଭଳି ବାର୍ତ୍ତାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ହେଲା। ଏବେ ରାଜ୍ୟ ସରକାର ମଧ୍ୟ ସେହି ଧାରାରେ ଯାଉଛନ୍ତି। ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନେବା ପରେ ଅନୁ ଗର୍ଗଙ୍କ ପ୍ରଥମ ସଚିବ ସ୍ତରୀୟ ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସୋମବାର ଲୋକଙ୍କ



ଅଭିଯୋଗ ଶୁଣିବାର ଦିନ ହୋଇଥିବାରୁ ଲୋକସେବା ଭବନରେ ଅନ୍ୟ କୌଣସି ବୈଠକ ନ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

କେବଳ ରାଜ୍ୟସ୍ତରୀୟ ନୁହେଁ, ଜିଲ୍ଲା ଓ ବ୍ଲକ ସ୍ତରରେ ମଧ୍ୟ ସୋମବାର କୌଣସି ସରକାରୀ ବୈଠକ ନ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରରେ ସୋମବାର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। ହେଲେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହୁଥିବାରୁ ସବୁ ସୋମବାର ଶୁଣାଣି ହୋଇପାରୁନାହିଁ। ହେଲେ ଲୋକସେବା ଭବନରେ ସଚିବମାନେ ସୋମବାର ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। ଜିଲ୍ଲା ସ୍ତରରେ ଜିଲ୍ଲାପାଳ-ଏସପିଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀମାନେ ମଧ୍ୟ ଲୋକଙ୍କ ସମସ୍ୟା ଶୁଣୁଛନ୍ତି। ତେଣୁ ପ୍ରତ୍ୟେକ ସୋମବାର ଅଭିଯୋଗ ଶୁଣାଣୀ ପାଇଁ ଉତ୍ସର୍ଗ କରିବାକୁ ଅନ୍ୟ କୌଣସି ସରକାରୀ ବୈଠକ ନ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ରାଜ୍ୟ ଓ ଜିଲ୍ଲା ସ୍ତରର ଅଧିକାରୀମାନେ ଅଧିକ ସଜାଗ ହେବେ ବୋଲି **(ଶେଷ ପୃଷ୍ଠା ଦେଖନ୍ତୁ)**

# ଆଗୁଆ ହେବ ପଞ୍ଚାୟତ ନିର୍ବାଚନ !



**ଭୁବନେଶ୍ୱର,୨୪।୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଆଗୁଆ ହୋଇପାରେ ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନ। ଆଜି ଭୁବନେଶ୍ୱରରେ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଦେଇଛନ୍ତି ଏହି ସୂଚନା।

ନିଜର ସମର୍ଥକଙ୍କ ସହିତ ବିଜେପିରେ ଯୋଗ ଦେଇଥିବା ରାୟଗଡା ଜିଲ୍ଲା ବିଷମକଟକ ବିଧାନସଭା ନିର୍ବାଚନ ମଣ୍ଡଳୀର କିଛି କଂଗ୍ରେସ ଓ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ସମ୍ବୋଧିତ କରିବା ଅବସରରେ ଶ୍ରୀ ସାମଲ କହିଥିଲେ ଯେ ପଞ୍ଚାୟତ ନିର୍ବାଚନ ଆଉ ୬ ମାସ ରହିଲା। ଜନଗଣନା ପାଇଁ ଧାର୍ଯ୍ୟ ସମୟର ଦୁଇ ତିନି ମାସ ପୂର୍ବରୁ ଆଗୁଆ ନିର୍ବାଚନ ହେବାର ସମ୍ଭାବନା ରହିଛି। ତେଣୁ ଆମକୁ ଦିନ ରାତି ପରିଶ୍ରମ କରିବାକୁ ପଡିବ।

ସେ କହିଥିଲେ, ତଳ ସ୍ତରରେ ସାଧାରଣ ଲୋକ ଉପେକ୍ଷିତ ହେଉଛନ୍ତି। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଆମକୁ ସବୁ ଜିଲ୍ଲା ପରିଷଦ, ସବୁ ବ୍ଲକ, ପଞ୍ଚାୟତ, ମ୍ୟୁନିସିପାଲିଟି ଓ ଏନ୍ଏସି ଏପରିକି ସବୁ ୱାର୍ଡରେ ଆମକୁ ଜିତିବାକୁ ପଡିବ। ବିଜେପି ସବୁଠି ତା'ର ନେତୃତ୍ୱ ତିଆରି କରିବ। ତଳ ସ୍ତରରେ ଥିବା ସାଧାରଣ ସୁବିଧା ଅସୁବିଧା ବୁଝିବା ପାଇଁ ସବୁ ଜାଗାରେ ଆମର ପ୍ରତିନିଧିତ୍ୱ ହେବ। ଯେଉଁ ଟଙ୍କା କେନ୍ଦ୍ର ଓ ରାଜ୍ୟରୁ ଆସୁଛି, ତାହା ତଳ ସ୍ତରରେ ଥିବା ଲୋକଙ୍କ ପାଖରେ ପହଞ୍ଚିବା ଉଚିତ।

ଶ୍ରୀ ସାମଲ କହିଥିଲେ, ପଞ୍ଚାୟତ ନିର୍ବାଚନ ଆଉ ୬ ମାସ ରହିଲା। ଆଜିଠାରୁ ଦିନରାତି ସମାନ କରି ସମସ୍ତେ ପରିଶ୍ରମ କରିବା। ଯେଉଁମାନେ ସରପଞ୍ଚ ଅଛନ୍ତି (ମିଶ୍ରଣ ପର୍ବରେ ବିଜେପିରେ ସାମିଲ ହୋଇଥିବା ବିଜେଡି ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ କେତେ ଜଣ ସରପଞ୍ଚ ମଧ୍ୟ ଅଛନ୍ତି) ଓ ଯେଉଁ ସବୁ କାମ ଗତ ୪ ବର୍ଷରେ କରି ନାହାନ୍ତି, ଏ ୬ ମାସ ଭିତରେ ସେଗୁଡିକୁ ଶେଷ କରିବେ। କାରଣ ନିର୍ବାଚନ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଉଷା ପାଢ଼ୀଙ୍କୁ ଗିରଫ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୨୪।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ହାଇକୋର୍ଟ ସରକାରୀ ଅଧିକାରୀଙ୍କ ଉପରେ କ୍ଷୁବ୍ଧ ହୋଇ ତାରିଖ ପରେ ତାରିଖ ମାଗି ଚାଲିବା ଗ୍ରହଣୀୟ ନୁହେଁ ବୋଲି ଚେତାଇ ଦେଇଛନ୍ତି । ଗତ ଜାନୁଆରୀ ୨୨ ତାରିଖ ପରେ ମାମଲା ଶୁଣାଣି ହେବାର ଥିଲା । ସେହିଦିନ ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀ ଓ ଅନ୍ୟ ଅଧିକାରୀଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ଅଧିକାରୀମାନେ ଅଦାଲତଙ୍କ ଠାରୁ ପୁଣି ସମୟ ଲୋଡ଼ିଥିଲେ । ଏହାକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି । ତାରିଖ ପରେ ତାରିଖ ମାଗି ଚାଲିବା ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ମତ ଦେବା ସହ ଏହା

**ତାରିଖ ପରେ ତାରିଖ ମାଗି ଚାଲିବା ଗ୍ରହଣୀୟ ନୁହେଁ**

ଅଦାଲତଙ୍କ ଆଦେଶର ଅବମାନନା ବୋଲି କହିଛନ୍ତି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ସଚିବ ଉଷା ପାଢ଼ୀଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ପୋଲିସ କମିଶନର ସଚିବ ଉଷା ପାଢ଼ୀ ଓ ଅନ୍ୟମାନଙ୍କୁ ଗିରଫ କରି ଆସନ୍ତା ୩୦ ତାରିଖ ସକାଳ ସାଢ଼େ ୧୦ଟାରେ ଅଦାଲତରେ ହାଜର କରାଇବେ । ଅବଶ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଯଦି ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ହୋଇଥାଏ, ତାହେଲେ ଉଷା ପାଢ଼ୀ ଓ ଅନ୍ୟ ଅଧିକାରୀମାନଙ୍କୁ ହାଜର କରାଇବା ଆବଶ୍ୟକ ନାହିଁ । ପିଲୋନା ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ ଡିକେ ଶ୍ରୀପଦ ଏବଂ ଜଷ୍ଟିସ ମୃଗାଙ୍ଗ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି ୨୦୨୫ ଡିସେମ୍ବର ୧୨ରେ ହେବାକୁ ଧାର୍ଯ୍ୟ ହୋଇଥିଲା । ପ୍ରତି ପକ୍ଷ ଜାବବ ପାଇଁ ସମୟ ଲୋଡ଼ିଥିଲେ । ତେଣୁ ଅଦାଲତ ଜାନୁୟାରୀ ୨୨ ତାରିଖକୁ ସମୟ ଧାର୍ଯ୍ୟ କରିଥିଲେ । କିନ୍ତୁ ୨୨ ତାରିଖରେ ମଧ୍ୟ ପ୍ରତିପକ୍ଷ ସମୟ ଲୋଡ଼ିଥିଲେ । ହାଇକୋର୍ଟ ଆଦେଶରେ କହିଛନ୍ତି ଯେ, ଏହିସବୁ **(ଶେଷ ପୃଷ୍ଠା ଦେଖନ୍ତୁ)**

# ନବୀନବାବୁ ମିଛ କହିଛନ୍ତି: ଅରବିନ୍ଦ

**ଭୁବନେଶ୍ୱର,୨୪।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଦଳରୁ ନିଲମ୍ବନ ପରେ ପ୍ରଥମଥର ନିର୍ବାଚନ ମଣ୍ଡଳୀରେ ଶକ୍ତି ପ୍ରଦର୍ଶନ କରିଛନ୍ତି ବିଧାୟକ ଅରବିନ୍ଦ ମହାପାତ୍ର। ଶକ୍ତି ପ୍ରଦର୍ଶନ ସହ ନବୀନଙ୍କୁ ନିଶାଣ କରିଛନ୍ତି ଯୁବ ବିଧାୟକ ଅରବିନ୍ଦ।

ବିଜୁ ଜନତା ଦଳରୁ ନିଲମ୍ବନ ପରେ ପ୍ରଥମ ଥର ପାଇଁ ନିର୍ବାଚନ ମଣ୍ଡଳୀ ଡେରାବିଶ ବ୍ଲକରେ ଆଜି ଶକ୍ତି ପ୍ରଦର୍ଶନ କରିଛନ୍ତି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର। ଏକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବକୁ ଯିବା ପୂର୍ବରୁ ବିରାଟ ମୋଟର ସାଇକେଲ ଶୋଭାଯାତ୍ରା କରିଥିଲେ ଅରବିନ୍ଦ। ଶୋଭାଯାତ୍ରାରେ ଅରବିନ୍ଦଙ୍କ ଶତାଧିକ ସମର୍ଥକ ଯୋଗଦେଇଥିଲେ। ଡେରାବିଶ ବ୍ଲକର ଚାନ୍ଦୋଳ ବଜାର, କାକଟିଆ ଛକ ଦେଇ ଗଣେଶ୍ୱରପୁର ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ ଅରବିନ୍ଦ। ଏହାସହ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବରେ ଯୋଗଦେବା ପୂର୍ବରୁ ନିଲମ୍ବନକୁ ନେଇ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ନବୀନ ବାବୁ ଓ ତାଙ୍କ ସହ ଅନ୍ୟମାନେ ମିଛ କହିଛନ୍ତି। ୧୫ରୁ ୨୧ ତାରିଖ ମଧ୍ୟରେ ୮ ପ୍ରକାରର ଆରୋପ ଲଗାଇଛନ୍ତି। ମୋ ନାଁ ଖରାପ କରିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ମୁଁ ବିଚଳିତ ନୁହେଁ। ପାଟକୁରାବାସୀ ଜିତାଇଛନ୍ତି, ବିଧାନସଭାରେ ପାଟକୁରାର ସ୍ୱର ଉଠାଇବି।

# ସାହସର ସହ ଲଢ଼ି ବାଘକୁ ମାରିଲା ଯୁବକ

**ନରସିଂହପୁର,୨୪।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

 କଟକ ଜିଲ୍ଲା ନରସିଂହପୁର ପଶ୍ଚିମ ବନାଞ୍ଚଳ ଅଧୀନ ଅନନ୍ତପ୍ରସାଦ ଗାଁରେ ମଣିଷ ସହ ଲଢ଼େଇରେ ଏକ କଲରାପତରିଆ ବାଘର ମୃତ୍ୟୁ ଘଟିଛି। ନିଜ ଜୀବନ ବଞ୍ଚାଇବା ପାଇଁ ବାଘ ସହିତ ସଂଘର୍ଷ କରି ଗୁରୁତର ଆହତ ହୋଇଥିବା ଯୁବକଙ୍କ ନାଁ ଶୁଭ୍ରାଂଶୁ ଭୋଳ। ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



ଗତକାଲି ଶୁଭ୍ରାଂଶୁ ତାଙ୍କ ଫାର୍ମ ହାଉସ୍‌ରେ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧୨ଟା ବେଳେ ସେ କୁକୁର ଭୋକୁଥିବା ଶୁଣି ଦ୍ୱାର ଫିଟାଇବା ମାତ୍ରେ କଲରାପତରିଆ ବାଘଟି ତାଙ୍କୁ ଆକ୍ରମଣ କରିଥିଲା। ଘର ଭିତରେ ବାଘ ତାଙ୍କୁ ରାମ୍ପୁଡି ଚାଲିଥାଏ। ସେ ନିଜ ଜୀବନ ବଞ୍ଚାଇବାକୁ ପ୍ରାଣପଣେ ଉଦ୍ୟମ କରୁଥା'ନ୍ତି। ବାଘ ସହିତ ସଂଘର୍ଷ ବେଳେ ଶୁଭ୍ରାଂଶଙ୍କ ନିଜର ପଡିଲା ବାସନ ଷ୍ଟାଣ୍ଡରେ ରଖାଯାଇଥିବା ପରିବା କଟା ଛୁରୀ ଉପରେ। ସେ ସେହି ଛୁରୀରେ ବାଘକୁ ଆକ୍ରମଣ କରିଥିଲେ। ବାଘ ତାଙ୍କୁ ରାମ୍ପୁଡି ଚାଲିଥିବା ବେଳେ ସେ ଛୁରୀରେ ବାଘକୁ ଭୁଷି ଚାଲିଥିଲେ। କିଛି ସମୟ ପରେ ବାଘ ନିସ୍ତେଜ ହୋଇ ତଳେ ପଡିଯାଇଥିଲା। ତା'ପରେ ଶୁଭ୍ରାଂଶୁ ଘରର ଅନ୍ୟ ଏକ ରୁମକୁ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଏମଭିଏକୁ ଫେରିବେ ଅଜିତ: ସଞ୍ଜୟ

**ମୁମ୍ବାଇ,୨୪।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ଶନିବାର କହିଛନ୍ତି ଯେ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ଦୁଇ ଦଳ ଏକାଠି ହେବେ ଓ ମହାରାଷ୍ଟ୍ରର ଅଜିତ ପାୱାର ମହାବିକାଶ ଅଘାଡ଼ି (ଏମଭିଏ)କୁ ଫେରିବେ। କାରଣ ସେ ଏବେ ନିଜ ପରିବାରକୁ ସମର୍ଥନ କରୁଛନ୍ତି। ସାମ୍ବାଦିକଙ୍କ ସହ ଆଲୋଚନାରେ ରାଉତ କହିଛନ୍ତି ଯେ ଅଜିତ ପାୱାରଙ୍କ ଏନସିପିର ଶରଦ ପାୱାରଙ୍କ ଏନସିପିରେ ବିଲୟ ହୋଇଯାଇଛି। କାରଣ ଉଭୟ ପାର୍ଟି ରାଜ୍ୟରେ ଆଗାମୀ ଜିଲ୍ଲା ପରିଷଦ ଓ ପଞ୍ଚାୟତ ସମିତି ନିର୍ବାଚନକୁ ଘଡ଼ି ନିର୍ବାଚନ ଚିହ୍ନରେ ଲଢିବେ।

ସଞ୍ଜୟ ରାଉତ କହିଛନ୍ତି ଯେ ଯଦିଓ ଅଜିତ ପାୱାର ମହାଯୁତୀର ସହଯୋଗୀ ହେଲେ ତାଙ୍କର ଏମଭିଏ ସହିତ ମଧ୍ୟ ସମ୍ପର୍କ ରହିଛି। ଶରତ ପାୱାର ଓ ଅଜିତ ପାୱାର ଏମଭିଏରେ ଏକାଠି ଆସିବେ। କାରଣ ଅଜିତ ପାୱାର ଏକ ସମୟରେ ଦୁଇଟି ଡଙ୍ଗାରେ ଗୋଡ ରଖି ପାରିବେନି। ୨୦୨୪ରେ ଅଜିତ ପାୱାର ତାଙ୍କ ୮ ସମର୍ଥକ ଏମଏଲଏଙ୍କ ସହିତ ତତ୍କାଳୀନ ଏକନାଥ ସିନ୍ଦେ ସରକାରରେ ସାମିଲ ହୋଇଯାଇଥିଲେ। ଏଣୁ ଏନସିପି ବିଭାଜିତ ହୋଇଯାଇଥିଲା। ଅଜିତ ପାୱାରଙ୍କ ନେତୃତ୍ୱାଧୀନ ପାର୍ଟିକୁ ଘଡ଼ି ନିର୍ବାଚନ ଚିହ୍ନ ଓ ପାର୍ଟି ମିଳିଥିଲା ଓ ଶରଦ ପାୱାରଙ୍କ ପାର୍ଟିକୁ ଏନସିପି (ଶରଦ) କୁହାଯାଉଛି।

ଏନସିପିର ବିଭିନ୍ନ ଗୋଷ୍ଠୀ ଚଳିତମାସ ପ୍ରାରମ୍ଭରେ ପୁଣେ ଓ ପିମ୍ପରୀ-ଚିଞ୍ଚୱାଡ ନଗରନିଗମ ନିର୍ବାଚନ ଲାଗି ମେଣ୍ଟ କରିଥିଲେ ଓ ଏବେ ସେମାନେ ନଗରନିଗମ ନିର୍ବାଚନର ୫ ଫେବୃଆରୀରେ ହେବାକୁ **(ଶେଷ ପୃଷ୍ଠା ଦେଖନ୍ତୁ)**




ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଗଣତନ୍ତ୍ର ଦିବସ ପ୍ୟାରେଡ୍‌ର ଫୁଲ୍ ଡ୍ରେସ୍ ରହର୍ସାଲରେ ସାମିଲ ହୋଇଥିବା ଆୟୁଷ ମନ୍ତ୍ରାଳୟର ପ୍ରଜ୍ଞାପନ ମେଢ଼।

# ୧୮,୦୦୦ ପିଜି ସିଟ୍ ଖାଲି

**ନୂଆଦିଲ୍ଲୀ,୨୪।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଡାକ୍ତରଙ୍କ ସ୍ନାତକୋତ୍ତର ପ୍ରବେଶ ପାଇଁ ଏନ୍ଇଇଟି ପିଜି ପରୀକ୍ଷାକୁ ନେଇ ବିବାଦ ଦେଖାଯାଇଛି। ଚଳିତ ବର୍ଷ ଦ୍ୱିତୀୟ ରାଉଣ୍ଡ କାଉନସେଲିଂ ପରେ ସାରା ଦେଶର ମେଡିକାଲ କଲେଜରେ ୧୮,୦୦୦ ପିଜି ସିଟ୍ ଖାଲି ପଡିଛି। ଏହାପରେ ଏସସି/ଏସଟି/ଓବିସି ପରି ସଂରକ୍ଷିତ ବର୍ଗର ଛାତ୍ରଙ୍କ ନିଟ୍ ପିଜି - ୨୦୨୫ ପରୀକ୍ଷା କଟ୍-ଅଫ୍ ଜିରୋ ପର୍ସେଣ୍ଟାଇଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ନେଗେଟିଭ ୪୦ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଆଡମିସନ ମିଳିପାରିବ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଅନ୍ତର୍ଗତ ରାଷ୍ଟ୍ରୀୟ ପରୀକ୍ଷା ବୋର୍ଡ (ଏନ୍‌ବିଇ) ୧୩ ଜାନୁଆରିରେ ଏକ ନୋଟିଫିକେସନ ଜାରି କରିଥିଲା, ଯେଉଁଥିରେ ପିଜି (ଏମଡି/ଏମ୍ଏସ୍)ରେ ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଖାଲି ଆସନରେ ପ୍ରବେଶ ପାଇଁ ଯୋଗ୍ୟତାକୁ ସହଜ କରାଯାଇଛି।

ନୂଆ କଟ୍-ଅଫ୍ ଅପଡେଟରେ ସାଧାରଣ ଓ ଆର୍ଥିକ ଦୁର୍ବଳ ବର୍ଗ ପାଇଁ ଯୋଗ୍ୟତା ୭ ପର୍ସେଣ୍ଟାଇଲ ପର୍ଯ୍ୟନ୍ତ କରିଦିଆଯାଇଛି। ଦିବ୍ୟାଙ୍ଗ ବର୍ଗ (ପିଡବ୍ଲ୍ୟୁଡି) ୫ ପର୍ସେଣ୍ଟାଇଲ ଓ ଏସସି/ଏସଟି/ଓବିସି ପରି ସଂରକ୍ଷିତ ବର୍ଗର ଛାତ୍ରଙ୍କ କଟ୍-ଅଫ୍ ଜିରୋ ପର୍ସେଣ୍ଟାଇଲ ପର୍ଯ୍ୟନ୍ତ କରିଦିଆଯାଇଛି। ଏହାପୂର୍ବରୁ ସାଧାରଣବର୍ଗ ପାଇଁ ପାଇଁ କଟ୍‌ଅଫ୍- ୫୦ ପର୍ସେଣ୍ଟାଇଲ, ପିଡବ୍ଲୁଡି ବର୍ଗ ପାଇଁ ୪୫ ପର୍ସେଣ୍ଟାଇଲ ଓ ସଂରକ୍ଷିତ ବର୍ଗ ପାଇଁ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଡ୍ରପ୍‌ଆଉଟ୍ ସମସ୍ୟା ଏବେ ବି ଉଦ୍‌ବେଗଜନକ

**ଭୁବନେଶ୍ୱର,୨୪।୧: ତଥ୍ୟ**

'ସଭିଏଁ ପଢ଼ିବେ-ସଭିଏଁ ବଢ଼ିବେ' ନାରା ଦେଇ ୫ରୁ ୧୪ବର୍ଷ ବୟସ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ବିଦ୍ୟାଳୟରେ ପାଠ ପଢ଼ାଇବା ଲାଗି ସରକାର ବିଭିନ୍ନ ଯୋଜନା ପ୍ରଚଳନ କରୁଥିବାବେଳେ ଅଧାରୁ ପାଠ ଛାଡୁଥିବା ସମସ୍ୟାର କିନ୍ତୁ ପୂର୍ଣ୍ଣ ସମାଧାନ ହୋଇପାରୁ ନାହିଁ। ରାଜ୍ୟର କେତେକ ଜିଲ୍ଲାରେ ୨୦ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମେଟ୍ରିକ ପରୀକ୍ଷା ଦେବା ପୂର୍ବରୁ ପାଠପଢ଼ାରେ ଡୋରି ବାନ୍ଧୁଛନ୍ତି। ପାଠପଢ଼ା ଛାଡୁଥିବା ପିଲାଙ୍କ ଭିତରେ ଝିଅମାନଙ୍କ ସଂଖ୍ୟା ବି ଢେର ଅଧିକ ରହୁଛି।

ସରକାରୀ ହିସାବ ମୁତାବକ ୨୦୨୧-୨୨ ବର୍ଷରେ ନବମ, ଦଶମ ଶ୍ରେଣୀରେ ୧୬ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ପାଠପଢ଼ା ଛାଡ଼ିଥିଲେ। ସେହିଭଳି ୨୦୨୨-୨୩ ବର୍ଷରେ ଏମାନଙ୍କ ହାର ପାଖାପାଖି ୧୮ ପ୍ରତିଶତ ରହିଥିଲା। ୨୦୨୩-୨୪ ବର୍ଷରେ କିନ୍ତୁ ୧୨.୮ ପ୍ରତିଶତ ପିଲା ଅଧାରୁ ପାଠପଢ଼ା ଛାଡ଼ିଥିବାବେଳେ ୨୦୨୪-୨୫ ବର୍ଷରେ ଏହି ହାର ୧୫ ପ୍ରତିଶତ ରହିଛି।

ଅନୁଗୁଳ ଜିଲ୍ଲାରେ ୨୦୨୪-୨୫ ବର୍ଷରେ ନବମ ଓ ଦଶମ ଶ୍ରେଣୀ ସ୍ତରରେ ୨୦ ପ୍ରତିଶତ ପିଲା ପାଠପଢ଼ା ଛାଡ଼ିଥିବାବେଳେ ଏହି ହାର ଭଦ୍ରକ ଜିଲ୍ଲାରେ ୨୧.୯, ବୌଦ୍ଧ ଜିଲ୍ଲାରେ ୨୩.୮, ଗଜପତିରେ ୨୧



ପ୍ରତିଶତ ଥିଲା। ସେହିପରି ଝାରସୁଗଡ଼ା ଜିଲ୍ଲାରେ ମେଟ୍ରିକ ସ୍ତରରେ ଡ୍ରପ୍‌ଆଉଟ୍ ହାର ଉକ୍ତ ବର୍ଷରେ ୨୦.୨ ପ୍ରତିଶତ ଥିବାବେଳେ କେନ୍ଦୁଝରରେ ୨୨, କୋରାପୁଟରେ ୨୧.୫, ମାଲକାନଗିରିରେ ୨୧.୩, ନବରଙ୍ଗପୁରେ ୨୯.୭, ନୂଆପଡ଼ାରେ ୨୩.୨ ଓ ରାୟଗଡ଼ାରେ ୨୦.୨ ପ୍ରତିଶତ ଥିଲା। ଏହି ସରକାରୀ ପରିସଂଖ୍ୟାନରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଏବେ ବି ଓଡ଼ିଶାରେ ବହୁ ଛାତ୍ରଛାତ୍ରୀ ଅଧରୁ ପାଠ ଛାଡୁଛନ୍ତି।

ସମ୍ବିଧାନରେ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ପାଠ ପଢ଼ାଇବା ବ୍ୟବସ୍ଥା ଥିବାବେଳେ ଶିକ୍ଷା ଅଧିକାର ଆଇନ୍‌ରେ ଏହାକୁ ସୁନିଶ୍ଚିତ କରାଯାଇଛି। ଏଥିଲାଗି ପିଲାଟିଏ ପ୍ରାଥମିକ ବିଦ୍ୟାଳୟରେ ଭର୍ତ୍ତି ହେବା ପୂର୍ବରୁ ଅଙ୍ଗନବାଡ଼ି କେନ୍ଦ୍ରରେ ତାହାର ପୋଷଣ ଦିଗରେ ଧ୍ୟାନ ଦିଆଯାଏ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ମାଗଣାରେ ମଧ୍ୟାହ୍ନ ଭୋଜନ, ପାଠ୍ୟ ଉପକରଣ ଓ ପୋଷାକ ଆଦି ଯୋଗାଯିବାର ବ୍ୟବସ୍ଥା ରହିଛି। ଏହାଛଡ଼ା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗଗୁଡ଼ିକ ମାଧ୍ୟମରେ ବହୁ ସଂଖ୍ୟକ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ସେଠାରେ ବି ପିଲାମାନଙ୍କ ଲାଗି ଷ୍ଟାଇପେଣ୍ଡର ବ୍ୟବସ୍ଥା କରି ପାଠ ପଢ଼ାଯାଉଛି।

ସରକାରଙ୍କ ସମସ୍ତ ଯୋଜନା ସତ୍ତ୍ୱେ ଅଧାରୁ ପାଠ ଛାଡ଼ିବା ସମସ୍ୟା ଲାଗି ରହିଛି। ଯେଉଁମାନେ ପାଠ ଛାଡ଼ିଦେଉଛନ୍ତି ସେମାନଙ୍କୁ ପୁଣି କିଭଳି ବିଦ୍ୟାଳୟକୁ ଫେରାଇ ଅଣାଯାଇପାରିବ ସେ ଦିଗରେ ବି ସରକାରୀ କାର୍ଯ୍ୟକ୍ରମମାନ ଚାଲୁଛି। ଏହା ସତ୍ତ୍ୱେ ହଜାର ହଜାର ଛାତ୍ରଛାତ୍ରୀ ମେଟ୍ରିକ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୫ ଜାନୁଆରୀ ୨୦୨୬ । ରବିବାର




## ହୋମଗାର୍ଡଙ୍କୁ ଆକ୍ରମଣ ଘଟଣାରେ ଦୁଇ କୋର୍ଟ ଚାଲାଣ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଭଣ୍ଡାରିପୋଖରୀ ଥାନା ଅଧୀନସ୍ଥ ମଞ୍ଜୁରୀ ରୋଡ୍ ଲକ୍ଷ୍ମୀବଜାରରେ କାର୍ଯ୍ୟରତ ଜଣେ ହୋମଗାର୍ଡଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିବା ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏଠାରେ ସୂଚନାଯୋଗ୍ୟ ବୁଧବାର ବିଳମ୍ବିତ ରାତିରେ ହୋମଗାର୍ଡ ସୁଶାନ୍ତ ସାହୁଙ୍କ ଉପରେ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଆକ୍ରମଣରେ ସୁଶାନ୍ତ ଗୁରୁତର ଆହତ ହୋଇଥିଲେ । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଥାନା କମାଣ୍ଡ ସାର୍ଟିଫିକେଟ୍ ବଳରେ ସୁଶାନ୍ତ ସେଦିନ ମଞ୍ଜୁରୀରୋଡ୍ ବଜାର ଡ୍ୟୁଟିରେ ଥିଲେ । ଏକ ଅର୍ଥଲଗାଣକାରୀ ସଂସ୍ଥାର କର୍ମଚାରୀମାନେ ଓଡି ୦ ୨ ସିଏସ-୦୧୮୮ କାର୍‌ରେ ଆସୁଥିବାବେଳେ ରାତି ପ୍ରାୟ ୧ଟା ସମୟରେ ବିଶ୍ୱଜିତ୍ କର, ଅନୀଲ କର, ରଂଜିତ କର ଓ ଅନ୍ୟ ୪/୫ ଜଣ ବ୍ୟକ୍ତି ବାଡି, କତା ଓ ଛୁରୀ ଭଳି ମାରଣାସ୍ତ୍ର ସହ ଆସି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଡ୍ୟୁଟିରେ ଥିବା ହୋମଗାର୍ଡ ସୁଶାନ୍ତ ଏହାକୁ ବିରୋଧ କରିବାରୁ ସେମାନେ ସୁଶାନ୍ତଙ୍କ ସହ କାର୍‌ରେ ଥିବା ସମସ୍ତ କର୍ମଚାରୀଙ୍କୁ ଅତର୍କିତ ଆକ୍ରମଣ କରି ମୋବାଇଲ୍, ସ୍କୁଟି, ସୁନାଚେନ୍, ନଗଦ ଅର୍ଥ ଛଡାଇ ନେଇଥିଲେ । ଜଣେ କର୍ମଚାରୀଙ୍କୁ ମଧ୍ୟ ଅପହରଣ କରିନେଇଥିଲେ । ଏହି ଆକ୍ରମଣରେ ଗୁରୁତର ସୁଶାନ୍ତ ସଂଜ୍ଞାହୀନ ଅବସ୍ଥାରେ ପଡିଥିବାବେଳେ କିଛି ସ୍ଥାନୀୟ ବ୍ୟକ୍ତି ତାଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ । ଏହାପରେ ସୁଶାନ୍ତ ଅଭିଯୋଗ ଆଧାରରେ ଥାନାରେ କେଶ୍ ନଂ ୩୪/୨୬ ନଂ ମୂଳେ ଝୁଟୁଣା ପଞ୍ଚାୟତ ବାବଲପୁର ଗ୍ରାମର ବିଶ୍ୱଜିତ୍ କର (୪୦), ଅନୀଲ କର (୩୭), ରଣଜିତ୍ କର (୨୫) ଓ ଅନ୍ୟ ଅଜାଣ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ପୋଲିସ୍ ଅଭିଯୁକ୍ତ ବିଶ୍ୱଜିତ୍ ଓ ଅନୀଲଙ୍କୁ ଗିରଫ କରି ସୁଶାନ୍ତଙ୍କ ମୋବାଇଲ୍ ଉଦ୍ଧାର କରିଛି । ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଯୁବକଙ୍କୁ ପିଟି ପିଟି ହତ୍ୟା

**ଜଗତସିଂହପୁର: ଏକ୍ସପ୍ରେସ ନ୍ୟୁଜ୍**

ଯୁବକଙ୍କୁ ପିଟି ପିଟି ହତ୍ୟା ଅଭିଯୋଗ । ଶବ ରଖି ରାସ୍ତା ଅବରୋଧ କଲେ ମୃତକଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ । ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ପୋଲିସର ଲାଠି ଚାର୍ଜ । ଶୁକ୍ରବାର ଜଗତସିଂହପୁର ସଦର ଥାନା ହାଟ ବଜାରଠାରେ ସୃଷ୍ଟି ହୋଇଛି ଏଭଳି ଅପ୍ରୀତିକର ପରିସ୍ଥିତି । ତେବେ ଘଟଣାସ୍ଥଳରେ ଅତିରିକ୍ତ ପହଁଞ୍ଚି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା ।

ସୂଚନା ଅନୁସାରେ, ଜିଲ୍ଲା ସଦର ଥାନା ଚାଟରା ଗାଁରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ । ମୃତ ଯୁବକ ଚାଟରା ଗାଁର ବାସୁଦେବ ଦାସ । ଅବଶ୍ୟ ସଦର ଥାନାରେ ଏତଲା ପରେ ପୋଲିସ ଦୁଇ ଜଣଙ୍କୁ ଅଟକ ରଖି ପଚରା ଉଚରା ଜାରି ରଖିଛି । ହେଲେ କ୍ଷତି ପୂରଣ ଦାବିରେ ମୃତକଙ୍କ ସମ୍ପର୍କୀୟ ଓ ଗ୍ରାମବାସୀମାନେ ହାଟ ବଜାରଠାରେ ଶବ ରଖି ରାସ୍ତା ଅବରୋଧ କରିଥିଲେ ।

ତେବେ ଘଟଣାସ୍ଥଳରେ ଉତ୍ତେଜନା ହେବାରୁ ପୋଲିସ ମୁତୟନ କରାଯାଇଥିଲା । ମାତ୍ର ଉତ୍ତେଜନା ବୃଦ୍ଧି ପାଇବାରୁ ଏହାକୁ ଦୃଷ୍ଟିରେ ରଖି ପୋଲିସକୁ ମୃଦୁ ଲାଠି ଚାଳନା କରିବାକୁ ପଡ଼ିଥିଲା । ଘଟଣାସ୍ଥଳରେ ଅତିରିକ୍ତ ଏସପି ସତ୍ୟବ୍ରତ ଦାସ ପହଁଞ୍ଚି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା ।

## ମିଲରଙ୍କ ଜିଦ ଆଗରେ ଚାଷୀ ନାଚାର

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**



ଖରିଫ ଧାନ କ୍ରୟ ପାଇଁ ସରକାର ପ୍ରଶାସନ ପକ୍ଷରୁ କଟନିଛଟନି ବନ୍ଦ ନିମନ୍ତେ ପ୍ରଶାସନ ଜୋର ଦେଉଥିବାବେଳେ ମିଲରଙ୍କ ଉପରେ ପ୍ରଶାସନ ପକ୍ଷରୁ ଅଙ୍କୁଶ ନ ଥିବାରୁ ମିଲରଙ୍କ ଜିଦ ଆଗରେ ଚାଷୀ ନାଚାର । ବାଧହୋଇ କଟନିଛଟନୀରେ ଦେଉଛନ୍ତି ଧାନ । ମଣ୍ଡିରେ ଧାନ ନେବା ପାଇଁ ଚାଷୀଙ୍କ ମୋବାଇଲକୁ ମେସେଜ ଆସିଥିବା ନେଇ ବିଭିନ୍ନ ଗଣମାଧମରେ ଖବର ପ୍ରସାରଣ ପରେ ଚେଇଁ ଉଠିଲା ପ୍ରଶାସନ । ମାହାଙ୍ଗା ବ୍ଲକରେ ୧୨ଟି ସେବା ସମବାୟ ସମିତି ସହିତ ଏକ ଏସଏଚଜି ଗ୍ରୁପକୁ ମିଶାଇ ୧୩ଟି ମଣ୍ଡିରେ ଚାଷୀଙ୍କ ଠାରୁ ଧାନ କ୍ରୟ କରିବା ପାଇଁ ୨ ଲକ୍ଷ ୨୦ ହଜାର ମେଟ୍ରିକ ଧାନ ଉଠାଇବା ପାଇଁ ଧାର୍ଯ୍ୟ କରାଯାଇଛି । ପ୍ରଶାସନ ପକ୍ଷରୁ ୨୧ ଓ ୨୨ ଦୁଇ ଦିନରେ ମାହାଙ୍ଗା ବ୍ଲକରୁ ୮ଟି ମଣ୍ଡିରୁ ଧାନ ଉଠିଥିବା ବେଳେ ଆଉ ୫ଟି ମଣ୍ଡିରୁ ଧାନ ଉଠି ନଥିବା ଜଣାପଡିଛି । ଜାନୁୟାରୀ ମାସ ଶେଷ ହେବାକୁ ବସିଥିବାବେଳେ କାଁ ଭାଁ ଚାଷୀ ଦୁଇ ଦିନରେ ଧାନ ଦେଉଥିବାରୁ ମଣ୍ଡିରେ ଧାର୍ଯ୍ୟ ସମୟ ପର୍ଯ୍ୟନ୍ତ ଚାଷୀମାନଙ୍କର ଟାର୍ଗେଟ ଦିଆଯାଇଥିବା ଧାନ ଉଠିବା ନେଇ ଆଶଙ୍କା ଦେଖା ଦେଇଥିବା ଏବଂ ଚାଷୀଙ୍କର ଅଭାବୀ ବିକ୍ରିର ସମ୍ମୁଖିନ ହେଉଥିବାବେଳେ ବ୍ୟବସାୟୀମାନେ ମାଲାମାଲ୍ ହେଉଛନ୍ତି । ଗତ ବର୍ଷ ଅଦିନିଆ ବର୍ଷାରେ ଧାନ କ୍ଷତିଗ୍ରସ୍ତ ହୋଇଥିବାବେଳେ ମିଲରମାନେ ଧାନର ମାନ ଏଫଏକ୍ୟୁ ନଥିବା କହି ସେମାନଙ୍କ ଠାରୁ ୬ କିଗ୍ରା ଧାନ କାଟୁଥିଲା । କିନ୍ତୁ ଚଳିତ ବର୍ଷ ଧାନ ଏଫଏକ୍ୟୁ ଥିବାବେଳେ ମିଲରମାନଙ୍କ ଜୁଲମରେ ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ୬ କିଗ୍ରା କାଟିବା ପାଇଁ ଜିଦ ଧରିବାରୁ ଚାଷୀମାନେ କ୍ଷତି ସହୁଥିଲେ ମଧ୍ୟ ବାଧ ହୋଇ ଧାନ ବିକ୍ରୟ କରୁଛନ୍ତି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କଟନିଛଟନି ବନ୍ଦ ପାଇଁ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

## ଗଛକୁ ପିଟିଲା ବାଇକ୍, ଜଣେ ମୃତ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ଯୁବକ ମୃତ୍ୟୁବରଣ କରିଥିବାବେଳେ ଅନ୍ୟଜଣେ ଗୁରୁତର ଭାବେ କଟକ ସ୍ଥାନାନ୍ତର ହୋଇଛି । ଉଭୟ ଦୁଇ ଯୁବକଙ୍କ ଘର ଭଦ୍ରକ ବାଉଦପୁର ଅଞ୍ଚଳର ଗୋଲାସାହିରେ ବୋଲି ଜଣାପଡିଛି । ଉଭୟ ଯୁବକ ଜଣେ ସଂପର୍କୀୟଙ୍କ ଘରକୁ ଯାଇ ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ ଗେଲଟୁଆରୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି । ଉଭୟ ଯୁବକ ଓଡି୨ ୨ଏନ-୭୭୧୦ ଏକ ଟିଭିଏସ୍ ଆପାଚି ବାଇକ୍‌ରେ ଫେରୁଥିବାବେଳେ ଏକ ଜନଶୂନ୍ୟ ମୋଡରେ ଭାରସାମ୍ୟ ହରାଇ ଏକ ନଡିଆ ଗଛକୁ ପିଟିଥିଲେ । ଫଳରେ ଘଟଣାସ୍ଥଳରେ ଲୁପୁନ ଗିରିଙ୍କ ମୃତ୍ୟୁ ହୋଇଥିବାବେଳେ ଦିଲ୍ଲୀପ ଗିରି ଗୁରୁତର ଭାବେ ପ୍ରଥମେ ଭଦ୍ରକ ଜିଲ୍ଲା ମେଡିକାଲ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି । ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ, ଯୁବକ ଗିରଫ

**ଗୋପାଳପୁର: ଏକ୍ସପ୍ରେସ୍ ନ୍ୟୁଜ୍**

ନାବାଳିକାକୁ ଅପହରଣ ସହ ଦୁଷ୍କର୍ମ ଅଭିଯୋଗରେ ଜଣେ ଯୁବକକୁ ଗୋପାଳପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ଯାଜପୁର ଥାନା ଜେନାପୁର ବାଲିସାହିର ବସନ୍ତ ମଲ୍ଲିକ(୨୧) ବୋଲି ପୁଲିସ କହିଛି ।

ସୂଚନା ପ୍ରକାରେ ବ୍ରହ୍ମପୁର ଗୋସାଣିନୂଆଁଗା ଥାନା ଅଞ୍ଚଳର ୧୪ ବର୍ଷିଆ ନାବାଳିକା ଜଣକ ଗତବର୍ଷ ଡିସେମ୍ବର ୨୮ ତାରିଖରେ ଗୋପାଳପୁର ପିଉସୀଙ୍କ ଘରକୁ ଆସିଥିଲା । ପରେ ପିଉସୀ ଓ ପିଉସା ବ୍ରହ୍ମପୁର ଯିବା ପାଇଁ ବସ୍‌ରେ ବସାଇଥିଲେ । କିନ୍ତୁ ନାବାଳିକା ଘରକୁ ଫେରି ନଥିବାରୁ ବହୁ ଖୋଜାଖୋଜି ପରେ ଗୋପାଳପୁର ଥାନାରେ ୨୯ ତାରିଖରେ ଗୋସାଇମା' ଲିଖିତ ଅଭିଯୋଗ କରିଥିଲେ ।

ଅଭିଯୋଗ ପ୍ରକାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପରେ ଅଭିଯୁକ୍ତ ଯାଜପୁର ଥାନା ଜେନାପୁର ବାଲିସାହି ଅଞ୍ଚଳର ବସନ୍ତ ମଲ୍ଲିକ ନାବାଳିକାକୁ ଅପହରଣ କରି ନେଇଥିବା କୌଣସି ସୂତ୍ରରୁ ପୁଲିସ ଖବର ପାଇଁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଏସ.ଆଇ ଭବାନୀଶଙ୍କର ନାୟକ, ଏଏସଆଇ ମେଘନାଦ ସାହୁ, ମହିଳା ପୁଲିସ ପଦ୍ମିନୀ ପାତ୍ର ଢେଙ୍କାନାଳ ଜିଲ୍ଲା ବିଧାରପୁର ଗ୍ରାମରୁ ଉଭୟଙ୍କୁ କାବୁ କରି ଥାନାକୁ ଆଣିଥିଲେ । ପରେ ନାବାଳିକାର ଡାକ୍ତର ମାଇନା, ବୟାନ ରେକର୍ଡ କରି ଅଭିଯୁକ୍ତ ବସନ୍ତକୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି ।

## ସଡକ ସୁରକ୍ଷା ସଚେତନତା

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟରେ ଚାଲିଥିବା ସଡକ ସୁରକ୍ଷା ମାସ ପାଳନ ଅବସରରେ ଢେଙ୍କନାଳ ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶୀଷ ସାହୁଙ୍କ ଉଦ୍ୟମରେ ଗତ ୨୧ ତାରିଖ ପୂର୍ବାହ୍ନ ସାଢେ ୮ଟା ସମୟରେ ଏକ ବାଇକ୍ ରାଲି ଢେଙ୍କାନାଳ ମିନି ଷ୍ଟାଡିୟମ୍ ନିକଟରୁ ସଡକ ସୁରକ୍ଷା ସଚେତନତା ବାର୍ତ୍ତା ବହନ କରି ପ୍ରାୟ ୪ କି.ମି. ଦୂର ଷ୍ଟେସନ୍ ବଜାର ଛକ ଯାଏଁ ଆସିଥିଲା । ସଡକ ସୁରକ୍ଷା ସଚେତନତା ବାର୍ତ୍ତା ସମ୍ବଳିତ ଏହି ବାଇକ୍ ରାଲିକୁ ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ପାତ୍ର ସଡକରେ ଯାତ୍ରାକାଳୀନ ସୁରକ୍ଷା ପାଇଁ ହେଲ୍‌ମେଟ୍ ଲଗାଇବା, ମୋବାଇଲ୍‌ରେ ନ ଗପିବା, ଅତ୍ୟଧିକ ବେଗରେ ଓ ମଦ୍ୟପାନ କରି ଗାଡି ନ ଚଳାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ନିୟମଗୁଡିକୁ ମାନିଲେ ଆମେ ନିଜେ ସୁରକ୍ଷିତ ରହିବା ସହ ଅନ୍ୟକୁ ବି ସୁରକ୍ଷିତ ରଖିପାରିବା ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ । ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଓ ଜିଲ୍ଲା ସଡକ ସୁରକ୍ଷା କମିଟିର ବରିଷ୍ଠ ସଭ୍ୟ ପ୍ରଦ୍ୟୁମ୍ନ ରଥ ଯୋଗଦେଇ ରାଲିରେ ଭାଗ ନେଇଥିବା ବାଇକ୍ ଚାଳକଙ୍କୁ ଉତ୍ସାହିତ କରିଥିଲେ । ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ବରିଷ୍ଠ ସହକାରୀ ରାକେଶ ସାହୁ ସଭା ସଂଯୋଜନା କରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶୀଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଦିବସର ସାଂଧକାଳୀନ ଢେଙ୍କାନାଳ ମହୋତ୍ସବରେ ବିଶିଷ୍ଟ ବ୍ୟଙ୍ଗ କବି ଜ୍ଞାନ ହୋତା ଯୋଗଦେଇ ସଡକ ସୁରକ୍ଷା ଉପରେ ଅନେକ ବ୍ୟଙ୍ଗାତ୍ମକ କବିତା ଶୁଣାଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ମହୋତ୍ସବରେ ଏହା ଏକ ବିଶେଷ ଆକର୍ଷଣୀୟ କାର୍ଯ୍ୟକ୍ରମ ଭାବେ ଲୋକାଦୃତ ହୋଇଥିଲା ।

## ଗଞ୍ଜେଇ ସହ ସ୍କର୍ପିଓ ଜବତ, ଦୁଇ ଗିରଫ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

୫୭ନମ୍ବର ଜାତୀୟ ରାଜପଥର ବରମପୁର ଛକରୁ ଏକ ସ୍କର୍ପିଓ ଗାଡ଼ିରୁ ୪୧କେଜି ଗଞ୍ଜେଇ ଜବତ କରିବା ସହ ଦୁଇ ଜଣକୁ ଗିରଫ କରିଛି ବୋଲଗଡ ପୋଲିସ । ଗିରଫ ବ୍ୟକ୍ତି ଦ୍ୱୟ ହେଲେ କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ବୈକୁମ୍ପା ଗାଁ ୨୨ବର୍ଷୀୟ ଯୁବକ ଓ ସେହି ଜିଲ୍ଲା ରାଇକିଆ ଥାନା ପୋପସି ଗାଁର ୨୫ବର୍ଷୀୟ ଯୁବକ । ପୋଲିସ ସୂଚନା ମୁତାବକ କନ୍ଧମାଳରୁ ଭୁବନେଶ୍ୱର ଅଭିମୁଖେ ଏକ ଗଞ୍ଜେଇ ଭର୍ତ୍ତି ସ୍କର୍ପିଓ ଯାଉଥିବା ନେଇ ବୋଲଗଡ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ବରମପୁର ଛକରେ ଛକି ବସିଥିଲା । ତେବେ ଉକ୍ତ ସ୍କର୍ପିଓଟି ବରମପୁର ଛକ ପାସ କରୁଥିବା ସମୟରେ ପୋଲିସ ଉକ୍ତ ଗାଡିକୁ ଅଟକାଇ ଯାଞ୍ଚ କରିବା ସମୟରେ ସେଥିରୁ ଗଞ୍ଜେଇ ଭର୍ତ୍ତି ବ୍ୟାଗକୁ ଜବତ କରିଥିଲା ।

## ଭୈରବୀ ଦୁର୍ଗା ମନ୍ଦିରରୁ ଲୁଟ

**ବାରିପଦା: ଏକ୍ସପ୍ରେସ ନ୍ୟୁଜ୍**

ମନ୍ଦିରକୁ ଟାର୍ଗେଟ କରିଛନ୍ତି ଦୁର୍ବୃତ୍ତ । ଘର, ଦୋକାନ ପରେ ବର୍ତ୍ତମାନ ଦୁର୍ବୃତ୍ତଙ୍କ ଟାର୍ଗେଟରେ ମନ୍ଦିର । କିଛିଦିନ ହେବ ଦୁର୍ବୃତ୍ତ ବିଭିନ୍ନ ଘରକୁ ଲୁଟ କରିଥିବା ବେଳେ ଏବେ ମନ୍ଦିରରେ କରିଛନ୍ତି ଲୁଟ୍ । ମୟୁରଭଞ୍ଜ ଜିଲ୍ଲା ଉଦଳା ଏନଏସି ଅଧୀନ ୩ ନମ୍ବର ୱାର୍ଡ ମା'ଭୈରବୀ ଦୁର୍ଗା ମନ୍ଦିରକୁ ଲୁଟ କରିଛି ଦୁର୍ବୃତ୍ତ । ସକାଳେ ପୂଜା କରିବା ପାଇଁ ଭକ୍ତ ଆସିଥିବା ବେଳେ ମନ୍ଦିରର ମୁଖ୍ୟ ଗେଟର ଗ୍ରିଲ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ଏହି ପରିକି ମା'ଙ୍କ ଗୋଟିଏ ସୁନା ହାର, ଦୁଇଟି ରୁପା ହାର, ମା'ଙ୍କ ଦୁଇଟି ଚିତା ସମେତ ଠାକୁରଙ୍କ ୩ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ବୋଲି ମନ୍ଦିରର ପୂଜକ ଖଗେଶ୍ୱର ପଣ୍ଡା ସୂଚନା ଦେଇଛନ୍ତି ।

## ମହାପ୍ରଭୁଙ୍କ ଦର୍ଶନ ବେଳେ ପୋଲିସ ମାଡ଼: ନାବାଳକ ଗୁରୁତର

**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**



ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ବେଳେ ଜଣେ ନାବାଳକ ପୋଲିସ ମାଡ଼ରେ ଗୁରୁତର ହୋଇଛି । ତାଙ୍କୁ ମନ୍ଦିର ଆମ୍ବୁଲାନ୍ସ ଯୋଗେ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେଠାରେ ସିଟି ସ୍କାନ କରାଯିବା ପରେ ସେ ଗୁରୁତର ଥିବା ଜଣାଯାଇଥିଲା । ପରେ ତାଙ୍କୁ ଆଡମିଶନ କରାଯାଇ ଚିକିତ୍ସା କରାଯାଉଛି । ଶୁକ୍ରବାର ରାତିରେ ଭଦ୍ରକ ଭଣ୍ଡାରିପୋଖରୀ ଅଞ୍ଚଳର ଅଚ୍ୟୁତାନନ୍ଦ ବିଶ୍ୱାଳ, ପତ୍ନୀ ଓ ଦଶମ ଶ୍ରେଣୀରେ ପଢୁଥିବା ପୁଅ ସ୍ୱୟଂଶୁଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ । ବାହାର କାଠ ନିକଟରେ ସେମାନେ ଦର୍ଶନ କରୁଥିବା ବେଳେ ଗହଳି ଭିତରେ ଜଣେ ପୋଲିସ ପୋଷାକଧାରୀ ତାଙ୍କ ପୁଅକୁ ବାଡେଇଥିଲେ । ଏହାର ପ୍ରତିବାଦ କରିବାରୁ ପୋଲିସ ଜଣକ ଆଉ ଥରେ ତାଙ୍କ କାନମୁଣ୍ଡାକୁ ମାଡ଼ ମାରିଥିଲେ । ସେଥିରେ ନାବାଳକ ଜଣକ ସଂଜ୍ଞାହୀନ ହୋଇ ପଡ଼ିବା ପରେ ଶ୍ରୀମନ୍ଦିର ଆମ୍ବୁଲାନ୍ସରେ ନିଆଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

## ଛତୁଆ ପାଇବାରୁ ବଞ୍ଚିତ ହେବେ କୋମଳମତି ଶିଶୁ

**ଶେରଗଡ଼: ଏକ୍ସପ୍ରେସ୍ ନ୍ୟୁଜ୍**

କୋମଳମତି ଓ କିଶୋରୀମାନଙ୍କୁ ପୃଷ୍ଟିକର ଖାଦ୍ୟ ଯୋଗାଇ ଦେବା ଲାଗି ରାଜ୍ୟ ସରକାର ବିଭିନ୍ନ ଏଜେନ୍ସିକୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ଏହି ଏଜେନ୍ସିମାନେ ପ୍ରତ୍ୟେକ ମାସର ୨୩ ତାରିଖରେ ଛତୁଆ ପ୍ରସ୍ତୁତି କରି କିଶୋରୀ, ଗର୍ଭବତୀ, ବାଳିକା ଓ କୋମଳମତି ଶିଶୁମାନଙ୍କୁ ମାସର ପ୍ରଥମ ସପ୍ତାହରେ ପ୍ରଦାନ କରିବା ଲାଗି ନିୟମ ରହିଛି । ଏହି ଛତୁଆରେ ଗହମ, ବୁଟ, ବାଦାମ, ଚିନି ଭଳି ସମସ୍ତ ପ୍ରକାର ସାମଗ୍ରୀକୁ ମିଶ୍ରଣ କରି ଉଚ୍ଚମାନର ଛତୁଆ ପ୍ରସ୍ତୁତ କରାଯାଇଥାଏ । ହେଲେ ଚଳିତ ମାସର ୨୩ ତାରିଖରେ ଛତୁଆ ମିଶ୍ରଣ ହୋଇପାରିନଥିବା ଜଣାପଡିଛି । ଛତୁଆ ମିଶ୍ରଣ ହୋଇପାରିନଥିବା ବେଳେ ଆସନ୍ତା ମାସର ପ୍ରଥମ ସପ୍ତାହରେ ଛତୁଆ ପାଇବା ଅନିଶ୍ଚିତତା ମଧ୍ୟରେ ରହିଛି । ଏନେଇ ଆମ୍ଭେ ବ୍ଲକ ଶିଶୁ ବିକାଶ ଓ ମହିଳା ବିକାଶ ବିଭାଗର ଅଧିକାରିଣୀ ଶ୍ରୀମତୀ ମମତାଞ୍ଜଳି ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ପ୍ରକାଶ କରିଥିଲେ ଯେ, ବର୍ତ୍ତମାନ ଛତୁଆ ୟୁନିଟ କଥା ଜିଲ୍ଲାର ଶିଶୁ ସୁରକ୍ଷା ବିଭାଗ ବୁଝୁଛି ଏବଂ ଅତିଶୀଘ୍ର ସମସ୍ୟାର ସମାଧାନ ହୋଇ ୨୭ ତାରିଖ ଦିନ ଛତୁଆ ମିଶ୍ରଣ ହେବ ବୋଲି ପ୍ରକାଶ କରିଥିଲେ ।

## ଅପରେସନ୍ ଚକ୍ର ବଳରେ ଅବୈଧ ମଦ ବିକ୍ରି: ୮୪୬ ଗିରଫ

**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**

ଅପରେସନ୍ ଚକ୍ର ଅଭିଯାନରେ ପୁରୀ ପୋଲିସ ପକ୍ଷରୁ ଜିଲ୍ଲାରେ ଅବୈଧ ମଦ ବିକ୍ରୟ, ଉତ୍ପାଦନ ଓ ଚାଲାଣ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୁରୀ ପୋଲିସ ଦ୍ୱାରା ୨୦୨୫ ମସିହାରେ 'ଅପରେସନ୍ ଚକ୍ର' ନାମରେ ଏକ ବ୍ୟାପକ ବିଶେଷ ଅଭିଯାନ ଚାଲୁ କରାଯାଇଥିଲା । ଏହି ଅଭିଯାନ ପୁରୀ ଏସ୍‌ପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶରେ ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରେ ଏକାଧିକ ସ୍ଥାନରେ ସମନ୍ୱିତ ଭାବରେ ପରିଚାଳିତ ହୋଇଥିଲା । ଏହି ଅଭିଯାନର ଲକ୍ଷ୍ୟ ଥିଲା ଅବୈଧ ମଦ ବ୍ୟବସାୟରେ ଜଡିତ ଅସାଧୁ ତତ୍ତ୍ୱମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ସମାଜରେ ଆଇନ ଶୃଙ୍ଖଳାକୁ ମଜବୁତ କରିବା । ପୋଲିସର ବିଭିନ୍ନ ଟିମ୍ ଦ୍ୱାରା ଏକାଧିକ ଗୁପ୍ତ ସୂଚନା ଆଧାରରେ ଅଚାନକ ଚଢ଼ଉ କରାଯାଇଥିଲା । ଅପରେସନ୍ ଚକ୍ର ଅଭିଯାନ ଅଧୀନରେ ପୁରୀ ପୋଲିସ ମୋଟ ମାମଲା ୮୫୩ଟି ମାମଲା କରି ୮୪୬ ଜଣଙ୍କୁ ଗିରଫ କରାଯାଇଥିଲା । ସେଥିମଧ୍ୟରୁ ୬୩ଜଣ ମହିଳା ଅଭିଯୁକ୍ତ ରହିଥିଲେ । ଚାର୍ଜସିଟ୍ ଅଦାଲତରେ ଦାଖଲ ୭୭୨ଟି ମାମଲା କରାଯାଇଥିଲା । ପୁରୀ ପୋଲିସର ଦୃଢ଼ ଓ ଦ୍ରୁତ କାର୍ଯ୍ୟାନୁଷ୍ଠାନର ପ୍ରମାଣ ସ୍ୱରୂପ ଆଇନ ଉଲ୍ଲଂଘନକାରୀଙ୍କୁ ସ୍ପଷ୍ଟ ସନ୍ଦେଶ ଦେଉଛି ଯେ, ଅବୈଧ କାର୍ଯ୍ୟକଳାପ କେବେ ମଧ୍ୟ ସହନ କରାଯିବ ନାହିଁ । ଅଭିଯାନ ସମୟରେ ବିଭିନ୍ନ ସ୍ଥାନରୁ ବିପୁଳ ପରିମାଣର ଅବୈଧ ମଦ ଓ ନିଷିଦ୍ଧ ପଦାର୍ଥ ଜବତ କରାଯାଇଥିଲା ।

ବିଦେଶୀ ମଦ ୧୪୬୨ ଲିଟର, ଦେଶୀ ମଦ ୮୧୯୩ ଲିଟର, ଭାଙ୍ଗ ୮ କିଲୋ ୪୦୦ ଗ୍ରାମ, ତରଳ ଭାଙ୍ଗ ୬୫ ଲିଟର, ପୋଚ୍ ୧୮୭୦ ଲିଟର, ନଗଦ ରାଶି ୬,୪୬, ୧୩୪ ଟଙ୍କା ଜବତ କରାଯାଇଛି । ଅବୈଧ ମଦ ଚାଲାଣ ଓ ବିକ୍ରୟ ଏକ ସୁଯୋଜିତ ଚକ୍ର ଦ୍ୱାରା ଚାଲିଥିଲା, ଯାହାକୁ ପୋଲିସ ଦ୍ୱାରା ଭାଙ୍ଗି ଦିଆଯାଇଛି । ପୁରୀ ଏସ୍‌ପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ସମସ୍ତ ଥାନା ଅଧିକାରୀମାନଙ୍କୁ ଅବୈଧ ମଦ ବିରୋଧରେ ଶୁନ୍ୟ ସହିଷ୍ଣୁତା ନୀତି ଅନୁସରଣ କରିବାକୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ଅନୁଯାୟୀ, ସମସ୍ତ ଥାନା ଅଞ୍ଚଳରେ ନିୟମିତ ଚଢଉ, ଗୁପ୍ତ ସୂଚନା ସଂଗ୍ରହ ଓ ବିଶେଷ ନଜରଦାରୀ, ସୀମା ଅଞ୍ଚଳରେ ଚେକିଂ ବ୍ୟବସ୍ଥା କଡା କରାଯିବା, ପୁନରାବୃତ୍ତି ଅଭିଯୁକ୍ତଙ୍କ ଉପରେ ବିଶେଷ ନଜର, ପୋଲିସର ଏହି ସଂଯୁକ୍ତ ଅଭିଯାନ ଦ୍ୱାରା ଅବୈଧ ମଦ ଚକ୍ରରେ ଜଡିତ ଅନେକ ସକ୍ରିୟ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ଓ ତାଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରେଜିଷ୍ଟ୍ରି କରାଯାଇଛି । ମାତ୍ର ଗିରଫରେ ସୀମିତ ନରହି ପୁରୀ ପୋଲିସ ମାମଲାଗୁଡିକର ଦ୍ରୁତ ତଦନ୍ତ କରି ୭୭୨ଟି ମାମଲାରେ ଚାର୍ଜଶିଟ୍ ଅଦାଲତରେ ଦାଖଲ କରିଛି । ଏହାଦ୍ୱାରା ଅଭିଯୁକ୍ତମାନେ ଶୀଘ୍ର ନ୍ୟାୟିକ ପ୍ରକ୍ରିୟାରେ ଆସିବେ ଓ ଆଇନ ଅନୁଯାୟୀ ଦଣ୍ଡିତ ହେବାର ପଥ ପ୍ରଶସ୍ତ ହେବ । ପୁରୀ ପୋଲିସ ସମସ୍ତ ସାଧାରଣ ଲୋକଙ୍କୁ ଅନୁରୋଧ କରୁଛି ଯେ, ଅବୈଧ ମଦ ବିକ୍ରୟ କିମ୍ବା ଉତ୍ପାଦନ ସମ୍ପର୍କିତ ସୂଚନା ଥିଲେ ନିକଟସ୍ଥ ଥାନାକୁ କିମ୍ବା ୧୧୨କୁ ତୁରନ୍ତ ଜଣାନ୍ତୁ । ଅବୈଧ ମଦ ସେବନ ଜନସ୍ୱାସ୍ଥ୍ୟ ପାଇଁ ଘାତକ, ସମାଜର ସୁରକ୍ଷା ଓ ଯୁବପିଢ଼ୀଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ପୋଲିସକୁ ସହଯୋଗ କରନ୍ତୁ । ପୋଲିସ ଆପଣଙ୍କ ପରିଚୟ ସଂପୂର୍ଣ୍ଣ ଗୋପନୀୟ ରଖିବ । ପୁରୀ ପୋଲିସର ସ୍ପଷ୍ଟ ସନ୍ଦେଶ ଏସ୍‌ପି ସ୍ପଷ୍ଟ କରିଛନ୍ତି ଯେ, ଜିଲ୍ଲାରେ ଅବୈଧ ମଦ ବ୍ୟବସାୟକୁ କେବେ ମଧ୍ୟ ସହନ କରାଯିବ ନାହିଁ । ଏପରି ଅଭିଯାନ ଆଗାମୀ ଦିନରେ ଆହୁରି ତୀବ୍ର କରାଯିବ । 'ଅପରେସନ୍ ଚକ୍ର' ମାଧ୍ୟମରେ ପୁରୀ ପୋଲିସ ପୁନର୍ବାର ପ୍ରମାଣ କରିଛି ଯେ, ସମାଜ ବିରୋଧୀ କାର୍ଯ୍ୟକଳାପ ବିରୋଧରେ ପୋଲିସ ସଦା ସଚେତନ, ସକ୍ରିୟ ଓ ପ୍ରତିବଦ୍ଧ ରହିଛି ।

### ବାଣିଜ୍ୟ

## ନରାକାସ (ବ୍ୟାଙ୍କ)ର ୫୯ତମ ଅର୍ଦ୍ଧବାର୍ଷିକ ବୈଠକ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**



ଭୁବନେଶ୍ୱର ସ୍ଥିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ)ର ୫୯ତମ ଅର୍ଦ୍ଧବାର୍ଷିକ ବୈଠକ ସୋମବାର ଗତ ୧୯ ତାରିଖ ଦିନ ଭାରତୀୟ ଷ୍ଟେଟ ବ୍ୟାଙ୍କର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଏ.ଡି. ରତ୍ନା ତେଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗର ଉପନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ) ଡ. ବିଚିତ୍ରସେନ ଗୁପ୍ତ, ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ମହାନ୍ତି, ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ତାଲୁକଦାର, ନରାକାସ (ବ୍ୟାଙ୍କ), ଭୁବନେଶ୍ୱରର ଉପାଧ୍ୟକ୍ଷ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କର ମଣ୍ଡଳ ବିକାଶ ଅଧିକାରୀ ଶ୍ରୀ ସମଦେନ ଦୋରଜୀ ଲାମା ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକରେ ଭୁବନେଶ୍ୱର ସ୍ଥିତ ସମସ୍ତ ସରକାରୀ ବ୍ୟାଙ୍କ ଏବଂ ବୀମା କମ୍ପାନୀର ଆଞ୍ଚଳିକ ଏବଂ ଜୋନାଲ ମୁଖ୍ୟ, ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ରାଜଭାଷା ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ସାମଦେନ ଦୋରଜୀ ଲାମାଙ୍କ ସ୍ୱାଗତ ଭାଷଣରୁ ବୈଠକ ଆରମ୍ଭ ହୋଇଥିଲା । ସ୍ୱାଗତ ଭାଷଣରେ ଶ୍ରୀ ଲାମା ନିଜ ନିଜ କାର୍ଯ୍ୟାଳୟରେ ରାଜଭାଷା କାର୍ଯ୍ୟକାରିତା କ୍ଷେତ୍ରରେ ସକ୍ରିୟ ସହଯୋଗ ଏବଂ ସକ୍ରିୟ ମନୋଭାବ ପାଇଁ ସମସ୍ତ ସଦସ୍ୟଙ୍କୁ ପ୍ରଶଂସା କରିଥିଲେ । ଡ. ବିଚିତ୍ରସେନ ଗୁପ୍ତ ତାଙ୍କ ସମୀକ୍ଷା ସମୟରେ ନରାକାସ (ବ୍ୟାଙ୍କ), ଭୁବନେଶ୍ୱରର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି କହିଛନ୍ତି ଯେ ଏହି କମିଟି ଦେଶର ସର୍ବୋତ୍ତମ କମିଟି ମଧ୍ୟରୁ ଅନ୍ୟତମ । ଏହା ଏକ ଗର୍ବର ବିଷୟ ଯେ ଏହି କମିଟି ଗତ କିଛି ବର୍ଷ ଧରି କ୍ରମାଗତ ଭାବରେ ଜାତୀୟସ୍ତରରେ ରାଜଭାଷା କୀର୍ତ୍ତି ପୁରସ୍କାର ଗ୍ରହଣ କରୁଛି । ଏଡି. ରତ୍ନ ତେଜା ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପୂର୍ବାଞ୍ଚଳରେ ଅବସ୍ଥିତ ମୋଟ ୬୭ଟି ନରାକାସ ମଧ୍ୟରୁ ଏହି ସମ୍ମାନ ପାଇବା ରାଜଭାଷା ହିନ୍ଦୀର ପ୍ରଭାବୀ କାର୍ଯ୍ୟକାରିତା ଦିଗରେ ଆମକୁ ଅଧିକ ଉତ୍ସାହ ଏବଂ ଶକ୍ତି ପ୍ରଦାନ କରିବ । ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ସାରଦା ପ୍ରସନ୍ନ ମହାନ୍ତି କହିଛନ୍ତି ଯେ ରାଜଭାଷାର ପ୍ରଚାର ପ୍ରସାରରେ ଏହି କମିଟି ପ୍ରଶଂସନୀୟ କାର୍ଯ୍ୟ କରୁଛି ଏବଂ ଆମେ ଜାତୀୟ ସ୍ତରରେ ପ୍ରଥମ ସ୍ଥାନରେ ରହିବାକୁ ଚେଷ୍ଟା କରିବା ଉଚିତ । ସଞ୍ଜୟ କୁମାର ତାଲୁକଦାର କହିଛନ୍ତି ଯେ ଗ୍ରାହକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ବୃଦ୍ଧି ପାଇଁ ନାବାର୍ଡ ହିନ୍ଦୀ ଏବଂ ଆଞ୍ଚଳିକ ଭାଷା ବ୍ୟବହାର କରୁଛି । ସମୀକ୍ଷା ବୈଠକରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସଦସ୍ୟ କାର୍ଯ୍ୟାଳୟକୁ ଶୀଲ୍ଡ ପ୍ରଦାନ କରାଯାଇଥିଲା ଏବଂ ବିଭିନ୍ନ ହିନ୍ଦୀ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଭାରତୀୟ ଷ୍ଟେଟ ବ୍ୟାଙ୍କର ସଦସ୍ୟ ସଚିବ ତଥା ସହକାରୀ ମହାପ୍ରବନ୍ଧକ (ରାଜଭାଷା) ବିବି. ଗୋପାଳ ରେଡ୍ଡୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଭାରତୀୟ ରିଜର୍ଭ ବ୍ୟାଙ୍କର ସହକାରୀ ମହାପ୍ରବନ୍ଧକ (ରାଜଭାଷା) ବିବେକ କୁମାର ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ ।

### ସିନେମାଫିନେମା ଟିଭିଫିବି



## ଓଶିୱାରା ଫାୟାରିଂ ମାମଲାରେ କମଲ ଆର ଖାନ ଗିରଫ

ବିବାଦୀୟ ଅଭିନେତା ତଥା ଫିଲ୍ମ ସମାଲୋଚକ କମଲ ଆର ଖାନ, ଏବେ ଆଇନଗତ ସମସ୍ୟାରେ ଫସିଛନ୍ତି । ଜାନୁଆରୀ ୧୮ ତାରିଖରେ ମୁମ୍ବାଇର ଅନ୍ଧେରିର ଓଶିୱାରାରେ ଏକ ଆବାସିକ କୋଠାରେ ଚାରି ରାଉଣ୍ଡ ଗୁଳି ଚଳାଇବା ଅଭିଯୋଗରେ ତାଙ୍କୁ ଶୁକ୍ରବାର ମୁମ୍ବାଇ ପୋଲିସ ଗିରଫ କରିଛି । ପୋଲିସ ଘଟଣାରେ ବ୍ୟବହୃତ ଲାଇସେନ୍ସପ୍ରାପ୍ତ ବନ୍ଧୁକକୁ ଜବତ କରିଛି ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ କାଗଜପତ୍ର ଜାରି ରଖିଛି ।

ଓଶିୱାରା ପୋଲିସର ସୂଚନା ଅନୁଯାୟୀ, ରବିବାର ରାତିରେ ଏକ ଆବାସିକ କୋଠାର ଭିନ୍ନ ଭିନ୍ନ ଫ୍ଲାଟରେ ଦୁଇଟି ଗୁଳି ପଡ଼ିଥିବାର ଦେଖିବାକୁ ମିଳିଥିଲା, ଯାହା ପରେ ଏକ ମାମଲା ରୁଜୁ କରାଯାଇଥିଲା । ପଚରାଉଚରା ସମୟରେ କେଆରକେ ସ୍ୱୀକାର କରିଥିଲେ ଯେ ତାଙ୍କ ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ସେ ଗୁଳି ଚଳାଇଥିଲେ । ସେ ପୋଲିସକୁ ଏକ ଅଜବ ବ୍ୟାଖ୍ୟା ଦେଇ କହିଛନ୍ତି ଯେ ସେ ବନ୍ଧୁକର 'କାର୍ଯ୍ୟକାରିତା' ଯାଞ୍ଚ କରିବା ପାଇଁ ଏହାକୁ ସଫା କରୁଥିଲେ ।

କେଆରକେ ଦାବି କରିଛନ୍ତି ଯେ ସେ କୌଣସି କ୍ଷତି ଏଡାଇବା ପାଇଁ ତାଙ୍କ ଘର ସାମ୍ନାରେ ଥିବା ବଡ଼ ମାଙ୍ଗ୍ରୋଭ୍ ଜଙ୍ଗଲ ଆଡ଼କୁ ବନ୍ଧୁକ ଚଳାଇଥିଲେ । କିନ୍ତୁ, ପବନ ଯୋଗୁଁ ଗୁଳିଟି ଟିକିଏ ଆଗକୁ ଯାଇ ଓଶିୱାରାର ଏକ କୋଠାରେ ବାଜିଥିଲା । ସେ ଜୋର ଦେଇ କହିଥିଲେ ଯେ ତାଙ୍କର କାହାକୁ ଆଘାତ ଦେବାର କୌଣସି ଉଦ୍ଦେଶ୍ୟ ନଥିଲା । ଏହି ଘଟଣାରେ କୌଣସି ଆହତ ହୋଇଥିବାର ରିପୋର୍ଟ ହୋଇନାହିଁ, କିନ୍ତୁ ଏହା ସେହି ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା ।

ତେବେ ଘଟଣା ପରେ ମୁମ୍ବାଇ ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଛି ଏବଂ ଓଶିୱାରା ପୋଲିସ ବନ୍ଧୁକକୁ ଜବତ କରିଛି । ପୋଲିସ ଏବେ କେଆରକେଙ୍କ ଦାବି କେତେ ସତ୍ୟ, ଗୁଳିଚାଳନା ସମୟରେ ସୁରକ୍ଷା ନିୟମ ପାଳନ କରାଯାଇଥିଲା କି ନାହିଁ ଏବଂ ଲାଇସେନ୍ସ ସର୍ତ୍ତାବଳୀ ଉଲ୍ଲଂଘନ କରାଯାଇଥିଲା କି ନାହିଁ ତାହା ଯାଞ୍ଚ କରୁଛି ।

# ସ୍ଥାଣୁ ପାଲଟିଛି ମାପ ଓ ଓଜନ ବିଭାଗ

**୨୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଜପତି ଜିଲ୍ଲାର ମାପ ଓ ଓଜନ ବିଭାଗ ଏବେ ସ୍ଥାଣୁ ପାଲଟିଛି । । ନାମକୁ ମାତ୍ର ରହିଛନ୍ତି ଅଧିକାରୀ । ସମ୍ପୃକ୍ତ ଅଧିକାରୀ ତଥା କର୍ମଚାରୀ ସରକାରଙ୍କ ନିୟମ ପାଳନ କରାଇବା କିମ୍ବା ଖାଉଟିଙ୍କୁ ମାପ ଓ ଓଜନର ସୁନିଶ୍ଚିତ କରାଇବା ଭଳି କୌଣସି କାର୍ଯ୍ୟକଳାପ କରୁଥିବା ପରିଲକ୍ଷିତ ହେଉନାହିଁ । ଏକ ସରକାରୀ ବିଭାଗ ଯିଏ ଦେଶରେ ଓଜନ ଓ ମାପ ସଠିକତାକୁ ନିୟନ୍ତ୍ରଣ କରୁଛି । ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ଓଜନ ମାପ ଉପକରଣଗୁଡିକର ଯାଞ୍ଚ ଓ ଷ୍ଟାମ୍ପିଂ କରେ ଏବଂ ଲାଇସେନ୍ସ ପ୍ରଦାନ କରେ, ଯେପରିକି ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନର ଓଜନ ବ୍ୟବସ୍ଥା ସଠିକ ଥିବା ସୁନିଶ୍ଚିତ କରାଯାଇ ପାରିବ । ଏହାର ମୁଖ୍ୟ କାର୍ଯ୍ୟ ହେଉଛି ବାଣିଜ୍ୟିକ କାରବାରରେ ସଠିକ ମାପ ଓ ଓଜନର ବ୍ୟବହାର ଲାଗୁ କରିବା ଏବଂ ବିଭିନ୍ନ ଓଜନ ମାପ ଉପକରଣ (ଓଜନ କଣ୍ଟା, ମାପକାଠି, ବଟକରା ଇତ୍ୟାଦି)କୁ ନିୟମିତ ଯାଞ୍ଚ କରିବା ଓ ସଠିକତା ପାଇଁ ଷ୍ଟାମ୍ପ୍ ମାରିବା ।




ଓଜନ ଓ ମାପ ସମ୍ବନ୍ଧୀୟ ଆଇନ ଓ ନିୟମାବଳୀ ଲାଗୁ କରିବା, ଓଜନ ମାପ ଉପକରଣ ନିର୍ମାତା, ବିକ୍ରେତା ଓ ରପ୍ତାନିକାରୀଙ୍କୁ ଲାଇସେନ୍ସ ଦେବା, ବଜାରରେ ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଚଢ଼ାଉ କରି ସଠିକ ମାପ ଓ ଓଜନ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏହି ବିଭାଗ ସାଧାରଣ ଖାଉଟିମାନଙ୍କୁ ଓଜନରେ କ୍ଷତିରୁ ରକ୍ଷା କରିବା ହେଉଛି ବିଭାଗର ମୁଖ୍ୟ କାର୍ଯ୍ୟ କିନ୍ତୁ ତାହା ଏଠାରେ ତାହା କାର୍ଯ୍ୟକାରୀ କରାଯାଉନାହିଁ । ବିଭାଗର ନିୟମକୁ କାର୍ଯ୍ୟକାରୀ କରିବା ତ ଦୂରର କଥା କିଛି ପ୍ରତିଷ୍ଠିତ ବ୍ୟବସାୟୀ ଓ ଦୋକାନୀଙ୍କ ବିରୁଦ୍ଧରେ ଅଭିଯୋଗ ଥାଇ ମଧ୍ୟ ଯାଞ୍ଚ କରାଯାଉ ନାହିଁ । ଅନେକାଂଶ ବ୍ୟବସାୟିକ ପ୍ରତିଷ୍ଠାନରେ ବର୍ତ୍ତମାନ ଓଜନ କ୍ଷେତ୍ରରେ ଡିଜିଟାଲ ମେସିନର ବହୁଳ ଭାବରେ ବ୍ୟବହାର ହେଉଛି । ଯେଉଁଥିରେ ସୁକ୍ଷ୍ମ ଟେକ୍ନୋଲୋଜି ଉପଯୋଗ କରି ଅନିୟମିତତା ହେଉଥିବା ଅଭିଯୋଗ ହୋଇ ଆସୁଛି କିନ୍ତୁ ଏଥିରେ ନିୟନ୍ତ୍ରଣ ରଖିବା ସହ ଗ୍ରାହକଙ୍କୁ ଉଚିତ ସହାୟତା ଯୋଗାଇ ଦେବାକୁ ବିଫଳ ହେଉଛି ବିଭାଗ ।

ଅପରପକ୍ଷରେ ଲୋକଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟି କରିବାରେ ମଧ୍ୟ ବିଫଳ ହେଉଛି ବିଭାଗ । ଫଳରେ ସମସ୍ୟା ସୃଷ୍ଟି ହେଲେ ଲୋକେ ଏହି କାର୍ଯ୍ୟାଳୟର ସହାୟତା ନେବା ମଧ୍ୟ ଜାଣି ନାହାନ୍ତି । ତେବେ ଏନେଇ ବିଭାଗୀୟ ଅଧିକାରୀ କଲ୍ୟାଣ କୁମାର ସେନାପତିଙ୍କ କହିବା ହେଲା ନିୟମିତ ଭାବେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅଭିଯୋଗ ପ୍ରକାରେ ଚଢ଼ାଉ କରାଯାଉଛି । ଗତ ଏକମାସ ମଧ୍ୟରେ ଏନେଇ ୧୮ ମାମଲା ରୁଜୁ କରି ୨୪ ହଜାର ଜରିମାନା ଆଦାୟ କରାଯାଇଛି । ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ଚଢ଼ାଉ କରାଯିବ । ସମ୍ପୃକ୍ତ କାର୍ଯ୍ୟାଳୟର ତଥ୍ୟକୁ ଦେଖିଲେ ଜିଲ୍ଲାର ଅସଂଖ୍ୟ ବ୍ୟବସାୟିକ ପ୍ରତିଷ୍ଠାନରେ ବ୍ୟବହାର ହେଉଥିବା ମାପ ଓ ଓଜନ ଯନ୍ତ୍ର ତୁଳନାରେ ସମୁଦ୍ରକୁ ଶଙ୍ଖେ ଭଳି ମନେ ହେଉଛି । ଜିଲ୍ଲାରେ ମାପ ଓ ଓଜନ ଅନିୟମିତତା ନିୟନ୍ତ୍ରଣ ବିହିନ ରହିଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷ ଏଥିରେ ହସ୍ତକ୍ଷେପ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ଆଜିର ରାଶିଫଳ

| ତାରିଖ | ରବିବାର– ସପ୍ତମୀ |
| --- | --- |
| ୨୫.୧.୨୦୨୬ | ନକ୍ଷତ୍ର– ରେବତୀ, ମୀନଚନ୍ଦ୍ର |



| | | |
| --- | --- | --- |
| ମେଷ | : | ସାହାଯ୍ୟ ପ୍ରାପ୍ତି ହେବ । |
| ବୃଷ | : | ଧନଲାଭ ଯୋଗ ରହିଛି । |
| ମିଥୁନ | : | ଦ୍ରବ୍ୟପ୍ରାପ୍ତି ହେବେ । |
| କର୍କଟ | : | ଗୁରୁଜନ ଆପଣଙ୍କ ଉପରେ ପ୍ରଶଂସିତ ହେବେ । |
| ସିଂହ | : | ଶରୀରିକ ଯନ୍ତ୍ରଣା କଷ୍ଟଦେବ । |
| କନ୍ୟା | : | ଧନଲାଭ ହେବ । |
| ତୁଳା | : | ଅପମାନ ଯୋଗ ରହିଛି । |
| ବିଛା | : | ପୁତ୍ରକଷ୍ଟ ପାଇବେ । |
| ଧନୁ | : | ପ୍ରୀତିହାନି ହେବ । |
| ମକର | : | ବନ୍ଧୁ କଷ୍ଟ ଦେବେ । |
| କୁମ୍ଭ | : | ଶୁଭଖବର ପାଇବେ । |
| ମୀନ | : | ଚାକିରିରେ ପଦୋନ୍ନତି ପାଇବେ । |

## କେନାଲ କାମରେ ବ୍ୟାପକ ଅନିୟମିତତା

**ବଲାଙ୍ଗୀର, ୨୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ୍ ସାଲେଭାଟ ଅଙ୍ଗ ମୁଖ୍ୟ କେନାଲ ଓ ହରଭଙ୍ଗା ମାଇନର କେନାଲର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି । ହେଲେ କେନାଲ କାମରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । କେନାଲ କାନ୍ଥ ଓ ତଳ କଂକ୍ରିଟ୍‌କରଣର କାମ ସପ୍ତାହେ ନ ପୂରୁଣୁ କଂକ୍ରିଟ୍‌ରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି । ଫଳରେ ଏହାର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ଉଠିଛି ।

ସୂଚନା ଅନୁଯାୟୀ, ଜଳସେଚନ ବିଭାଗ ପକ୍ଷରୁ ୨୦୨୫–୨୬ ଆର୍ଥିକ ବର୍ଷରୁ ଗାଇଖାଇ ଅଙ୍ଗ ମୁଖ୍ୟ କେନାଲ ଓ ହରଭଙ୍ଗା ମାଇନର କେନାଲର ଉନ୍ନତୀକରଣ କାମ ହାତକୁ ନିଆଯାଇଛି । ଗାଇଖାଇରୁ ବାହାରିଥିବା ମୁଖ୍ୟ କେନାଲ କାମ ସରିଯାଇଛି । ଏବେ ଆଗଲପୁର ବ୍ଲକ୍ ହରଭଙ୍ଗା ମାଇନର କେନାଲରୁ ଡୁମେରପାଲି ପର୍ଯ୍ୟନ୍ତ ପ୍ରାୟ ୫ କିମି କେନାଲ କାମ ଚାଲିଛି । ଏହି କାମ ପାଇଁ ୮୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ହରଭଙ୍ଗା ମାଇନର କେନାଲରେ ସଂଯୁକ୍ତ ଥିବା ଲୋଇସିଂହା ବ୍ଲକ୍ ବାଦିବାହାଲ ପଞ୍ଚାୟତର ବିଶାଳପାଲି ଓ କଠାରପାଲି ଅଞ୍ଚଳରେ ବିଭାଗ ପକ୍ଷରୁ ସପ୍ତାହେ ପୂର୍ବରୁ କେନାଲ କାମ କରାଯାଇଛି । କେନାଲ କାନ୍ଥରୁ ହାଲୁକା ମାଟି ନ ହଟାଇ ତାହା ଉପରେ ପଲିଥିନ ପକାଇ କଂକ୍ରିଟକରଣ କରିଦିଆଯାଉଛି । ସେହିପରି ତଳ କଂକ୍ରିଟ୍‌କରଣବେଳେ ମଧ୍ୟ ମାଟି ସମାନତା ନ କରି ସମାନ ଢଙ୍ଗରେ କଂକ୍ରିଟକରଣ କରାଯାଉଛି । ଜଳସେଚନ ବେଳେ ତଳ କଂକ୍ରିଟକରଣ ଯେପରି କ୍ଷତି ନ ହେବ ସେଥିପାଇଁ କଂକ୍ରିଟ ତଳ ଏକ ପାଇପ ଓ ଭାଲ୍‌ଭ ବସାଇବା କୁଆଡେ ନିୟମ ରହିଛି । ବକଟି ଅଞ୍ଚଳରେ ପଥୁରିଆ ମାଟିକୁ ହଟାଇ ସମତଳ କରି ପାଇପ ଓ ଭାଲଭ ବସାଯାଇଛି । କିନ୍ତୁ ବିଶାଳପାଲି ଓ କଠାରପାଲି ଅଞ୍ଚଳରେ ପାଇପ ନ ବସାଇ ଉପରଠାଉରିଆ ଭାବେ ଦୂରତା ରକ୍ଷା କରି ଭାଲ୍‌ଭଗୁଡିକୁ ଥୁଆଯାଇଛି । ସେହି ଭାଲ୍‌ଭ ମଧ୍ୟ କଂକ୍ରିଟ୍‌ରେ ଜାମ୍ ହୋଇ ନ ଥିବାରୁ ତାହା ଖୋଲା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି । ଏହି ସବୁ ଅନିୟମିତତା ଓ କଂକ୍ରିଟକରଣର ସପ୍ତାହେ ନ ପୁରୁଣୁ କଂକ୍ରିଟ୍‌ରେ ଫାଟକୁ ନେଇ ଚାଷୀ ଏବଂ ଜନସାଧାରଣରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ପ୍ରମୋଦ ବାଗ୍ କହିଛନ୍ତି, ମୁଁ ବଲାଙ୍ଗୀର ଜିଲ୍ଲାମୁଖ୍ୟାଳୟକୁ ବଦଳି ହୋଇଛି । ଏବେ ଛୁଟିରେ ଅଛିଛ ଫେରିଲା ପରେ ପଚରାଉଚରା ଓ କ୍ଷେତ୍ର ପରିଦର୍ଶନ କରି ଜଣାଇବି ।

## ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କମ୍ ଦଲାଲି ବେଶି

**ରାଇରଙ୍ଗପୁର, ୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କମ୍ ଦଲାଲି ବେଶି ଅଭିଯୋଗ ଆସୁଛି । ସାଦା କାଗଜରେ ପ୍ରେସକ୍ରାଇବ କରୁଛନ୍ତି ଡାକ୍ତର । ଡାକ୍ତରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏସଡିଏମଓଙ୍କ ପାଖରେ ଅଭିଯୋଗ କରିଲେ ରୋଗୀଙ୍କ ସ୍ୱାମୀ ଡାକ୍ତରଙ୍କ ଚିକିତ୍ସା କମ୍ ଦଲାଲି ବେଶି ।




ରାଇରଙ୍ଗପୁର ଡାକ୍ତରଖାନାରେ ବିକଳ ଚିତ୍ର । ସରକାରୀ ଡାକ୍ତରଖାନାରେ ବେସରକାରୀ ଔଷଧ ଦୋକାନର ଔଷଧ, ସାଦା କାଗଜରେ ପ୍ରେସକ୍ରାଇବ କରୁଛନ୍ତି ଡାକ୍ତର, ଡାକ୍ତରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏସ୍‌ଡିଏମ୍‌ଓଙ୍କ ପାଖରେ ଅଭିଯୋଗ କରିଲେ ରୋଗୀର ସ୍ୱାମୀ । ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ଜଣେ ରୋଗୀଙ୍କ ସ୍ୱାମୀ । ସରକାର ହାତ ପାହାନ୍ତାରେ ସାଧାରଣ ଲୋକେ କିଭଳି ବିନା ମୂଲ୍ୟରେ ଚିକିତ୍ସା ସେବା ପାଇପାରିବେ ସେ ନେଇ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଆସିଛି ତାର ବିପରୀତ ଚିତ୍ର ।

ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦର ଗ୍ରାମର ମନ୍ଦାକିନୀ ମହାନ୍ତଙ୍କ ଦେହ ଅସୁସ୍ଥ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ କିନ୍ତୁ ଜନୈକ ଡାକ୍ତର ଡାକ୍ତରଖାନା ପରିସର ବାହାରେ ଥିବା ଏକ ନିର୍ଦ୍ଦିଷ୍ଟ ଔଷଧ ଦୋକାନରୁ ଔଷଧ କିଣି ଆଣିବା ପାଇଁ କହିଥିଲେ ବୋଲି ଅଭିଯୋଗ କରିଛନ୍ତି ରୋଗୀଙ୍କ ସ୍ୱାମୀ । ମହିଳାଙ୍କ ସ୍ୱାମୀ ଔଷଧ ଦୋକାନରେ ଚାରି ହଜାର ସାତଶହ ଅଠସ୍ତରି(୪,୭୭୮) ଟଙ୍କାର ବିଲ ଶୁଣି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଏତେ ଟଙ୍କାର ଔଷଧ କିଣିବାକୁ ଅର୍ଥ ନ ଥିବା ଜଣାଇବାରୁ ଡାକ୍ତର ଜଣଙ୍କ ଦୋକାନୀଙ୍କୁ ଫୋନ୍ କରି ଅଳ୍ପ ଔଷଧ ଦେଇ ଦିଅ ବାକି ଆସନ୍ତାକାଲି ଦେବ କହିବା ସହିତ ଏ କଥା କାହାକୁ ନ କହିବା ପାଇଁ ମହିଳାଙ୍କ ସ୍ୱାମୀଙ୍କୁ କହିବା ସହିତ ଅନ୍ୟ କେହି ଏଇ ଔଷଧ ଲେଖିପାରିବେ ନାହିଁ ବୋଲି ଚେତାଇ ଦେଇଥିବା ନେଇ ଉଭୟ ରୋଗୀ ଓ ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି । ତେବେ ଏସଡିଏମଓ ଡାକ୍ତର ରବୀନ୍ଦ୍ର ନାଥ ମାରାଣ୍ଡି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ନିଜ ମତ ରଖିଛନ୍ତି । ତେବେ ଏନେଇ ରାଇରଙ୍ଗପୁର ଉପ ଜିଲ୍ଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଛନ୍ତି ।

## ରାସ୍ତା କାର୍ଯ୍ୟ ନ କରି ଟଙ୍କା ହଡପ

**ଢେଙ୍କାନାଳ, ୨୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କୁଟୁରିଆ ପଞ୍ଚାୟତ ଗୋଳାଗାଡ଼ିଆ ପୁରୁଣାଡିହ ଠାରୁ ତାଳପଳା ରାସ୍ତାରେ କାର୍ଯ୍ୟ ନ କରି ଡିମାଣ୍ଡ ପଡୁଥିବା ଅଭିଯୋଗ ହୋଇଅଛି । ଦିନକୁ ଦିନ ମନରେଗା ଯୋଜନାରେ ଦୁର୍ନୀତି ବଢ଼ିବାରେ ଲାଗିଛି । ବ୍ଲକ ପ୍ରଶାସନ ଦୁର୍ନୀତି ରୋକିବାରେ ବିଫଳ । ବିଜେପି ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମନରେଗା ଲୋକଙ୍କ ଦ୍ୱାରା କାର୍ଯ୍ୟ ହେବ । ଦୁର୍ନୀତି ରୋକାଯିବ କେଉଁଠି ମେସିନ ଲଗେଇ କାର୍ଯ୍ୟ ହେଉଛି ତ କେଉଁଠି ପୁରୁଣା କାମ ଦେଖାଇ ବିଲ ହେଉଛି । ସରକାରୀ କର୍ମଚାରୀ ଠିକାଦାରୀ ଏବଂ ଏଡ଼ିଓ ମଧୁଚନ୍ଦ୍ରିକାରେ ଚାଲିଛି । ଦୁର୍ନୀତି ବଢ଼ିବାରେ ଲାଗିଛି କୋଡ଼ ନମ୍ବର ୨୪୦୭୦୦୫୦୧୬/ଏଫ୍‌ଡି/୧୦୬୫୪୩୬୫ ମୋଷ୍ଟର ରୋଲ ୯୭୭୦, ୯୭୭୧, ୯୭୭୨, ୧୦୦୪୩, ୧୦୦୪୪, ୧୦୦୪୫, ୧୦୨୦୫, ୧୦୨୦୬, ୧୦୨୦୭, ୧୦୪୫୩, ୧୦୪୫୪, ୧୦୪୫୫, ୧୦୫୯୦, ୧୦୫୯୧, ୧୦୫୯୨, ୧୦୮୭୬, ୧୦୮୭୭, ୧୧୫୩୫, ୧୧୫୩୬, ୧୨୦୪୬, ୧୨୦୪୭ ଏହାର ବିଲ ହୋଇଛି ୨୪୬୫୧୯ ଟଙ୍କାହଡପ ହୋଇଛି ଏବଂ ସୂଚନା ଫଳକ ନାହିଁ କାର୍ଯ୍ୟ ଆରମ୍ଭରୁ ହେବା କଥା କିନ୍ତୁ ତାହା ଓଲଟା ଦେଖିବାକୁ ମିଳୁଛି । ବାରମ୍ବାର ଖବର ପ୍ରସାରଣ ଉପରେ ବ୍ଲକ ପ୍ରଶାସନ ଚୁପ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜିଲ୍ଲାପାଳକୁ ଅନୁରୋଧ କରିଛନ୍ତି ଗ୍ରାମବାସୀ ଯାହା ସତ୍ୟାସତ୍ୟ ପଦାକୁ ଆସିବ କେବେ ନିଆଯାଉଛି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ବାକି ରହିଲା ।

## ସ୍କୁଟିକୁ ଧକ୍କା ଦେଲା ଆମ ବସ୍

**ଭୁବନେଶ୍ୱର, ୨୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀରେ ପୁଣି ଦୁର୍ଘଟଣା ଘଟାଇଲା 'ଆମ ବସ' । ପାତ୍ରପଡ଼ାରେ ଏକ ସ୍କୁଟିକୁ ଧକ୍କା ଦେଲା ଆମ ବସ୍ । ପାତ୍ରପଡ଼ା ଡ଼ିପୋରୁ ବସ୍ ବାହାରିବା ବେଳେ ଦୁର୍ଘଟଣା ଘଟିଛି । ସ୍କୁଟି ଚାଳକଙ୍କ ଆହତ ହୋଇଛନ୍ତି । ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆମ ବସ୍ ଓ ସ୍କୁଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ ଶୁକ୍ରବାର ଜନପଥରେ ଆମ ବସ୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିଲେ । ଏହି ଦୁର୍ଘଟଣାକୁ ନେଇ ଜନପଥରେ ତୁମୁଳକାଣ୍ଡ ଘଟିଥିଲା । ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକେ 'ଆମ ବସ'କୁ ଭଙ୍ଗାରୁଜା କରିଥିଲେ ।

## ପୁରୀରେ ଯୁବକଙ୍କୁ ବୀଭତ୍ସ ହତ୍ୟା

**ପୁରୀ, ୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଟାଉନ ଥାନା ଅଧୀନ କଲେଜ ଛକ ନିକଟରେ ମିଶନ ଶକ୍ତି ବାରଣ୍ଡାରେ ହୋଟେଲ କର୍ମଚାରୀଙ୍କୁ ହତ୍ୟା । ମୃତ ହୋଟେଲ କର୍ମଚାରୀ ଜଣକ ହେଲେ ବାଲେଶ୍ୱର ଜିଲ୍ଲାର ସ୍ମାରକ ଶ୍ରୀ ଓରଫ ଟୁଟୁ । ସିଟି ଡିଏସପି ଓ ଟାଉନ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଜାରି ରଖିଛନ୍ତି ।

ସୂଚନାଯୋଗ୍ୟ ଯେ, ପୁରୀ ଜିଲ୍ଲା ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ନିକଟରେ ହତ୍ୟାକାଣ୍ଡ ଘଟିଛି । ଯୁବକଙ୍କୁ ହାଣି ଫିଙ୍ଗି ଦେଇଛନ୍ତି ଦୁର୍ବୃତ୍ତ । ଖବର ପାଇ ପୁଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ଟାଉନ ଥାନା ପୁଲିସ । ଘଟଣା ସ୍ଥଳରେ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ ପହଞ୍ଚିଛନ୍ତି । ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରାଯାଇଛ । ମୃତ ଯୁବକଙ୍କ ଦେହରେ ଏକାଧିକ କ୍ଷତ ରହିଛି । ମୃତ ଯୁବକ ଜଣଙ୍କ ହେଲେ ବାଲେଶ୍ୱର ଜିଲାର ସ୍ମାରକ ଶ୍ରୀ ଓରଫ ଟୁଟୁ । ସେ ଏକ ହୋଟେଲରେ କାମ କରୁଥିବା ଜଣାପଡିଛି । ଉକ୍ତ ମାମଲାରେ ହୋଟେଲ ମାଲିକ ଓ ଅନ୍ୟ କର୍ମଚାରୀଙ୍କୁ ଅଟକ ରଖି ତଦନ୍ତ ଜାରି ରହିଥିବା ସିଟି ଡିଏସପି ରଶ୍ମିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି ।

## ହାତୀ ଆକ୍ରମଣରେ ଜଣେ ମୃତ

**ଖୋର୍ଦ୍ଧା, ୨୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁଣି ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି । ସେ ହେଲେ ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ଜଙ୍କିଆ ଥାନା ଅନ୍ତର୍ଗତ ଗୟାବନ୍ଧ ଗ୍ରାମର ସଂସାରୀ ଭୁଜୁବଳ(୪୦) । ମୃତକ ଜଣଙ୍କ ଶନିବାର ସକାଳେ ନିଜ ବାରିପଟେ ଥିବା ଖେଳ ପଡିଆକୁ କୌଣସି କାରଣରୁ ଯାଇଥିବା ବେଳେ ହାତୀର ଆକ୍ରମଣର ଶିକାର ହୋଇଥିଲେ ଏବଂ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି । ଖବରପାଇ ଶହ ଶହ ଗ୍ରାମବାସୀ ଘଟଣାସ୍ଥଳରେ ରୁଣ୍ଡ ହୋଇଛନ୍ତି ।

## ଗୁଟଖା ବିକ୍ରି ନିଷେଧ : କାରଖାନା ଉପରେ ଲଗାମ କାହିଁ?

**କବିସୂର୍ଯ୍ୟନଗର, ୨୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ । ରାଜ୍ୟରେ ବନ୍ଦ ହେଲା ଗୁଟଖା ବ୍ୟବସାୟ । ନା ହେବ ଉତ୍ପାଦନ, ନା ହେବ ବିକ୍ରି । ଚଳିତବର୍ଷ ଜାନୁୟାରୀ ୨୧ ତାରିଖରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ହୋଇଛି ଏନେଇ ବିଧିବଦ୍ଧ ବିଜ୍ଞପ୍ତି । ରାଜ୍ୟପାଳଙ୍କ ନିର୍ଦ୍ଦେଶରେ ଏହି ନିୟମ ଜାନୁଆରୀ ୨୧ ତାରିଖରୁ ଲାଗୁ ହୋଇଛି । ବିକ୍ରି କରୁଥିଲେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ । ହେଲେ ଛୋଟ ବ୍ୟବସାୟୀଙ୍କ ଉପରେ ପ୍ରହାର ଦେଇ କମ୍ପାନୀ ପ୍ରତି ଅନୁକମ୍ପା



ଦେଖାଇବା ଘଟଣାକୁ ନେଇ ବଢ଼ିଲାଣି ଅସନ୍ତୋଷ । ଏପଟେ ଗୁଟଖା, ଖଇନି ବନ୍ଦ ନିର୍ଦ୍ଦେଶକୁ ନେଇ ଆରମ୍ଭ ହୋଇଯାଇଛି କଳାବଜାର ।

ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ରେ ବିଭିନ୍ନ ଦୋକାନରେ ଗୁଟଖା ଖଇନି ସିଗାରେଟ ଦୁଇଦିନ ହେଲା କଳାବଜାର ଆରମ୍ଭ ହୋଇଛି । କେତେକ ମୁନଫାଖୋର ହୋଲସେଲ ବେପାରୀଙ୍କ ଗୋଦାମରେ ଏବେ ବି ଗଚ୍ଛିତ ରହିଛି ଲକ୍ଷ ଲକ୍ଷ ଟଙ୍କାର ଗୁଟଖା ଖଇନି । ପାନ ଦୋକାନରେ ଜିନିଷ ମିଳୁନଥିବା ଗୁଜବ କରି ପ୍ୟାକେଟ ପିଛା ୫ ଟଙ୍କାର ଜିନିଷକୁ ୭ ଟଙ୍କା ତ କିଏ ୮ ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଯଦି ରାଜ୍ୟରେ ଗୁଟଖା ବେଆଇନ କରାଗଲା ତାହାଲେ ଗୁଟଖା କମ୍ପାନୀ ଉପରେ ଚଢ଼ାଉ କରାଯାଉନି କାହିଁକି ବୋଲି ଲୋକେ ପ୍ରଶ୍ନ କରିଛନ୍ତ? କବିସୂର୍ଯ୍ୟନଗର ରେ କେତେକ ହାତଗଣତି ଗୁଟଖା ବେପାରୀ କଳାବଜାର ଆରମ୍ଭ କରିଥିବା ଯୋଗୁ ଆଇନ ଲାଗୁ ପରେ ବିକ୍ରି ନିଷେଧକୁ ଦୃଷ୍ଟି ଦେଇ ସ୍ଥାନୀୟ ପୋଲିସ ଓ ପ୍ରଶାସନ ଧରାପଗଡ଼ କରିବାକୁ ସାଧାରଣରେ ଦାବି ହେଉଛି ।

## ଫାର୍ମହାଉସ୍‌ରେ ଅବାଧରେ ଚାଲିଛି ନିଶା କାରବାର

**ବରଗଡ଼, ୨୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ଼ ଜିଲାର ଗାଁଠୁ ସହର ସବୁଠି ଅବାଧରେ ଚାଲିଛି ନିଶା କାରବାର । ଚିରାଚରିତ ଢଙ୍ଗରେ ପୋଲିସ ଓ ଅବକାରୀ ବିଭାଗ ଧରପଗଡ଼ କରୁଛନ୍ତି । ଚୋରାମଦ, କଫ ସିରପ୍, ବ୍ରାଉନସୁଗାର ଭଳି ନିଶାଦ୍ରବ୍ୟ ଜବତ ହେଉଛି । କିନ୍ତୁ ନିଶାଦ୍ରବ୍ୟ କାରବାରର କିଙ୍ଗପିନ୍‌ଙ୍କ ପାଖକୁ ନା ପୋଲିସ ପହଞ୍ଚୁଛି, ନା ଅବକାରୀ ତାଙ୍କୁ ଗିରଫ କରିପାରୁଛି । ଅନ୍ୟପଟେ ଏଭଳି କାରବାର ପଛରେ କଫ ସିରପ୍ ମାଫିଆଙ୍କ ସହିତ ପୋଲିସ, ଅବକାରୀ ଲିଙ୍କ୍‌କୁ ନେଇ ସାଧାରଣରେ ଆଲୋଚନା ଜୋର୍ ଧରିଛି । ବୁଧବାର ବରଗଡ଼–କଟାପାଲି ରାସ୍ତାପାର୍ଶ୍ୱ ବାଞ୍ଜିବାହାଲି କେନାଲ ବ୍ରିଜ ଅନତି ଦୂରରେ ରହିଥିବା ଏକ ଘରୁ ସ୍ଥାନୀୟ ଟାଉନ ଥାନା ପୋଲିସ ୫୦୫୦ ବୋତଲ କଫ ସିରପ୍ ଜବତ ଘଟଣା ପରେ କଫ ସିରପ୍ ମାଫିଆ–ପୋଲିସ ଅଧିକାରୀଙ୍କ ସମ୍ପର୍କ ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣା ପରେ ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ଭଳି ଘଟଣା ପଦାକୁ ଆସିଛି ।

ବରଗଡ଼ ଟାଉନ ଥାନା ପୋଲିସ ଯେଉଁ ଘରୁ ଏଭଳି ବିପୁଳ ପରିମାଣରେ କଫ ସିରପ୍ ଜବତ କରିଥିଲା, ତାହା ଜିଲା ବାହାରେ ପୋଲିସ ବିଭାଗର ଏସ୍‌ଡିପିଓ ଭାବେ କାର୍ଯ୍ୟରତ ଜଣେ ବରିଷ୍ଠ ଏବଂ ପୋଲିସ ଅଧିକାରୀଙ୍କ ଫାର୍ମ ହାଉସ୍ ବୋଲି ସୂଚନା ମିଳିଛି । ଏହି ଘଟଣାରେ ପୋଲିସ ଜଣେ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିବା ବେଳେ ୨ନାବାଳକଙ୍କୁ ଅଟକ ରଖିଥିଲା, ମାତ୍ର ଏତେ ପରିମାଣର କଫ ସିରପ୍ ଯେଉଁ ଫାର୍ମ ହାଉସ୍ ଘରେ ଗଚ୍ଛିତ ଥିଲା, ସେହି ଫାର୍ମ ହାଉସ୍ ମାଲିକଙ୍କ ନାମ ଜବତ କଫ ସିରପ୍ ମାମଲାରେ ମଧ୍ୟ ନାହିଁଛ ଏହି କ୍ଷେତ୍ରରେ ସମ୍ପୃକ୍ତ ଫାର୍ମ ହାଉସ୍ ମାଲିକଙ୍କୁ ଅନୁକମ୍ପା ଓ ସୁରକ୍ଷା ବରଗଡ଼ ପୋଲିସର ଦକ୍ଷତାକୁ ପଦାରେ ପକାଇ ଦେଇଛି । ସମ୍ପୃକ୍ତ ଫାର୍ମ ହାଉସ୍ ମାଲିକ ଜଣେ ଏସ୍‌ଡିପିଓ ହୋଇଥିବାରୁ ତାଙ୍କ ପ୍ରତି ବରଗଡ଼ ପୋଲିସ ସେଭଳି ଅନୁକମ୍ପା ପ୍ରଦର୍ଶନ କରିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି ।

ଏଠାରେ ଉଲ୍ଲେଖନୀୟ, ଜିଲ୍ଲାରେ ନିଶା କାରବାର ବୃଦ୍ଧି ଯୋଗୁ ଜିଲାରେ ଦିନ ଦ୍ୱିପ୍ରହରରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି । ଚୋରି, ଲୁଟ, ଆକ୍ରମଣଠାରୁ ଆରମ୍ଭ କରି ହତ୍ୟା ଭଳି ଅପରାଧ ଘଟୁଛି । କେବଳ ସେତିକି ନୁହେଁ, ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି । ତେବେ ପୋଲିସ ବିଭାଗର ଜଣେ ଏସ୍‌ଡିପିଓ ପାହ୍ୟାର ଅଧିକାରୀଙ୍କ ଫାର୍ମ ହାଉସ୍‌ରେ କଫ ସିରପ୍ କାରବାର ଚାଲିଥିବା ଘଟଣା ପଦାକୁ ଆସିବା ପରେ ଏହା ଜିଲ୍ଲାବାସୀଙ୍କ ମନକୁ ଆନ୍ଦୋଳିତ କରି ପକାଇଛି । ସମ୍ପୃକ୍ତ ଅଧିକାରୀ ଜିଲା ବାହାରେ କାର୍ଯ୍ୟ କରୁଥିଲେ ହେଁ ତାଙ୍କ ଫାର୍ମ ହାଉସରେ ଚାଲିଥିବା ଏଭଳି କଫ ସିରିପ୍ କାରବାର ପ୍ରତି କିଭଳି ଅଜ୍ଞ ଥିଲେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ବାଞ୍ଜିବାହାଲି ଗ୍ରାମର ବ୍ରହ୍ମା ମହାକୁର କହିଛନ୍ତି, କଫ ସିରପ୍ ଯେଉଁଠି ଜବତ ହୋଇଛି, ତାହା ଜଣେ ପୋଲିସ ଅଧିକାରୀଙ୍କ ଘର । ପୋଲିସ ଅଧିକାରୀଙ୍କ ଘରଠାରୁ ଯଦି ଏହିଭାବେ କଫ୍ ସିରପ୍ ଜବତ ହେଉଛି, ଅନ୍ୟଲୋକଙ୍କ ଘରେ କାହିଁକି ନ ହେବ । ସମ୍ପୃକ୍ତ ପୋଲିସ ଅଧିକାରୀ ତଦନ୍ତ ପରିସରଭୁକ୍ତକୁ ଆସିବା ଉଚିତ । ଏ ନେଇ ଆମେ ବାଞ୍ଜିବାହାଲି ଗ୍ରାମବାସୀ ଆଇଜି, ଡିଜି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଭେଟିବୁ । ସେହିପରି ଅନ୍ୟଜଣେ ଗ୍ରାମବାସୀ ଗଣେଶ ମହାକୁର କହିଛନ୍ତି, ଆମ ଏ ଅଞ୍ଚଳରେ କେବେ ସେଭଳି କାରବାର ହେଉଥିବା ନେଇ ଆମେ ଜାଣି ନ ଥିଲୁ । ଆଜି ସେଭଳି ଘଟଣା ଆମକୁ ଆଚମ୍ବିତ କରି ପକାଇଛି । ୨ଦିନ ତଳେ ଯେଉଁ ଘରେ କଫ ସିରପ୍ ଜବତ ହୋଇଛି, ତାହା ଜଣେ ପୋଲିସ ଅଧିକାରୀଙ୍କ ଘରଛ ବରଗଡ଼ ପୋଲିସ ପ୍ରଶାସନ ଏହି ଘଟଣାରେ ଯେଉଁମାନଙ୍କୁ ଗିରଫ କରିଛି, ସେମାନେ ଗଛର ଡାଳ, ପତ୍ର ସଦୃଶ । ପୋଲିସ ଚେରକୁ ଉପାଡୁ ଏବଂ ଯେଉଁ ଘରେ ଏଭଳି କାରବାର ଚାଲିଥିଲା, ସେହି ଘର ମାଲିକଙ୍କୁ ମଧ୍ୟ ଗିରଫ କରୁ । ନଚେତ ଆମେ ମୁଖ୍ୟମନ୍ତ୍ରୀ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କ ଦ୍ୱାରସ୍ଥ ହେବୁ ।

## ନିଖୋଜ ବୃଦ୍ଧଙ୍କ ଦରପଚା ଶବ ଉଦ୍ଧାର

**ବଲାଙ୍ଗୀର, ୨୪।୧**

ବଲାଙ୍ଗୀର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ମହାଲାଇ ପଞ୍ଚାୟତର ବୁଦେଲ ଗୁମା ଗାଁ ଜଙ୍ଗଲ ଭିତରେ ଏକ ଦରପଚା ଶବକୁ ଆଜି ଠାବ କରିଥିଲା ଦେଓଗାଁ ପୁଲିସ । ମୁଗ ବିଲ ଭିତରେ ପଡ଼ିଥିବା ଏହି ଅପରିଚିତ ଶବର ପରିଚୟ ଖୋଜିପାଇଛି ଦେଓଗାଁ ପୁଲିସ । ଦରପଚା ଶବଟି ତୁଷୁରା ଥାନା ଖଗସିକନା ସ୍ଥିତ ସଞ୍ଜୟ ପଡ଼ାର ଶ୍ୟାମ ସୁନ୍ଦର ରଣାଙ୍କର ବୋଲି ଜଣାପଡିଛି ।

ସେ ଗତ ୭ଦିନ ତଳେ ନିଖୋଜ ହୋଇଥିବା ନେଇ ତୁଷୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ ପରିବାର ଲୋକେ । ଅନ୍ୟପକ୍ଷରେ ଏହି ଶବ ମିଳିବା ଘଟଣାକୁ ନେଇ ଅନେକ କଥା ଚର୍ଚ୍ଚା ହେଉଥିବା ବେଳେ ଅର୍ଜୁନପୁର–ତୁଷୁରା ରାସ୍ତାର ମାଧିଆପାଲି ଛକ ନିକଟରେ ଏକ ରାଜସ୍ଥାନୀ ଗାଡ଼ି ବୃଦ୍ଧ ଜଣଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଦୋଷ ଲୁଚାଇବାକୁ ଯାଇ ଦୁର୍ଘଟଣାସ୍ଥଳରେ ମାଟି ଢାଙ୍କି ଦେଇ ଅନ୍ୟତ୍ର ଜଙ୍ଗଲ ଭିତରକୁ ଶବ ଫିଙ୍ଗି ଦେଇଛନ୍ତି ବୋଲି ଆଲୋଚନା ହେଉଛି ।

## ମନ୍ଦିରରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ପରଜଙ୍ଗ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କଣ୍ଡୋର ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁର ଗାଁ ଶିବ ମନ୍ଦିରରୁ ଶୁକ୍ରବାର ରାତିରେ ଲକ୍ଷାଧିକ ଟଙ୍କାର ମନ୍ଦିର ସାମଗ୍ରୀ ଲୁଟି ନେଇଛନ୍ତି ଦୁର୍ବୃତ୍ତ । ମନ୍ଦିର କବାଟ ତାଲା ଭାଙ୍ଗି ମନ୍ଦିର ଭିତରେ ଥିବା ପିତ୍ତଳ ସାମଗ୍ରୀ, ମାଆଙ୍କ ମୁକୁଟ, ରୁପା ସାମଗ୍ରୀ ଆଦି ଲୁଟ୍ କରିନେଇଛନ୍ତି ଦୁର୍ବୃତ୍ତ । ଏଥିସହିତ ମନ୍ଦିର ନିକଟରେ ଥିବା ପାଣି ପମ୍ପ ହାଉସ୍ ଘରର ତାଲା ମଧ୍ୟ ଭାଙ୍ଗି ଦେଇଛନ୍ତି । ତେବେ ସେଠାରୁ କିଛି ଚୋରି ହୋଇ ନ ଥିବା ଜଣାପଡ଼ିଛି । ମାତ୍ର ଅଞ୍ଚଳରେ ବାରମ୍ବାର ଚୋରିକୁ ନେଇ ଏବେ ଆତଙ୍କିତ ଅଛନ୍ତି ଅଞ୍ଚଳବାସୀ । ତୁରନ୍ତ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ସରକାରୀ ଜମିରେ ଫାର୍ମହାଉସ : ଉଚ୍ଛେଦ ଭୟରେ ନିଜେ ଭାଙ୍ଗିଲେ

**ଧର୍ମଶାଳା, ୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ ଜମି ଜବରଦଖଲ କରି ଫାର୍ମହାଉସ ନିର୍ମାଣ କରିଥିବା ଧର୍ମଶାଳାର ପୂର୍ବତନ ବିଧାୟକଙ୍କ ନାମରେ ଆସିଥିବା ଅଭିଯୋଗ ଏବେ ନୂଆ ମୋଡ଼ ନେଇଛି । ଏ ନେଇ ତହସିଲ ପକ୍ଷରୁ ନୋଟିସ୍ କରାଯିବା ପରେ ଆଶ୍ଚର୍ଯ୍ୟଜନକ ଭାବେ ଫାର୍ମହାଉସ ଭିତରେ ଥିବା କିଛି ଘର ଭଙ୍ଗାଯାଇଥିବା ଫଟୋ ସାମନାକୁ ଆସିଛି । ପ୍ରଶାସନ ଉଚ୍ଛେଦ କରିବା ପୂର୍ବରୁ ତରବରିଆ ଭାବେ ଫାର୍ମହାଉସ ଘରଗୁଡ଼ିକୁ ପୂର୍ବତନ ବିଧାୟକ ଭାଙ୍ଗି ଦେଇଛନ୍ତି ।

ଧର୍ମଶାଳା ତହସିଲ ପନ୍ଥୁରୀଠାରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ କିଛି ଜମି କିଣି ବେଆଇନ ଭାବେ ଅଧିକ ଜମି ଅକ୍ତିଆର କରିବା ଓ ସେଥିରେ ପାଚେରି ବୁଲାଇ ଫାର୍ମହାଉସ ନିର୍ମାଣ କରିଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ଧର୍ମଶାଳା ତହସିଲଦାର ପ୍ରଣବଙ୍କ ବିରୋଧରେ ଓଡ଼ିଶା ଭୂମି ଅନଧିକାର ଦଖଲ ନିବାରଣ ଅଧିନିୟମ ୧୯୭୨ ଧାରା ଅନୁଯାୟୀ କେସ୍ ନଂ ୨୨୯/ ୨୦୨୫–୨୬ରେ ନୋଟିସ୍ ଜାରି କରିଥିଲେ । ଆର୍‌ଆଇ ତଳଗଡ଼ ଉକ୍ତ ଅଭିଯୋଗର ତଦନ୍ତ କରି ପ୍ରଣବ ବଳବନ୍ତରାୟ, ପିତା ସ୍ୱର୍ଗତ କଳ୍ପତରୁ ଦାସ, ଗ୍ରାମ ଭୋଟକା, ଥାନା କୁଆଖିଆ ମଧୁପୁରଗଡ଼ ଗ୍ରାମପଞ୍ଚାୟତସ୍ଥିତ ପନ୍ଥୁରୀଠାରେ (ଖାତା ନଂ ୩୩୬, ପ୍ଲଟ୍ ନଂ ୧୧୧୮) ମୋଟ ୩୧.୬୦ ଏକର ପର୍ବତ କିସମ ଜମିରେ ଫାର୍ମହାଉସ କରିଥିବା ଜଣାପଡ଼ିଥିଲା । ଏଥିସହ



ଉକ୍ତ ଫାର୍ମହାଉସରେ ସରକାରୀ ଜମିକୁ ବିନା ଅନୁମତିରେ ଜବରଦଖଲ କରାଯାଇଥିବା ଜଣାପଡ଼ିଥିଲା । ଏପରିକି ଏହି ଜମିରେ ପାଚେରି ତିଆରି କରାଯାଇ ବଗିଚା ମଧ୍ୟ କରାଯାଇଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ବା ଜବରଦଖଲ ଉଚ୍ଛେଦ ଆଶଙ୍କାରେ ଶ୍ରୀ ବଳବନ୍ତରାୟ ନିଜଆଡୁ ସରକାରୀ ଜାଗା ଉପରେ ଥିବା ଫାର୍ମହାଉସର କିଛି ଘର ଭାଙ୍ଗି ଦେଇଛନ୍ତି । ପୂର୍ବରୁ କୌଣସି ଜବରଦଖଲ କରିନଥିବା ସଫେଇ ଦେଇଥିବା ଶ୍ରୀବଳବନ୍ତରାୟ ଫାର୍ମହାଉସ ଭିତରୁ ତରବରିଆ ଭାବେ କାହିଁକି ଘର ଭାଙ୍ଗୁଛନ୍ତି ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।

ଏ ନେଇ ଶ୍ରୀ ବଳବନ୍ତରାୟ ତାଙ୍କ ପ୍ରତିକ୍ରିୟା ରଖି କହିଛନ୍ତି, 'ଯଦି ସେ ଜବରଦଖଲ କରିଛନ୍ତି ତେବେ ସରକାର ମାପ କରି ତାଙ୍କ ଜମି ନେଇଯାଆନ୍ତୁ' । ମାତ୍ର ଫାର୍ମହାଉସକୁ ଲାଗି ସେ କୌଣସି ଜମି ଜବରଦଖଲ କରିନାହାନ୍ତି । ଫାର୍ମହାଉସ ଭିତରୁ ଘର ଭଙ୍ଗା ହୋଇଥିବା କଥା ସତ । ତେବେ ସେ ଘର ଜବରଦଖଲ ପାଇଁ ଭାଙ୍ଗିନାହାନ୍ତି । ଫାର୍ମହାଉସ ଭିତରେ ଥିବା ଏକ ଘରକୁ ସେ ଜଣଙ୍କୁ ଭଡ଼ାରେ ଦେଇଥିଲେ । କରୋନା ସମୟରେ ଏହାକୁ ସଙ୍ଗରୋଧକେନ୍ଦ୍ର (କ୍ୱାରେଣ୍ଟାଇନ୍ ସେଣ୍ଟର) ପାଇଁ ବ୍ୟବହାର କରାଯାଇଥିଲା । ପରେ ସେ ଘରକୁ ଏକ ଛେଳି ଫାର୍ମ କରିବାକୁ ଭଡ଼ାରେ ଦେଇଥିଲେ ।

ଫାର୍ମ ନିର୍ମାଣ କରିଥିବା ବ୍ୟକ୍ତି ସେ ଘର ଭାଙ୍ଗୁଛନ୍ତି । ଜବରଦଖଲ ସହିତ ଏହାର କିଛି ସଂପର୍କ ନାହିଁ ।' ଅନ୍ୟପକ୍ଷରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ କହିଛନ୍ତି, ସେ କ'ଣ ଜବରଦଖଲ କରିଛନ୍ତି ନ କରିଛନ୍ତି ସେ କଥା ପ୍ରଶାସନ ବୁଝିବ । ମୋହନ ସରକାରଙ୍କ ସମୟରେ ଆଇନ ତା'ର କାମ ଠିକ୍ କରୁଛି । ଯଦି ସେ ଘର ଭାଙ୍ଗୁଛନ୍ତି କିଛି କାରଣ ନିଶ୍ଚିତ ଥିବ, ତାହା ସେ ଭଲଭାବେ ଜାଣିଥିବେ । ଏବେ ଯିଏ ଯେତେ ପ୍ରଭାବଶାଳୀ ହୁଅନ୍ତୁ, ଜବରଦଖଲ କରିଥିଲେ ପ୍ରଶାସନ ନିଶ୍ଚିତ ଉଚ୍ଛେଦ କରିବ ।

କୃଷିର ବିକାଶ ପାଇଁ ଏବଂ କୃଷକଙ୍କୁ ସଶକ୍ତିକରଣ କରିବା ପାଇଁ ସରକାର ବିଭିନ୍ନ ପ୍ରକାର ଘୋଷଣା କରୁଛନ୍ତି । ଆଗକୁ କିଭଳି ବିନା ପାଣିରେ ଚାଷ ହୋଇପାରିବ ସେ ଦିଗରେ ମଧ୍ୟ ଆଜିଠୁ ଗବେଷଣା ପାଇଁ କୃଷି ବିଷାରଦମାନଙ୍କୁ କାମରେ ଲଗାଇବା ଦରକାର । କାରଣ ଏବେଠୁ ରାଜ୍ୟର ସବୁ ନଈ ଶୁଖିଲା । ମହାନଦୀ ହିଁ ପ୍ରାୟ ସବୁ ଶାଖା ନଦୀକୁ ପୁଷ୍ଟ କରିଥାଏ । ତେଣୁ ବିକଳ୍ପ ଚାଷ ପାଇଁ ଆମେ ଏବେଠୁ ପ୍ରସ୍ତୁତ ହେବା ଦରକାର । କେବଳ ପବନରେ ଯେତିକି ଜଳୀୟ ବାଷ୍ପ ରହିଛି ସେତିକିରେ କିଭଳି ଚାଷ ହୋଇପାରିବ ସେ ଦିଗରେ ଗବେଷଣାର ଆବଶ୍ୟକତା ରହିଛି ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୨୫ ଜାନୁଆରୀ ୨୦୨୬ | ରବିବାର

ଓଡ଼ିଶା ଏକ୍ସପ୍ରେସ୍

# ବିନା ପାଣିରେ ଚାଷ ଉପରେ ଗବେଷଣାର ସମୟ ଆସିଛି

ଆମ ରାଜ୍ୟରେ ଏବଂ ବିଭିନ୍ନ ସ୍ଥାନରେ କୃଷି ସମ୍ପର୍କିତ ପ୍ରଦର୍ଶନୀ ପ୍ରତିବର୍ଷ ଆୟୋଜନ ହେଉଛି । ରାଜଧାନୀରେ ତ ମେଗା ପ୍ରଦର୍ଶନୀ ପ୍ରତିବର୍ଷ ଚାଲିଛି । ନବୀନବାବୁଙ୍କ ସମୟରେ ହେଉଥିଲା, ଏ ସରକାର ଅମଳରେ ମଧ୍ୟ ହେଉଛି । ଚାଷ ପାଇଁ ବିଭିନ୍ନ କମ୍ପାନୀର ପାଣିପମ୍ପ ଏବଂ କୃଷି ସମ୍ପର୍କିତ ଯନ୍ତ୍ରପାତିର ପ୍ରଦର୍ଶନ ସହିତ କୃଷି ବିଷାରଦମାନେ ଭାଷଣ ମାଧ୍ୟମରେ କୃଷକଙ୍କୁ ବିଭିନ୍ନ ପରାମର୍ଶ ମଧ୍ୟ ଦେଇଥାନ୍ତି ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ହାତରେ କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ବିଭାଗ ରହିଛି । ସେ ନିକଟରେ ଏକ ଆଲେଖ୍ୟରେ କହିଛନ୍ତି– 'କୃଷି ଓଡ଼ିଶା' ହେଉଛି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଏକ ବାର୍ଷିକ କାର୍ଯ୍ୟକ୍ରମ, ଯାହା କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ରାଜ୍ୟର ପ୍ରଗତିକୁ ପ୍ରଦର୍ଶିତ କରିଥାଏ । ଏଇ ବିଶାଳ ସମାବେଶ ଆଧୁନିକ, ସମସାମୟିକ, ପାରମ୍ପରିକ କୃଷି ଏବଂ ନବସୃଜନ ସହିତ ସମନ୍ୱୟ ରଖି ବର୍ଷ ବର୍ଷ ଧରି କୃଷି ପଦ୍ଧତିର ସଫଳତା ଓ ବିକାଶକୁ ପ୍ରଦର୍ଶନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ କାର୍ଯ୍ୟ କରିଆସୁଛି ।

ଚଳିତ ବର୍ଷର ବିଷୟବସ୍ତୁ ରହିଛି– 'ଅନ୍ତର୍ଭୂକ୍ତୀକରଣ ମାଧ୍ୟମରେ ସହନଶୀଳ କୃଷି' ଯାହା ରାଜ୍ୟରେ ଚାଷୀଙ୍କ ଉନ୍ନତି, ଅଗ୍ରଗତି, ସଂପ୍ରଦାୟର ବିକାଶ ଏବଂ ଏକାଧାରରେ ସମୃଦ୍ଧ କୃଷି– ଐତିହ୍ୟ, ଜୈବ ବିବିଧତାର ସଂରକ୍ଷଣ ସହିତ ଲିଙ୍ଗଗତ ଓ ପୁଷ୍ଟି ସମ୍ବେଦନଶୀଳ, କୃଷି କଲ୍ୟାଣ, ଭବିଷ୍ୟତ ଓ ରଣନୀତି ନିର୍ମାଣ ଉପରେ ପର୍ଯ୍ୟବସିତ । ସେ ଏକଥା ମଧ୍ୟ କହିଛନ୍ତି ରାଜ୍ୟରେ ବର୍ତ୍ତମାନ କୃଷିର ସ୍ଥିତି ଏବଂ ପ୍ରଗତିକୁ ଅନୁଧ୍ୟାନ କରି ଦେଖିଛନ୍ତି ଯେ, ଆମ ରାଜ୍ୟ ଦିନେ ଖାଦ୍ୟଶସ୍ୟରେ ନିଅଣ୍ଟିଆ ଥିଲା, କିନ୍ତୁ ବର୍ତ୍ତମାନ ଏହା ଖାଦ୍ୟଶସ୍ୟରେ ବଳକା ରାଜ୍ୟ ଭାବେ ପରିଗଣିତ । କେବଳ ସେତିକି ନୁହେଁ ବର୍ତ୍ତମାନ ଓଡ଼ିଶା ବିଦେଶକୁ ମଧ୍ୟ ଚାଉଳ, ପନିପରିବା ଓ ଫଳମୂଳ ରପ୍ତାନି କରି ଅନ୍ନଦାତାଙ୍କୁ ସଶକ୍ତ କରିପାରିଛି । ଏହି ବୈପ୍ଳବିକ ପରିବର୍ତ୍ତନର ସୂତ୍ରଧର ହେଲେ ଆମ ମାଟିର କୃଷକ । ଯେଉଁମାନେ ନିଜ ଜମିରେ ଫସଲ ଫଳାଇ କେବଳ ନିଜ ଆବଶ୍ୟକତାକୁ ପୂରଣ କରୁନାହାନ୍ତି ବରଂ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ରୋଜଗାର ପ୍ରଦାନ ଏବଂ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ସଂରକ୍ଷଣ ଭଳି ବିରାଟ ସମସ୍ୟାର ପ୍ରତିରୋଧ କରି ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସ୍ଥିର କୃଷି ଭବିଷ୍ୟତ ନିର୍ମାଣ କରୁଛନ୍ତି । ରଣନୈତିକ ନୀତି, ପଦକ୍ଷେପ, ପ୍ରଯୁକ୍ତିବିଦ୍ୟା ଗ୍ରହଣ, ଜଳବାୟୁ ପ୍ରତିରୋଧି କୃଷି ଅଭ୍ୟାସ, ଡିଜିଟାଇଜେନସନ ଏବଂ ସ୍ଥାୟିତ୍ୱ ଉପରେ ଧ୍ୟାନ ଦେବା ଦ୍ୱାରା ଓଡ଼ିଶାର କୃଷି କ୍ଷେତ୍ର ଉଲ୍ଲେଖନୀୟ ଅଭିବୃଦ୍ଧି କରୁଛି । ଓଡ଼ିଶାର ଅର୍ଥନୈତିକ ସର୍ଭେ ୨୦୨୪–୨୫ ଅନୁଯାୟୀ ଖାଦ୍ୟଶସ୍ୟ ଉତ୍ପାଦନ ପୂର୍ବବର୍ଷଗୁଡ଼ିକ ତୁଳନାରେ ଉଲ୍ଲେଖନୀୟ ହାରରେ ବୃଦ୍ଧି ପାଉଛି ।

କୃଷିର ବିକାଶ ପାଇଁ ଏବଂ କୃଷକଙ୍କୁ ସଶକ୍ତିକରଣ କରିବା ପାଇଁ ସରକାର ବିଭିନ୍ନ ପ୍ରକାର ଘୋଷଣା କରୁଛନ୍ତି । ଆଗକୁ କିଭଳି ବିନା ପାଣିରେ ଚାଷ ହୋଇପାରିବ ସେ ଦିଗରେ ମଧ୍ୟ ଆଜିଠୁ ଗବେଷଣା ପାଇଁ କୃଷି ବିଷାରଦମାନଙ୍କୁ କାମରେ ଲଗାଇବା ଦରକାର । କାରଣ ଏବେଠୁ ରାଜ୍ୟର ସବୁ ନଈ ଶୁଖିଲା । ମହାନଦୀ ହିଁ ପ୍ରାୟ ସବୁ ଶାଖା ନଦୀକୁ ପୁଷ୍ଟ କରିଥାଏ । ତେଣୁ ବିକଳ୍ପ ଚାଷ ପାଇଁ ଆମେ ଏବେଠୁ ପ୍ରସ୍ତୁତ ହେବା ଦରକାର । କେବଳ ପବନରେ ଯେତିକି ଜଳୀୟ ବାଷ୍ପ ରହିଛି ସେତିକିରେ କିଭଳି ଚାଷ ହୋଇପାରିବ ସେ ଦିଗରେ ଗବେଷଣାର ଆବଶ୍ୟକତା ରହିଛି ।

ଚାଷଜମିଗୁଡ଼ିକୁ ଜଳସେଚିତ କରାଯିବ– ଏ ଉଦ୍‌ଘୋଷଣା ସରକାରଙ୍କର ରହିଛି । କିନ୍ତୁ ପ୍ରଶ୍ନ ଉଠୁଛି କେନାଲରେ ପାଣି ଆସିବ କୁଆଡୁ? ଉଠା ଜଳସେଚନ ପ୍ରକଳ୍ପ ମଧ୍ୟ କାମ କରିବନି ଭୂ–ଜଳସ୍ତର ତଳକୁ ଖସିଗଲେ । ଜଳସ୍ତର ତଳକୁ ତଳକୁ ଯାଉଛି ।

ମହାନଦୀ ଜଳ ବିବାଦର ସମାଧାନ ଟ୍ରିବ୍ୟୁନାଲରେ ଅଟକିଛି । ଟ୍ରିବ୍ୟୁନାଲ କାର୍ଯ୍ୟକାଳ ସରିଆସୁଛି । ଆଲୋଚନା ମାଧ୍ୟମରେ ଚୁଟ୍‌କିରେ ଏହାର ସମାଧାନ ହୋଇପାରିବ ବୋଲି ବିଜେପି କହୁଥିଲା । ଲୋକେ ମଧ୍ୟ ଆଶା କରିଥିଲେ ଡବଲ ଇଂଜିନ ସରକାର ଆସିବା ପରେ ଓଡ଼ିଶା ପଟେ ମହାନଦୀ ଦୁଇକୂଳ ଛୁଇଁବ ।

ନବୀନଙ୍କ ଅମଳରେ ଏକ ସ୍ୱତନ୍ତ୍ର କୃଷି ବଜେଟ୍ କୃଷି ଏବଂ କୃଷକଙ୍କୁ ସଶକ୍ତ କରିବା ପାଇଁ କରାଯାଇଥିଲା । କୃଷକଙ୍କୁ କାଳିଆ ଯୋଜନାରେ ଟଙ୍କା ବଣ୍ଟା ଯାଉଥିଲା । କୃଷକଙ୍କୁ କ'ଣ 'ହର୍ଲିକ୍ସ', 'କମ୍ପ୍ଲାନ' ଏବଂ 'ପ୍ରୋଟିନ' ଖୁଆଇ ସଶକ୍ତି କରି ହେବକି? ଫସଲ ହୃଷ୍ଟପୁଷ୍ଟ ହେଲେ ଚାଷୀ ସଶକ୍ତ ହେବେ । ଏଥିପାଇଁ ପାଣି ଦରକାର ଏବଂ ଫସଲ ଭଲ ହେଲେ ଏହାକୁ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ଦରକାର । ଏସବୁ କଥା ଯେ ନବୀନ ସରକାରଙ୍କୁ ଜଣାନଥିଲା କହିବା ଭୁଲ୍ ହେବ । ୨୪ ବର୍ଷ ଭିତରେ ଗୋଟିଏ ଡ୍ୟାମ୍ ହୋଇପାରିଲାନି, ଏ ଅଭିଯୋଗ ସେତେବେଳେ କରୁଥିଲେ ଏବେ ଶାସନରେ ଥିବା ବିଜେପି ବାଲାଏ । ଏମାନେ କେତୋଟି ଡ୍ୟାମ୍ ଆଉ ବ୍ୟାରେଜ କାମ ଆରମ୍ଭ କଲେଣି ଏକଥା ଲୋକଙ୍କୁ ଜଣାଇବା ଉଚିତ୍ । ନବୀନ ବାବୁ ଶୀତଳଭଣ୍ଡାର କଲେନି, ଏମାନେ କେତେଟା କଲେଣି? ମଣ୍ଡି ବ୍ୟବସ୍ଥା ସେତେବେଳେ ଥିଲା ଏବେବି ରହିଛି । ତେଣୁ ଦୁଇ ସରକାରଙ୍କ ଭିତରେ ପ୍ରଭେଦ କ'ଣ ରହିଲା?

ଚାଷର ବିକାଶ ପାଇଁ ଯେଉଁସବୁ ଯୋଜନା ହାତକୁ ନିଆଯାଉଛି, ପ୍ରଦର୍ଶନୀଠୁ ନେଇ ଭାଷଣ ଯାଏଁ ସେଥିରେ ବିନା ପାଣିରେ ଚାଷକୁ ଅଧିକ ଗୁରୁତ୍ୱ ଏବଂ ପ୍ରାଥମିକତା ଦେବାର ସମୟ ଆସିଛି ଆଗାମୀ ଦିନରେ ରାଜ୍ୟର କୃଷି ପରିଚୟକୁ ବଜାୟ ରଖିବା ପାଇଁ ।

# ଅବମୂଲ୍ୟାୟନର ଚରମ ଉପହାସ

## ମୂଲ୍ୟବୋଧ



ଅରବିନ୍ଦ ରାଉତରାୟ

ଦେଶର ନିଅଣ୍ଟିଆ ବାଣିଜ୍ୟ କାରବାରକୁ ରୋକିବାରେ କେନ୍ଦ୍ରୀୟ ବ୍ୟାଙ୍କ ଓ ସରକାର ଏକପ୍ରକାର ଥକି ପଡିଲେଣି । ରପ୍ତାନୀ ତୁଳନାରେ ଆମଦାନୀ ଅତ୍ୟନ୍ତ ଗତିଶୀଳ ହୋଇଉଠିବାରୁ ବାଣିଜ୍ୟିକ ସ୍ଥିତି ଓ ବିନିମୟ ଅନୁପାତ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି । ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ଦୁର୍ବଳ ହୋଇ ପଞ୍ଚାଅଶୀ ଟଙ୍କା ଅତିକ୍ରମ କରିଗଲାଣି । ମୁଦ୍ରାର ଅବମୂଲ୍ୟାୟନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଓ ସରକାରଙ୍କୁ ଉପହାସ କରିବା ସ୍ଥିତିରେ ପହଞ୍ଚିଲାଣି । ବିଗତ ଦଶନ୍ଧି ମଧ୍ୟରେ ଏହି ଅମୂଲ୍ୟାୟନ ଏତେ ପ୍ରଖର ଗତିରେ ଯାଉଛି ଯେ ଦଶନ୍ଧି ପ୍ରାରମ୍ଭ ସ୍ଥିତିର ଏକତୃତୀୟାଂଶ ଉର୍ଦ୍ଧ୍ୱମୁଖୀ ହୋଇଗଲାଣି । ଅର୍ଥାତ୍ ଦଶବର୍ଷ ତଳେ ଏକଷଠି ଟଙ୍କାରେ ଥିବା ମୁଦ୍ରାର ଅବମୂଲ୍ୟାୟନ ଏକ–ତୃତୀୟାଂଶ ବଢିଗଲାଣି । କେବଳ ସେତିକି ନୁହେଁ ଏହି ସ୍ଥିତି ଦେଶର ବୈଦେଶିକ ବିନିମୟ ପୁଂଜି ସ୍ଥିତିକୁ ଦୁର୍ବଳ କରିବା ସହିତ ରପ୍ତାନୀ ବାଣିଜ୍ୟକୁ ନିମ୍ନମୁଖୀ କରିଦେଲାଣି । ଏହି ସ୍ଥିତି ଜାରି ରହିଲେ ଆଗାମୀ ପାଞ୍ଚବର୍ଷରେ ମୁଦ୍ରାର ଦୁର୍ବଳତା ସେଞ୍ଚୁରୀ ଆଖପାଖରେ ପହଞ୍ଚିଥିବାର ଆଶଙ୍କାକୁ ଏଡାଇବା ଅସମ୍ଭବ ହୋଇପଡିବ । ଅର୍ଥାତ୍ ପ୍ରତି ଆମେରିକୀୟ ଡଲାର ବଦଳରେ ଆମକୁ ପ୍ରାୟ ଶହେ ଟଙ୍କା ଗଣିବାକୁ ପଡିବ ।

ବିକଶିତ ରାଷ୍ଟ୍ର ଆମେରିକାର ଅର୍ଥନୀତି ସଂପୂର୍ଣ୍ଣ ସଫଳ ସ୍ଥିତିରେ ନଥିଲେ ମଧ୍ୟ ଡଲାର ତୁଳନାରେ ମୁଦ୍ରାର ଦ୍ରୁତ ଅବମୂଲ୍ୟାୟନ ଭାରତୀୟ ଅର୍ଥନୀତିଜ୍ଞଙ୍କୁ ଚକିତ କରିବା ସ୍ୱାଭାବିକ । ଟ୍ରମ୍ପ ସରକାର ଶାସନ ଦାୟିତ୍ୱ ନେବା ପରେ ମୁଦ୍ରା ଅଧିକ ଦୁର୍ବଳ ହେବାର ଆଶଂକା ଭାରତୀୟ ବ୍ୟାଙ୍କ ସମୂହକୁ ଅଧିକ ଚକିତ କରିଛି । ଏହି ଦୁର୍ବଳତା ହାର ଆଠରୁ ଦଶପ୍ରତିଶତ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି । ତେବେ ଦ୍ରୁତ ଅବମୂଲ୍ୟାୟନର କାରଣ ଆନ୍ତର୍ଜାତିକ ପ୍ରସଙ୍ଗ ବୋଲି ସରକାର ଯେତେ ସଫେଇ ଦେଲେ ମଧ୍ୟ ଗ୍ରହଣଯୋଗ୍ୟ ହୋଇନପାରେ । କାରଣ ଦଶବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶାସନ କ୍ଷମତାରେ ଥିବା ବର୍ତ୍ତମାନର ସରକାର ସେହି ଅନ୍ତର୍ଜାତୀୟ ପ୍ରକୋପକୁ ଅକାମୀ କରାଇବା ସ୍ଥିତିରେ ନ ପହଞ୍ଚିବାର କାରଣ ଜଣାପଡୁ ନାହିଁ । ବର୍ହିବାଣିଜ୍ୟ କ୍ଷେତ୍ରରେ ଦେଶର ବିଫଳତା ଯେ ବାଣିଜ୍ୟ ନିଅଣ୍ଟ କାୟା ବୃଦ୍ଧି କ୍ଷେତ୍ରରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ସହାୟକ ହେଉଛି, ଏହା କାହାକୁ ଅଛପା ନାହିଁ । ବିନିମୟ ମୁଦ୍ରା ତୁଳନାରେ ଭାରତୀୟ ମୁଦ୍ରା ଦୁର୍ବଳ ହେଲେ ଅର୍ଥନୀତି ପାଇଁ ସକରାତ୍ମକ ପରିବେଶ ସୃଷ୍ଟି ହେବ ବୋଲି ଯୁକ୍ତି ବାଢୁଥିବା ନୀତିନିର୍ଦ୍ଧାରକମାନେ କେତେକାଂଶରେ ଗ୍ରହଣୀୟ ହୋଇପାରନ୍ତି, ସତ କିନ୍ତୁ ସାଂପ୍ରତିକ ପରିବେଶରେ ଏହି ଯୁକ୍ତି ସଂପୂର୍ଣ୍ଣ ନିରର୍ଥକ । ଦେଶରେ ଆଭ୍ୟନ୍ତରୀଣ ଉତ୍ପାଦନ ବୃଦ୍ଧି ଓ ନୂଆ ରୋଜଗାର ସୃଷ୍ଟି ପାଇଁ ମୁଦ୍ରାର ଦୁର୍ବଳତା ଗ୍ରହଣୀୟ । ସେହିପରି ଦେଶର ପ୍ରତ୍ୟକ୍ଷ ବୈଦେଶିକ ପୁଂଜି ନିବେଶ ବୃଦ୍ଧି ଓ ବିଦେଶୀ ପୁଂଜି ନିବେଶକାରୀଙ୍କୁ ଅଧିକରୁ ଅଧିକ ଆକୃଷ୍ଟ କରିବା ପାଇଁ ଏହା ସ୍ୱାଗତଯୋଗ୍ୟ ହୋଇପାରେ । ମାତ୍ର ବର୍ତ୍ତମାନର ନିରବଚ୍ଛିନ୍ନ ନିମ୍ନମୁଖା ଗତି ଅର୍ଥନୀତି ପାଇଁ ଅଧିକ ନକରାତ୍ମକ ପରିବେଶ ସୃଷ୍ଟିରେ ସହାୟକ ହେଉଛି । ମୁଦ୍ରାର ଦୁର୍ବଳ ସ୍ଥିତି ସାଧାରଣତଃ ଆମଦାନୀ ହ୍ରାସ ଓ ରପ୍ତାନୀ ବୃଦ୍ଧି ଦିଗରେ ସମର୍ଥ ହୋଇଥାଏ । ଶିଳ୍ପ ଉତ୍ପାଦନ ବୃଦ୍ଧି ଓ ଉତ୍ପାଦିତ ସାମଗ୍ରୀ ବାବଦ ଖର୍ଚ୍ଚ ହ୍ରାସ ସହଜ ହୋଇଯାଏ । ଦେଶରେ ସ୍ୱଳ୍ପମୂଲ୍ୟରେ ଉପଲବ୍ଧ କଞ୍ଚାମାଲକୁ ଫିନିସ୍ ପ୍ରଡକ୍ଟରେ ରୂପାନ୍ତରୀତ କରିବା ସହଜ ହେବ ସିନା, ଉତ୍ପାଦିତ ସାମଗ୍ରୀ ବିକ୍ରି ପାଇଁ ଦେଶରେ ଲୋକଙ୍କ କ୍ରୟ ଶକ୍ତି ସୁଦୃଢ଼ ହେବା ସହିତ ବିଦେଶକୁ ରପ୍ତାନୀ ବାଣିଜ୍ୟ ବୃଦ୍ଧ ଏକାନ୍ତ ଜରୁରୀ । ଉତ୍ପାଦିତ ସାମଗ୍ରୀର ଗୁଣାତ୍ମକ ମାନ ବିଦେଶରେ ଆଦୃତ ହୋଇପାରିଲେ, ରପ୍ତାନୀ ବାଣିଜ୍ୟ ବୃଦ୍ଧି ପାଇବା ସ୍ୱାଭାବିକ । ତା'ହେଲେ ବାଣିଜ୍ୟିକ ନିଅଣ୍ଟ ହ୍ରାସ ପାଇବ ଓ ରପ୍ତାନୀ କ୍ଷେତ୍ରରୁ ଉପଲବ୍ଧ ବୈଦେଶିକ ବିନିମୟ ମୁଦ୍ରା ଆମଦାନୀ ବାଣିଜ୍ୟ ବାବଦ ରାଶି ପରିଶୋଧ କରିବାରେ ସହାୟକ ହେବ । ମାତ୍ର ବର୍ତ୍ତମାନ ସ୍ଥିତିରେ ରପ୍ତାନୀ ବାଣିଜ୍ୟ ହ୍ରାସର କାରଣ କ'ଣ ? ବିଶ୍ୱର ସର୍ବବୃହତ ଲୋକସଂଖ୍ୟା ବିଶିଷ୍ଟ ବିକାଶଶୀଳ ରାଷ୍ଟ୍ର ଭାରତର ଚାହିଦା ପୂରଣ ପାଇଁ ଆମଦାନୀ ବାଣିଜ୍ୟ ଆଶାତୀତ ବୃଦ୍ଧି ପାଇବାରୁ ମୁଦ୍ରା କ୍ରମଶଃ ଦୁର୍ବଳ ସ୍ଥିତିକୁ ଆସିବା ସଙ୍ଗେ ସଙ୍ଗେ ବିଦେଶୀ ବିନିମୟ ମୁଦ୍ରା ଗଚ୍ଛିତ ପରିମାଣ କମିବାରେ ଲାଗିଛି । ଦେଶ ହାତରେ ବୈଦେଶିକ ବିନିମୟ ମୁଦ୍ରା ଗଚ୍ଛିତ ପରିମାଣ ଅଧିକ ରହିଛି ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଯେତେ ସଫେଇ ଦେଲେ ସୁଦ୍ଧା ପ୍ରଚଳିତ ଅର୍ଥନୈତିକ ବ୍ୟବସ୍ଥା ସେ ସ୍ଥିତିକୁ ଯେ ଦୁର୍ବଳ କରିବାରେ ଲାଗିଛି ତାହା ସରକାରଙ୍କୁ ବେଶ୍ ଜଣାଥିବ । ଏହା ସତ୍ତ୍ୱେ ସ୍ଥିତିରେ ସକରାତ୍ମକ ପରିବର୍ନ ଦେଖାଦେବା ମଧ୍ୟ ଭାରତୀୟ ଅର୍ଥନୀତି ପାଇଁ ଆଉ ଏକ ସତର୍କ ସୂଚନା ହୋଇପାରେ । ପଡୋଶୀ ବିକଶିତ ରାଷ୍ଟ୍ର ଚୀନର ରପ୍ତାନୀ ବାଣିଜ୍ୟ ସମଗ୍ର ବିଶ୍ୱରେ ଯଦି ବଢି ବଢି ଚାଲିଛି ଆଉ ଦୁଇଦଶନ୍ଧି ପରେ ବିକଶିତ ରାଷ୍ଟ୍ର ମାନ୍ୟତା ହାସଲ କରିବାକୁ ଯାଉଥିବା ଦେଶ ଭାରତ ଏ କ୍ଷେତ୍ରରେ ପଛରେ ପଡିଥିଲେ ମଧ୍ୟ ନୀତି ନିର୍ଦ୍ଧାରକଙ୍କ ନିଦ ନ ଭାଙ୍ଗିବାର କାରଣ ଜଣାପଡୁନାହିଁ ।

ଏବେ ଆମେ ତର୍ଜମା କରିବା ଆମଦାନୀ ବାଣିଜ୍ୟ ବୃଦ୍ଧିର କାରଣ ସଂପର୍କରେ । ଗତ ନଭେମ୍ବର ମାସରେ ଦେଶର ସୁନା ଆମଦାନୀ ପୂର୍ବବର୍ଷର ଏହି ସମୟ ଅପେକ୍ଷା ପ୍ରାୟ ଚାରିଗୁଣ ବୃଦ୍ଧି ପାଇଛି । ଅଧିକ ସୁନା ଆମଦାନୀ ସତ୍ତ୍ୱେ ଦର ମଧ୍ୟ ଅହେତୁକ ବଢିଛି । ତେବେ ଏହି ଆକର୍ଷଣୀୟ ଦ୍ରବ୍ୟର ଆମଦାନୀ ବୃଦ୍ଧି ହାର ୨୭ ପ୍ରତିଶତରେ ପହଞ୍ଚିଛି । ପୂର୍ବବର୍ଷ ନଭେମ୍ବରରେ ପ୍ରାୟ ଚାରିଶହ କୋଟି ଡଲାର ମୂଲ୍ୟର ସୁନା ଭାରତକୁ ବାଣିଜ୍ୟ ସୂତ୍ରରେ ଆସିଥିବା ବେଳେ ଚଳିତ ବର୍ଷ ତାହା ପନ୍ଦରଶହ କୋଟି ଡଲାରରେ ପହଞ୍ଚିବା ଅର୍ଥନୀତି ପାଇଁ କ୍ଷତିର କାରଣ ହୋଇଛି । ପ୍ରଥମ ପ୍ରଭାବ ପଡିଛି ରପ୍ତାନୀ ବାଣିଜ୍ୟ ଉପରେ । ପୂର୍ବବର୍ଷର ଏହି ଅବଧି ତୁଳନାରେ ରପ୍ତାନୀ ବାଣିଜ୍ୟ ପ୍ରାୟ ପାଞ୍ଚ ପ୍ରତିଶତ କମିଯାଇଛି । ଦ୍ୱିତୀୟ ପ୍ରଭାବ ପଡିଛି ଦେଶର ବୈଦେଶିକ ବିନିମୟ ପୁଂଜି ବଜାର ଉପରେ । କେନ୍ଦ୍ରୀୟ ବ୍ୟାଙ୍କର ଏହି ବିନିମୟ ମୁଦ୍ରା ଗଚ୍ଛିତ ପରିମାଣ ହ୍ରାସ ପାଇବା ସ୍ୱାଭାବିକ । କାରଣ ବିଦେଶୀ ବିନିମୟ ମୁଦ୍ରା ବିନା ଆମଦାନୀ ବାଣିଜ୍ୟ ଅସମ୍ଭବ । ଦେଶର ସ୍ୱୟଂ ଶାସିତ କେନ୍ଦ୍ରୀୟ ବ୍ୟାଙ୍କ ଅର୍ଥନୈତିକ ହିସାବ ନିକାଶରେ ପାରଙ୍ଗମ ହୋଇଥିଲେ ମଧ୍ୟ ଏତେ ପରିମାଣ ସୁନା ଆମଦାନୀ ପାଇଁ ବିନିମୟ ମୁଦ୍ରା ଯୋଗାଇଲା କିପରି । ହଁ ଚାହିଦା ତୁଳନାରେ ଯୋଗାଣ କମ୍ ରହିଲେ ସୁନାଦର ଖୋଲା ବଜାରରେ ବଢିବା ନିଶ୍ଚିତ । ହୁଏତ ଦରବୃଦ୍ଧି ଓ ମୁଦ୍ରାସ୍ଫୀତି ଜନିତ କୁପ୍ରଭାବକୁ ଏଡାଇବାକୁ ଯାଇ ରିଜର୍ଭ ବ୍ୟାଙ୍କ ବିନିମୟ ମୁଦ୍ରାରାଶି ଯୋଗାଣରେ ପ୍ରତିବନ୍ଧକ ସୃଷ୍ଟି କରିଥାଇ ନପାରେ । ମାତ୍ର ହଠାତ୍ ସୁନାର ଚାହିଦା ଦେଶର ଅନିୟନ୍ତ୍ରିତ ହେବାର କାରଣ କ'ଣ ?

ସେୟାର ବଜାର ଭଳି ଦ୍ରବ୍ୟ ବଜାରରେ ସୁନାଦର ଗତ କେଇ ମାସ ହେଲା ଲଗାତର ବଢିବାରେ ଲାଗିଛି । ଏହା ଆନ୍ତର୍ଜାତିକ ପ୍ରଭାବ ହୋଇପାରେ ସତ, ମାତ୍ର ଆଭ୍ୟନ୍ତରୀଣ ବଜାରରେ ସୁନା କ୍ରୟ ଉପରେ ବୃହତ ପୁଂଜି ନିବେଶକାରୀ ଅଧିକରୁ ଅଧିକ ପୁଂଜି ଖଟାଇ ଅଧିକ ଲାଭବାନ ହେବାର କୌଶଳ କ'ଣ ସରକାରଙ୍କୁ ଜଣା ନାହିଁ । ବୃହତ ବ୍ୟବସାୟୀଙ୍କ ବେପରବାୟ ପୁଂଜି ଲଗାଣ ସୁନାର ଚାହିଦା ବଢାଇବାର ଏକ କାରଣ ହୋଇପାରେ । ସେହିପରି କେନ୍ଦ୍ରୀୟ ବ୍ୟାଙ୍କର ହାତଖୋଲା ବିଦେଶୀ ପୁଂଜି ବା ବିନିମୟ ମୁଦ୍ରା ଯୋଗାଣ ମଧ୍ୟ ମୁଦ୍ରା ଅବମୂଲ୍ୟାୟନର ଆଉ ଏକ କାରଣ ପାଲଟିଛି । କଥାରେ ଅଛି 'ତେଲ ଘଡିରେ ହାତ ଓ ପୁଅ ମୁଣ୍ଡରେ ହାତ' ଭଳି କେନ୍ଦ୍ରୀୟ ବ୍ୟାଙ୍କ ଓ ସରକାର ପରୋକ୍ଷରେ ମୁଦ୍ରା ଅବମୂଲ୍ୟାୟନର କାରଣ ପାଲଟିବା ଅସମ୍ଭବ ମଧ୍ୟ ହୋଇନପାରେ ।

ଏବେ ଅବମୂଲ୍ୟାୟନର ବାଣିଜ୍ୟିକ ଓ ବିତ୍ତୀୟ ବ୍ୟବସ୍ଥାର ମିଶ୍ରିତ ଦିଗ ପ୍ରତି ନଜର ପକାଇବା । ଦେଶର ଆମଦାନୀ ବାଣିଜ୍ୟ ଯେତେବେଳେ ରପ୍ତାନୀକୁ ବହୁଗୁଣରେ ଟପିଯାଏ, ତାହା ଚାଲୁଖାତା ଜନିତ ବାଣିଜ୍ୟିକ ନିଅଣ୍ଟ ରୂପ ନିଏ । ଏହି ସ୍ଥିତି କଦବା କେମିତି ବିକାଶଶୀଳ ରାଷ୍ଟ୍ର ପାଇଁ ଶୁଭଦାୟକ ହୋଇଥାଏ । ମାତ୍ର ଯେତେବେଳେ ଦେଶର ଏହି ଚାଲୁଖାତା ବା ନିୟମିତ ବାଣିଜ୍ୟିକ ନିଅଣ୍ଟ ବିତ୍ତୀୟ ନିଅଣ୍ଟ ସହିତ ସମାନୁପାତିକ ଗତିରେ ଆଗେଇ ଚାଲେ, ସେତେବେଳେ ମୁଦ୍ରା ଅବମୂଲ୍ୟାୟନ ସହିତ ମୁଦ୍ରାସ୍ଫୀତିହାର ବୃଦ୍ଧି ଭଳି ନକରାତ୍ମକ ଅର୍ଥନୈତିକ ପରିବେଶ ସୃଷ୍ଟି ହେବା ସ୍ୱାଭାବିକ । ଚଳିତ ଆର୍ଥିକ ବର୍ଷର ପ୍ରଥମ ସାତମାସ ମଧ୍ୟରେ ଦେଶର ବିତ୍ତୀୟ ନିଅଣ୍ଟ ସାତଲକ୍ଷ ଏକାବନ ହଜାର କୋଟି ଟଙ୍କାରେ ପହଞ୍ଚାଇଥିଲା, ଯାହାକି ସାମଗ୍ରିକ ଜାତୀୟ ଉତ୍ପାଦନର ପ୍ରାୟ ପାଞ୍ଚ ପ୍ରତିଶତ । ପୂର୍ବବର୍ଷ ଏହି ସମୟରେ ବିତ୍ତୀୟ ନିଅଣ୍ଟ ଅବଶ୍ୟ ପାଞ୍ଚ ପ୍ରତିଶତରୁ ଅଧିକ ଥିଲା । ବଜେଟରେ ସରକାରଙ୍କ ଯୋଜନା ଓ ଅଣଯୋଜନା ବ୍ୟୟ ସଂଗୃହୀତ ପାଣ୍ଠିକୁ ବଳିଯାଉଥିବାରୁ ବିତ୍ତୀୟ ନିଅଣ୍ଟ ସୃଷ୍ଟିକୁ ରୋକିବା ଅସମ୍ଭବ । ଅତିରିକ୍ତ ଟିକସ ବାବଦ ଆୟ ଓ ଋଣ ବୃଦ୍ଧି ମାଧ୍ୟମରେ ସେହି ନିଅଣ୍ଟକୁ ଭରଣା କରାଯିବାର ସୁଯୋଗ ଥିଲେ ସୁଦ୍ଧା ଋଣ ବୃଦ୍ଧିର କୁପ୍ରଭାବ ଅର୍ଥନୀତିକୁ ଅଧିକ ଅସ୍ଥିର କରିବାର ଆଶଂକା ରହିଛି । କାରଣ ଏବର୍ଷ ମାର୍ଚ୍ଚ ସୁଦ୍ଧା ଦେଶର ବାହ୍ୟ ଋଣ ପ୍ରାୟ ସତୁରୀ ହଜାର କୋଟି ଡଲାରରେ ପହଞ୍ଚିଥିଲା । ଚଳିତ ଆର୍ଥିକ ବର୍ଷରେ ଅତିରିକ୍ତ ଋଣ କରିବାର ପ୍ରସ୍ତାବ ପୂର୍ଣ୍ଣାଙ୍ଗ ବଜେଟରେ ପ୍ରତିଫଳିତ ହୋଇଥିବାରୁ ଏହି ସ୍ଥିତି ଅଧିକ ଜଟିଳ ହେବାର ଆଶଂକାକୁ ଏଡାଇବା କଷ୍ଟସାଧ୍ୟ ବ୍ୟାପାର ।

ନିଅଣ୍ଟ ଭରଣାର ଏକମାତ୍ର ଦିଗ ହେଲା ଅତିରିକ୍ତ ଟିକସ ରାଜସ୍ୱ ବୃଦ୍ଧି । ଦେଶବାସୀଙ୍କ ଜିଏସ୍‌ଟି ବୋଝ ଭାରି ପଡିଥିବା ବେଳେ ସରକାର ଆଗାମୀ ଆର୍ଥିକ ବର୍ଷରୁ ଆୟକର ଉଚ୍ଛେଦ କରି ପ୍ରତ୍ୟକ୍ଷକର କୋର୍ଡ–୨୫ ଲାଗୁ କରିବାକୁ ଯାଉଛନ୍ତି । ଏହି ପରିବର୍ତ୍ତିତ ପ୍ରତ୍ୟକ୍ଷକର ବ୍ୟବସ୍ଥାରେ ସବୁ ପ୍ରକାର ଆୟ ଟିକସ ପରିସରଭୁକ୍ତ ହେବାର ସମ୍ଭାବନା ରହିଛି । ଟିକସ ପରବର୍ତ୍ତୀ ଆୟ ବୃଦ୍ଧି କ୍ଷେତ୍ରରେ ପ୍ରଚଳିତ ବ୍ୟବସ୍ଥା ବିଫଳ ହୋଇଥିବା ସ୍ଥଳେ ବେକାରୀ ସମସ୍ୟା ବୃଦ୍ଧି ଏହାର ମୁଖ୍ୟ ଗତିରୋଧକ ଶକ୍ତି ପାଲଟିଛି । ଅବମୂଲ୍ୟାୟନ ଭଳି ନକରାତ୍ମକ ଅର୍ଥନୈତିକ ଦିଗ ପ୍ରତି ମୁଦ୍ରାସ୍ଫୀତିର ପ୍ରଭାବ ସଂପର୍କରେ ନ କହିଲେ ଭଲ । ଅନ୍ୟ ଅର୍ଥରେ କୌଣସି ସୁସ୍ଥ ଅର୍ଥନୀତି ପ୍ରତି ବାଣିଜ୍ୟିକ ନିଅଣ୍ଟ ଅନୁକୂଳ ନୁହେଁକି ପ୍ରତିକୂଳ ମଧ୍ୟ ନୁହେଁ । ତେବେ ଏହା ସତ୍ୟ ଯେ ନିଅଣ୍ଟିଆ ସ୍ଥିତି ଏକାଧିକ ଅର୍ଥନୈତିକ ଅସଫଳତାର କାରଣ ପାଲଟିବା କିଛି ନୂଆ କଥା ନୁହେଁ ।

ମୁଦ୍ରା ଅବମୂଲ୍ୟାୟନ ଆଭ୍ୟନ୍ତରୀଣ ଉତ୍ପାଦନ ବୃଦ୍ଧି ପ୍ରତି ପରିବେଶ ସୃଷ୍ଟି କରିବା ସହିତ ଦେଶର ଉତ୍ପାଦିତ ସାମଗ୍ରୀ ମୂଲ୍ୟ ହ୍ରାସ ଘଟାଇବା ସତ, କିନ୍ତୁ ମୂଲ୍ୟ ହ୍ରାସ ଯୋଗୁଁ ବଜାରରେ ସାମଗ୍ରୀ ଚାହିଦା ବଢିବ ଓ ମୁଦ୍ରାସ୍ଫୀତି ସ୍ଥିତି ଉର୍ଦ୍ଧ୍ୱମୁଖୀ ହେବାର ଆଶଂକାକୁ ଏଡାଇ ହେବ ନାହିଁ । ଏହାକୁ ନିୟନ୍ତ୍ରଣ କରିବା ଲାଗି ସରକାର ସୁଧହାର ବୃଦ୍ଧି କରିବାକୁ ବାଧ ହେବେ ସିନା ଅବମୂଲ୍ୟାୟନର ଅବିରତ ଗତିରେ ରୋକ ଲାଗିବ ନାହିଁ । ଏଭଳି ନକରାତ୍ମକ ସ୍ଥିତି ଅର୍ଥନୀତିକୁ ଉପହାସ କରିବା ସଦୃଶ ହେବା କିଛି ଅସମ୍ଭବ ହୋଇନପାରେ ।

ବରିଷ୍ଠ ସାମ୍ବାଦିକ, କଟକ
ମୋ– ୯୪୩୭୧୩୪୪୦୦

# ସୂର୍ଯ୍ୟପୂଜାର ଅନନ୍ୟ ବିଧି ମାଘ ସପ୍ତମୀ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ସାରା ଭାରତବର୍ଷରେ ମାଘ ସପ୍ତମୀକୁ ଏକ ଧାର୍ମିକ ଦିନଭାବରେ ପାଳନ କରାଯାଏ । ଏହା ଏକ ପବିତ୍ର ଦିନ ହୋଇଥିବାରୁ ଏହି ଦିନରେ ବିଭିନ୍ନ ନଦୀତଟ, ସମୁଦ୍ରକୂଳ ଓ ଧାର୍ମିକ ପୀଠସ୍ଥଳୀ ଉତ୍ସବ ମୁଖର ହୋଇଯାଏ । ପ୍ରତିବର୍ଷ ମାଘ ମାସର ଶୁକ୍ଳପକ୍ଷ ସପ୍ତମୀ ତିଥିକୁ ମାଘ ସପ୍ତମୀ ରୂପେ ପାଳନ କରାଯାଏ । ଶାସ୍ତ୍ର ଅନୁସାରେ ଭଗବାନ ସୂର୍ଯ୍ୟଦେବତା ଏହି ଦିନରେ ସୌରଜଗତରେ ନିଜର ଅଲୌକିକତା ପ୍ରକାଶ କରିଥିଲେ, ଏଣୁ ଏହି ସପ୍ତମୀକୁ ମଧ୍ୟ ସୂର୍ଯ୍ୟ ଜୟନ୍ତୀ ରୂପରେ ପାଳନ କରାଯାଏ। ମାଘ ସପ୍ତମୀକୁ ବିଭିନ୍ନ ରାଜ୍ୟରେ ବିଭିନ୍ନ ନାମରେ ପାଳନ କରାଯାଏ । ଯଥା– ଅଚଳା ସପ୍ତମୀ, ସୂର୍ଯ୍ୟ ସପ୍ତମୀ, ରଥ ଆରୋଗ୍ୟ ସପ୍ତମୀ, ସୂର୍ଯ୍ୟ ରଥ ସପ୍ତମୀ, ପୁତ୍ର ସପ୍ତମୀ ଇତ୍ୟାଦି । ଯଦି ଏହି ସପ୍ତମୀ ରବିବାର ଦିନ ପଡୁଥାଏ ଏହାକୁ ଭାନୁ ସପ୍ତମୀ ନାମରେ ପାଳନ କରାଯାଏ ।

**ମାଘ ସପ୍ତମୀ ମହତ୍ତ୍ୱ :** ହିନ୍ଦୁ ପରମ୍ପରାରେ ମାଘ ମାସକୁ ପୁଣ୍ୟମାସ ବୋଲି ମନାଯାଏ । ଏହି ମାସରେ ଶୁକ୍ଳପକ୍ଷ ଅମାବାସ୍ୟା, ପୂର୍ଣ୍ଣମୀ ଓ ସପ୍ତମୀ ତିଥିକୁ ଖୁବ୍ ପୁଣ୍ୟ ଓ ମହତ୍ତ୍ୱପୂର୍ଣ୍ଣ ଦିନ ଭାବରେ ପାଳନ କରାଯାଏ । ବର୍ଷକରେ ପଡୁଥିବା ସମସ୍ତ ସପ୍ତମୀ ମଧ୍ୟରେ ମାଘ ସପ୍ତମୀ ସର୍ବଶ୍ରେଷ୍ଠ ସପ୍ତମୀ । ଏହି ସପ୍ତମୀରେ ବ୍ରତ ରଖି ସୂର୍ଯ୍ୟ ଦେବତାଙ୍କୁ ଆରାଧନା କଲେ ସୌଭାଗ୍ୟ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ଅଛି । ମାଘ ସପ୍ତମୀ ଦିନ ନିୟମ ଅନୁସାରେ ପ୍ରାତଃ କାଳରେ ସ୍ନାନ ଶୌଚାଦି କର୍ମ ସମାପନ ପରେ ସୂର୍ଯ୍ୟ ଦେବତାଙ୍କୁ ପୂଜା କଲେ ମନୋବାଞ୍ଛା ପୂର୍ଣ୍ଣ ହୁଏ ବୋଲି ଲୋକ ବିଶ୍ୱାସ ରହିଛି । ଏହି ତିଥିରେ ପ୍ରାତଃ କାଳରେ ପୂର୍ବ ଦିଗକୁ ମୁହଁ କରି ଉଦୟ ସୂର୍ଯ୍ୟଙ୍କୁ ଜଳଦାନ କରିବାର ନିୟମ ରହିଛି। ଭାରତର ବିଭିନ୍ନ ପ୍ରାନ୍ତରେ ଏହି ପୂଜା କରାଯାଉଥିଲେ ମଧ୍ୟ ପ୍ରୟାଗର ସଂଗମ ସ୍ଥଳରେ ସ୍ନାନ କଲେ ପୁଣ୍ୟଫଳ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରାଯାଏ । ଏଠାରେ ସ୍ନାନ କରି ଅର୍ଘ୍ୟଦାନ କଲେ ଆୟୁ, ଆରୋଗ୍ୟ ଓ ସମ୍ପତ୍ତି ବୃଦ୍ଧି ହୋଇଥାଏ ।

**ମାଘ ସପ୍ତମୀ ଲୋକକଥା :** ଲୋକକଥା ଅନୁସାରେ ଜଣେ ବୈଶ୍ୟଥିଲେ ଯିଏକି ତାଙ୍କ ଜୀବନ କାଳ ମଧ୍ୟରେ କୌଣସି ଦାନ ପୁଣ୍ୟ କରିନଥିଲେ। ଯେତେବେଳେ ତାଙ୍କର ବାର୍ଦ୍ଧକ୍ୟ ଉପନୀତ ହେଲା ସେହି ସମୟରେ ସେ ଏକ ବିଶିଷ୍ଟ ମୁନୀଙ୍କ ପାଖକୁ ଗଲେ ଓ ମୋକ୍ଷ ପ୍ରାପ୍ତିର ମାର୍ଗ ବିଷୟରେ ଜାଣିବାକୁ ଚାହିଁଲେ । ମୁନୀ ତାଙ୍କୁ ମୁକ୍ତିର ମାର୍ଗ ପାଇଁ ଉପଦେଶ ଦେଇ କହିଲେ ଯେ ମାଘ ମାସର ଶୁକ୍ଳ ସପ୍ତମୀ ହେଉଛି ଅଚଳା ସପ୍ତମୀ। ଏହି ଦିନ ସୂର୍ଯ୍ୟ ଦେବତାଙ୍କୁ ଧ୍ୟାନ କରି ସ୍ନାନ ପରେ ଦୀପ ଦାନ କଲେ ପୁଣ୍ୟ ପ୍ରାପ୍ତି ହେବ। ମୁନୀ ଦେଇଥିବା ଉପଦେଶ ଅନୁସାରେ ବୈଶ୍ୟ ମାଘ ସପ୍ତମୀ ବ୍ରତ ପାଳନ କଲେ ଏବଂ ଏହାର ପୁଣ୍ୟ ଫଳରେ ମୃତ୍ୟୁଲୋକରୁ ଯାଇ ଇନ୍ଦ୍ରଲୋକରେ ସାମିଲ ହେଲେ ।

**ମାଘ ସପ୍ତମୀ ବ୍ରତ ପାଳନ ବିଧି :** ମାଘ ମାସର ଶୁକ୍ଳ ସପ୍ତମୀ ତିଥି ଦିନ କୌଣସି ପବିତ୍ର ନଦୀ କିମ୍ବା ଜଳାଶୟରେ ସ୍ନାନ କରି ସୂର୍ଯ୍ୟଙ୍କୁ ଦୀପ ଦାନ କଲେ ଉତ୍ତମ ଫଳ ପ୍ରାପ୍ତି ହୋଇଥାଏ। ଏହି ଦିନରେ ସୂର୍ଯ୍ୟଙ୍କୁ ଉପାସନା କରିବା ପାଇଁ ବିଧି ଥିଲେ ମଧ୍ୟ ମିଠା କି ଫଳ ଆହାର କରାଯାଇ ବ୍ରତ ରଖାଯାଇ ପାରିବ। ଭୋଜନରେ ସଂପୂର୍ଣ୍ଣ ଲୁଣ ତ୍ୟାଗ କରା ଯିବାର ବିଧି ରହିଛି। ଏହିଭଳି ଭାବରେ ସୂର୍ଯ୍ୟଙ୍କୁ ଉପାସନା କଲେ ସୂର୍ଯ୍ୟ ଦେବତା ପ୍ରସନ୍ନ ହୁଅନ୍ତି।

**ଓଡ଼ିଶାର ମାଘ ସପ୍ତମୀ :** ସୂର୍ଯ୍ୟଙ୍କୁ ଉପାସନା କରିବାର ସବୁଠୁ ପବିତ୍ର ଦିନ ମାଘ ସପ୍ତମୀ। ଏହି ଦିନ କୋଣାର୍କର ବେଳାଭୂମିରେ ବୁଡ଼ ପକାଇ ସୂର୍ଯ୍ୟଙ୍କୁ ଉପାସନା କରାଯାଏ । ଏଠାରେ ନିର୍ମିତ କୋଣାର୍କ ସୂର୍ଯ୍ୟ ମନ୍ଦିର ସୂର୍ଯ୍ୟ ଦେବତାଙ୍କୁ ସମର୍ପିତ । ଯାହା ଇତିହାସରେ କୃଷ୍ଣ ପାଗୋଡ଼ା ନାମରେ ପରିଚିତ । ମାଘ ସପ୍ତମୀ ଓଡ଼ିଶାର ଏକ ପ୍ରମୁଖ ପର୍ବ । ଏହି ପର୍ବରେ ଓଡ଼ିଶା ତଥା ଭାରତର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଭକ୍ତମାନେ ଏକତ୍ରିତ ହୋଇଥାନ୍ତି । ଏହାଛଡ଼ା ବିଦେଶରୁ ମଧ୍ୟ ଅନେକ ପର୍ଯ୍ୟଟକ ଏମିତି ମନୋରମ ଉତ୍ସବର ଆନନ୍ଦ ନେବା ପାଇଁ କୋଣାର୍କକୁ ଆସିଥାନ୍ତି । ଏହି ଦିନରେ ଭକ୍ତମାନେ ସ୍ନାନ ପୂର୍ବକ ଉଦିତ ସୂର୍ଯ୍ୟଙ୍କୁ ଦର୍ଶନ ଓ ପ୍ରଣାମ କରିଥାନ୍ତି । ଅତୀତରେ ଏହି ମାଘ ସପ୍ତମୀ ଦିନରେ ମୁନୀ ଋଷି, ସାଧୁ ସନ୍ଥମାନେ ଚନ୍ଦ୍ରଭାଗାରେ ସ୍ନାନ କରି ଖଣ୍ଡଗିରିରେ ଏକତ୍ରିତ ହୁଅନ୍ତି । ଧାର୍ମିକ ମନୋଭାବ ନେଇ ଏଠାରେ ଆରମ୍ଭ ହୁଏ ଖଣ୍ଡଗିରି ମେଳା । ଏହି ମେଳା ସାତଦିନ ଧରି ଚାଲେ। ଯଦିଓ ଆଜିବି ଖଣ୍ଡଗିରି ମେଳା ମାଘ ସପ୍ତମୀ ଠାରୁ ଆରମ୍ଭ ହେଉଛି ଆଉ ସେ ପୁରୁଣା ପରମ୍ପରା ଦେଖିବାକୁ ମିଳେ ନାହିଁ । ଏହି ମେଳା ଏବେ ଏକ ବାଣିଜ୍ୟିକ ମେଳାରେ ପରିଣତ ହୋଇଯାଇଛି । ଆଉ ଆଗଭଳି ମୁନୀ ଋଷି, ସାଧୁ ସନ୍ଥମାନଙ୍କର ସମାଗମ ହେଉଥିବାର ଦେଖାଯାଏ ନାହିଁ । ଭାରତର ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଏହି ମେଳାକୁ ତାଙ୍କର ବ୍ୟବସାୟର ଉପଯୁକ୍ତ ପେଣ୍ଠସ୍ଥଳ ଭାବରେ ବିବେଚନା କରୁଛନ୍ତି । ବିଭିନ୍ନ ଅପେରା ଦଳ ତାଙ୍କର ରଙ୍ଗ ବେରଙ୍ଗର ଆଲୋକମାଳାରେ ମେଳାକୁ ଅଧିକ ଉତ୍ସବମୁଖର କରୁଛନ୍ତି ।

ଅରୁଣୋଦୟ ମାର୍କେଟ, କଟକ,
ମୋ. ୯୪୩୭୦୩୧୨୫୩

# ଓଡ଼ିଆ ସାହିତ୍ୟକୁ ରୀତି ଯୁଗର କବି ଅଭିମନ୍ୟୁଙ୍କ ଅବଦାନ

■ ଡକ୍ଟର ଅମୂଲ୍ୟ କୁମାର ପଣ୍ଡା ■

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ୧୭୬୦ ମସିହା ଫେବୃଆରୀ ୨୩ତାରିଖ ମାଘ ସପ୍ତମୀ ଦିନ ଯାଜପୁର ଜିଲ୍ଲାର ବରୀ ଅନ୍ତର୍ଗତ ବାଲିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ବାଲିଆ ଗ୍ରାମ ଯାଜପୁର ଜିଲ୍ଲା ଅନ୍ତର୍ଗତ ବରୀ ଅଞ୍ଚଳର ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ଠାରୁ ଅନତିଦୂରରେ ଅବସ୍ଥିତ । ତାଙ୍କର ପିତା ଥିଲେ ଜଣେ ଅପୁତ୍ରିକ ଜମିଦାର ଇନ୍ଦ୍ରଜିତ ସାମନ୍ତ ସିଂହାର । ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ନାମରେ ଜଣେ ପଣ୍ଡିତଙ୍କ ଦେବପୂଜା ହେତୁ ଅଭିମନ୍ୟୁ ଜନ୍ମ ହେବାର ପ୍ରବାଦ ରହିଅଛି । ସେ ହିଁ ଅଭିମନ୍ୟୁଙ୍କ ଗୁରୁ ଥିଲେ । ତରୁଣ ବୟସରେ ସେ ବାଘ ଗୀତ, ଚଢାଇ ଗୀତ ଆଦି ରଚନା କରି ଓଡ଼ିଆ ଲୋକ ସାହିତ୍ୟକୁ ସମୃଦ୍ଧ କରିଥିଲେ । ରାଧାକୃଷ୍ଣ ପ୍ରେମ ସମ୍ପର୍କରେ ସେ ଅନେକ କାବ୍ୟ ରଚନା କରିଥିଲେ । ବିଦଗ୍ଧ ଚିନ୍ତାମଣି ତାଙ୍କ ଶ୍ରେଷ୍ଠ କୃତି ଆଉ ମାତ୍ର ୯ ବର୍ଷ ବୟସରେ ସେ ପ୍ରଥମ ପଦ୍ୟ ରଚନା କରିଥିଲେ । କରମଙ୍ଗା ଗଛ ଛାଇ ଗୋ, ମୋର ହୁଁ ଗୋ/କରମ ଯାହାର ସଫଳ ହୋଇବ, କୃଷ୍ଣଙ୍କୁ ଲଭିବ ସେହି ଗୋ, ମୋର ହୁଁ ଗୋ ।

ଅଷ୍ଟାଦଶ ଶତାବ୍ଦୀର ଛନ୍ଦକବି ଭାବରେ ବୈଷ୍ଣବ ସାହିତ୍ୟର କବି ସମ୍ରାଟ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର ଓଡ଼ିଆ ସାହିତ୍ୟ ଜଗତରେ ପ୍ରସିଦ୍ଧ ଲାଭ କରିଥିଲେ । କେତେଗୋଟି ଜନପ୍ରିୟ ଛାନ୍ଦର ବିଶିଷ୍ଟ ରାଗ ନାମ ଏହି ଗ୍ରନ୍ଥରେ ଦେଖିବାକୁ ମିଳେ, ଯଥା– ଗଡ଼ମାଳିଆ, ଫୁଲତୋଳା ଇତ୍ୟାଦି । ଏଭଳି ନାମଗୁଡ଼ିକୁ କବିଙ୍କ ଶ୍ରଦ୍ଧା ନାମ କୁହାଯାଇପାରେ । ଏହି ଗ୍ରନ୍ଥରୁ ତାଙ୍କ ଜନ୍ମ ବିଷୟରେ ମଧ୍ୟ ଜାଣିହୁଏ । ତାଙ୍କ ପିତା ଇନ୍ଦ୍ରଜିତ ସାମନ୍ତ ସିଂହାରଙ୍କ ସମ୍ପର୍କରେ ବି ଏଥିରେ ବର୍ଣ୍ଣିତ । ସେ ଯେ ସେଠାକାର ରାଜା ଥିଲେ ଓ ତାଙ୍କ ଲେଖାପାଇଁ ଉତ୍ସାହିତ କରିଥିଲେ ତାହା ଏଥିରେ ବର୍ଣ୍ଣିତ । ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚନା ବିଦଗ୍ଧ ଚିନ୍ତାମଣି, ପ୍ରେମ କଳା, ରସବତୀ, ସୁଲକ୍ଷଣା, ପ୍ରେମ ତରଙ୍ଗିଣୀ, ବାଘ ଗୀତ, ଚଢ଼େଇ ଗୀତ, ବୋଲେ ହୁଁ, ପ୍ରେମ (ପ୍ରୀତି) ଚିନ୍ତାମଣି ଓଡ଼ିଆ ସାହିତ୍ୟର ଏକ ମୂଲ୍ୟବାନ ଗ୍ରନ୍ଥ ଛ କେତେଗୋଟି ଜନପ୍ରିୟ ଛାନ୍ଦର ବିଶିଷ୍ଟ ରାଗ ନାମ ଏହି ଗ୍ରନ୍ଥରେ ଦେଖିବାକୁ ମିଳେ, ଯଥା– ଗଡ଼ମାଳିଆ, ଫୁଲତୋଳା ଇତ୍ୟାଦି ଇତ୍ୟାଦି । ଏଭଳି ନାମଗୁଡ଼ିକୁ କବିଙ୍କ ଶ୍ରଦ୍ଧା ନାମ କୁହାଯାଇପାରେ । ଏହି ଗ୍ରନ୍ଥରୁ ତାଙ୍କ ଜନ୍ମ ବିଷୟରେ ମଧ୍ୟ ଜାଣିହୁଏ ।



ଅଭିମନ୍ୟୁଙ୍କ ଆଦି ଜନ୍ମସ୍ଥାନ ଜୟପୁର ଅନ୍ତର୍ଗତ ଭାବଙ୍ଗର ବୋଲି କିଛି ଗବେଷକଙ୍କ ମତ ଆଉ କେନ୍ଦ୍ରାପଡ଼ା କ୍ଷତ୍ରିୟବଂଶ ଯୋଧପୁରରୁ ଆସିଥିଲେ ବୋଲି କିଛି ଗବେଷକଙ୍କ ମତ । ସାମନ୍ତସିଂହାର ବଂଶ ସେ ବଂଶର ଅନେକ ପରବର୍ତ୍ତୀ ବୋଲି ଅନୁମାନ କରାଯାଏ । ଏ ବଂଶ ଖୋର୍ଦ୍ଧାର ଭୋଇବଂଶୀୟ ରାଜାଙ୍କଠାରୁ ବରୁଆଂପ୍ରଗନା–ଅନ୍ତର୍ଗତ ବାଲିଆ ଜମିଦାରୀ ପ୍ରାପ୍ତ ହୋଇଥିଲେ ବୋଲି କୁହଯାଏ । ଅଭିମନ୍ୟୁଙ୍କୁ ସାମନ୍ତସିଂହାର ଉପାଧି ମିଳିଥିଲା । ସାମନ୍ତସିଂହାର ଉପାଧି କାହାଠାରୁ ପ୍ରାପ୍ତ ହୋଇଥିଲା ତାହା ନିଶ୍ଚିତରୂପେ ଜଣା ନାହିଁ । କେତେକଙ୍କ ମତେ ସେ ଅଞ୍ଚଳରେ ସେତେବେଳେ ବରପଦା ପ୍ରଭୃତି ନାମରେ ସାତ ଟପା ଥିଲା । ଏହି ସାତ ଟପାରେ ରଣସିଂହ ମହାପାତ୍ର, ଦକ୍ଷିଣରାୟ ମହାପାତ୍ର ପ୍ରଭୃତି ବିଭିନ୍ନ ରାଜୋପାଧିଧାରୀ ସାତ ସାମନ୍ତ ଥିଲେ । ଅଭିମନ୍ୟୁଙ୍କ ପୂର୍ବପୁରୁଷ ଏହି ସାମନ୍ତ ମଧ୍ୟରେ ଗଣ୍ୟ ନ ହେଉଥିଲେ ହେଁ ଏକ ସମୟରେ ସେ ବଂଶର ଜଣେ କେହି ଅପର ସାତ ସାମନ୍ତଙ୍କୁ ଗୋଟିଏ ମହା ବିପଦରୁ ବୁଦ୍ଧିବଳେ ରକ୍ଷା କରିଥିଲେ । ଏଥିରେ ସାମନ୍ତମାନେ ସନ୍ତୁଷ୍ଟ ହୋଇ 'ସାମନ୍ତସିଂହାର' ଅର୍ଥାତ୍ ସାମନ୍ତଭୂଷଣ ଉପାଧି ପ୍ରଦାନ କରିଥିଲେ । ସେହି ଉପାଧି ରାଜଦତ୍ତ ଉପାଧି ପ୍ରାୟ ସମ୍ମାନ ସହ ବଂଶପରମ୍ପରା ଚଳି ଆସୁଛି । ତାଙ୍କର ଏକ ସୁନ୍ଦର ରଚନା ମଧ୍ୟରେ କରମଙ୍ଗା ଗଛ ଛାଇ ଗୋ... ବେଶ ଲୋକପ୍ରିୟ । କରମଙ୍ଗା ଗଛ ଛାଇ ଗୋ,

ମୋର ହୁଁ ଗୋ/କରମ ଯାହାର ସଫଳ ହୋଇବ, କୃଷ୍ଣଙ୍କୁ ଲଭିବ ସେହି ଗୋ, ମୋର ହୁଁ ଗୋ... ।

କବି ଅଭିମନ୍ୟୁଙ୍କ ବାଲ୍ୟଗୁରୁ ଥିଲେ ସଦାନନ୍ଦ କବିସୁର୍ଯ୍ୟ ବ୍ରହ୍ମା । ସେ ଯେ ଖାଲି ଜଣେ ଶିକ୍ଷା ଗୁରୁ ଥିଲେ ତାହା ନୁହେଁ, ସେ ଥିଲେ ଜଣେ ବିଶିଷ୍ଟ କବି ଓ ରାଧାକୃଷ୍ଣଙ୍କ ପରମ ଭକ୍ତ । ରାଧାକୃଷ୍ଣଙ୍କୁ ନେଇ ସେ ବହୁ ପୁସ୍ତକ ରଚନା କରିଛନ୍ତି । ଅଭିମନ୍ୟୁଙ୍କର ଓଡ଼ିଆ ଭାଷାରେ ଅଗାଧ ପାଣ୍ଡିତ୍ୟ ଥିଲା । ଏହା ବ୍ୟତୀତ ସଂସ୍କୃତ, ବଙ୍ଗଳା ଓ ମରାଠୀ ଭାଷାରେ ବିଭିନ୍ନ ଶାସ୍ତ୍ର, ବେଦ, ପୁରାଣ ଓ କାବ୍ୟ ଅଧ୍ୟୟନ କରି ସେ କବି ହେବାର ପ୍ରେରଣା ପାଇଥିଲେ । କବିଙ୍କ ଗୁରୁ ସଦାନନ୍ଦ ବୈଷ୍ଣବ ଧର୍ମରେ ଦୀକ୍ଷିତ ଥିଲେ । ତେଣୁ ବାଳକ ଅଭିମନ୍ୟୁଙ୍କ ମନ ମଧ୍ୟ ସେଇ ବୈଷ୍ଣବ ଧର୍ମ ଦିଗକୁ ଢଳି ପଡିଥିଲା ।

କବି ଜୟଦେବ ନିଜର ସୁଲଳିତ ଗୀତ ଗୋବିନ୍ଦ କାବ୍ୟରେ ରାଧାକୃଷ୍ଣଙ୍କ ଦିବ୍ୟ ପ୍ରେମଲୀଳାର ଅପୂର୍ବ ବର୍ଣ୍ଣନା କରିଥିବା ବେଳେ ଅଭିମନ୍ୟୁ ସାମନ୍ତସିଂହାର ସ୍ୱରଚିତ ବିଦଗ୍ଧ ଚିନ୍ତାମଣିରେ ଏହି ଅପ୍ରାକୃତ ପ୍ରେମଲୀଳାରେ ଉଚ୍ଚକୋଟୀର ବର୍ଣ୍ଣନା କରିଛନ୍ତି । ଅଭିମନ୍ୟୁଙ୍କ ରଚନା ମଧ୍ୟରୁ ବିଦଗ୍ଧ ଚିନ୍ତାମଣି କାବ୍ୟ ଖୁବ୍ ବଳିଷ୍ଠ ଆଉ ଓଡ଼ିଆ ସାହିତ୍ୟକୁ ବରଦାନ ବୋଲି କୁହାଯାଇପାରେ । ଏହି କାବ୍ୟର ରଚୟିତା ଅଭିମନ୍ୟୁ ନିଜ ପତ୍ନୀଙ୍କ ସତ୍ୟତା ପରୀକ୍ଷା କରୁ କରୁ ତାଙ୍କ ଅକାଳବିୟୋଗ ଘଟିବାରୁ ସେ ନିଜକୁ ଦାୟୀ ବିଚାରି ତନ୍ମୟ ହୋଇପଡ଼ିଥିଲେ । ସେହି ଦୁଃଖରେ ରାଧାକୃଷ୍ଣଙ୍କୁ ଭାବନା କରି ବିଦଗ୍ଧ ଚିନ୍ତାମଣି ନାମକ ଶହେ ଛାନ୍ଦ ବିଶିଷ୍ଟ କାବ୍ୟ ପ୍ରଣୟନ କରିବାକୁ ମନସ୍ଥ କଲେ କିନ୍ତୁ ୯୭ ଗୋଟି ଛାନ୍ଦ ଲେଖିଲା ପରେ ତାଙ୍କ ସ୍ୱର୍ଗବାସ ହୋଇଥିଲା । ଏହା ସତ୍ତ୍ୱେ ବିଦଗ୍ଧ ଚିନ୍ତାମଣି ଓଡ଼ିଆ ସାହିତ୍ୟର ସବୁଠୁ ବଡ଼ କାବ୍ୟ ହୋଇ ରହିଛି । ତାଙ୍କ ଛାନ୍ଦଗୁଡିକ ହେଲା– ଅପ୍ରାକୃତ ପ୍ରେମମୂର୍ତ୍ତି, ଧୀରେ ଧୀରେ ଶୁଣ ଏ ଉତ୍ତାରୁ ଚରିତ, କୃଷ୍ଣ ପଉଗଣ୍ଡକାଳ ଅନ୍ତରେ, ଧୀରେ ଘେନ ରାଧା ଉନ୍ମାଦୀ ଉତ୍ସବ, ଅ ପୂର୍ବାନୁପ୍ରାସରେ ଛାନ୍ଦ ରସ, ଆନନ୍ଦେ କୋବିଦେ ପିଅ ଏ ରସ ଶ୍ରବଣେ, ଇ ପୂର୍ବାନୁପ୍ରାସ ଦୀର୍ଘ ହ୍ରସ୍ୱ ବେନି ନିୟମ ଏ ଛାନ୍ଦ, ଉଷତରେ ଶୁଣ ହେ ସୁଧୀରେ ଧିରେ, ଶ୍ରୀରାଧା କୃଷ୍ଣନାମ ଶୁଣି କାତରେ, ଧୀରେ ଶୁଣ ଏ ଉତ୍ତାରୁ ଯେତେ ରସ, ରସ ବିଦୁଷେ ଏ ଛାନ୍ଦେ ରସ... ଇତ୍ୟାଦି ଇତ୍ୟଦି ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ. ୮୨୪୯୫୦୨୭୭୬

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ





# ଗୁଡ଼ି ଋତୁ ଆସିଛି





**ଶୀତ ସରି ସରି ଆସିଲାବେଳକୁ ନୀଳ ଆକାଶରେ ଆଖିରେ ପଡ଼େ ରଙ୍ଗବେରଙ୍ଗର ଗୁଡ଼ି । ମନ ଖୁସିରେ ଭରିଯାଏ । ବୟସ ପାକଳ ହୋଇଆସିଥିଲେ ସେଥିରେ ବି ଡେଣା ଲାଗିଯାଏ । ଉଡ଼ି ଉଡ଼ି ଫେରିଯାଏ ସ୍କୁଲବେଳକୁ । ଗୁଡ଼ି ଉଡ଼ଉଥିବା ଦିନକୁ ।**

**ଆକାଶରେ ଉଡୁ ଉଡୁ ଗୁଡ଼ି ସତେଯେମିତି ଗୋଟିଏ କଥା ହିଁ କହିବାକୁ ଚାହେଁ । କ'ଣ ସିଏ କହିବାକୁ ଚାହେଁ ଜାଣନ୍ତି ?**

**ସିଏ କହେ– କଷ୍ଟକଲେ ହିଁ ଉପରକୁ ଉଠିହୁଏ, ଅନ୍ୟକୁ ଖୁସି ଦେଇହୁଏ । ଗୁଡ଼ି ପବନର ପ୍ରତିକୂଳରେ, ପବନ ସହିତ ଯୁଝି ହିଁ ଉପରକୁ ଉଠେ...**

**ତା'ହେଲେ ଆସନ୍ତୁ ଆଜି ଜାଣିବା ଗୁଡ଼ିର କିଛି କଥା...**









**ନି**ଜେ ଗୁଡ଼ି ନଉଡ଼େଇଲେ ବି ଆକାଶରେ ଉଡୁଥିବା ଗୁଡ଼ିକୁ ଦେଖିବାକୁ ଖୁବ୍ ଭଲ ଲାଗେ । ଐତିହାସିକମାନେ କୁହନ୍ତି, ପକ୍ଷୀର ଉଡ଼ିବା ଶୈଳୀ ଦେଖି ଗୁଡ଼ି ତିଆରି ହୋଇଥିଲା ଓ ଗୁଡ଼ିକୁ ଦେଖି ଉଡ଼ାଜାହାଜ । ମାନବ ସଭ୍ୟତାରେ ଗୁଡ଼ିର ଇତିହାସ ପ୍ରାୟ ଦୁଇହଜାର ବର୍ଷର । ବିଶ୍ୱାସ କରାଯାଏ ପ୍ରଥମେ ଗୁଡ଼ି ଜନ୍ମ ନେଇଥିଲା ଚୀନ୍‌ରେ । ଦଉଡ଼ିରେ ବନ୍ଧା ହୋଇଥିବା ଜଣେ ଚୀନା କୃଷକର ଟୋପିଟି ପବନରେ ଉଡ଼ିଯିବା ପରେ ତାହାକୁ ଦେଖି ଗୁଡ଼ି ତିଆରି ହୋଇଥିଲା । ଚୀନ୍‌ର ଦାର୍ଶନିକ ମୋଜି ଓ ଲୁବାନ୍ ସର୍ବପ୍ରଥମେ ଗୁଡ଼ି ପ୍ରସ୍ତୁତ କରିଥିଲେ ଓ ଉଡ଼ାଇଥିଲେ ବୋଲି ଚୀନ୍ ଇତିହାସରେ ଉଲ୍ଲେଖ ଅଛି । ଏବେ ଗୁଡ଼ିଉଡ଼ା ଗୋଟିଏ ବା ଦୁଇଟି ଦେଶ ମଧ୍ୟରେ ସୀମିତ ହୋଇ ରହିନାହିଁ । ପ୍ରାଚ୍ୟରୁ ପାଶ୍ଚାତ୍ୟ ପର୍ଯ୍ୟନ୍ତ ବିଭିନ୍ନ ଦେଶର ପରମ୍ପରାରେ ସାମିଲ ହୋଇଯାଇଛି ଗୁଡ଼ି ।

ଚୀନ ଦେଶରେ ଗୁଡ଼ିଉଡ଼ାରୁ ଶୁଭ ଅଶୁଭ ଜଣାଯାଏ । ଗୁଡ଼ିକୁ ଉଡ଼ାଇ ମୁକ୍ତ ଛାଡ଼ିଦେବା କିମ୍ବା କଟାଗୁଡ଼ି ଆକାଶରେ ଉଡୁଥିବାକୁ ଅଶୁଭ ବୋଲି ବିବେଚନା କରାଯାଏ ସେଠାରେ । ଥାଇଲାଣ୍ଡରେ ଗୁଡ଼ି ସୌଭାଗ୍ୟର ପ୍ରତୀକ । ଶୀତଦିନେ ଏଠାରେ ବୌଦ୍ଧସନ୍ନ୍ୟାସୀ ଓ ରାଜପୁରୋହିତମାନେ ରାଜା ଓ ଜନସାଧାରଣଙ୍କ ମଙ୍ଗଳ କାମନା କରି ଗୁଡ଼ି ଉଡ଼ାଉଥିଲେ । ବାଲିରେ ଜନସାଧାରଣ ଭଲ ଫସଲ ଓ ସ୍ୱାସ୍ଥ୍ୟ ନିମନ୍ତେ ପ୍ରାର୍ଥନା କରି ଭଗବାନଙ୍କ ନିକଟକୁ ଗୁଡ଼ି ଦ୍ୱାରା ସନ୍ଦେଶ ପଠାନ୍ତି । ଜାପାନକୁ ଗୁଡ଼ି ଯାଇଥିଲା ଚୀନ୍‌ର ବୌଦ୍ଧ ସନ୍ନ୍ୟାସୀମାନଙ୍କ ଦ୍ୱାରା । ଜାପାନୀମାନଙ୍କର ବିଶ୍ୱାସ ଗୁଡ଼ି ଉଡ଼ାଇଲେ ଦୁଷ୍ଟ ଆତ୍ମାମାନେ ଦୂରେଇ ଯାଆନ୍ତି ଏବଂ ଫସଲ ଭଲ ହୁଏ ।

ଚୀନା ବ୍ୟବସାୟୀମାନେ ଭାରତକୁ ପ୍ରଥମେ ଗୁଡ଼ି ନେଇ ଆସିଥିଲେ । ପନ୍ଦର ଶହ ମସିହାରେ ମୋଗଲ ସାମ୍ରାଜ୍ୟରେ ଗୁଡ଼ିଉଡ଼ାର ପ୍ରଚଳନ ଥିଲା ବୋଲି ସେ ସମୟର ସାହିତ୍ୟରୁ ଜଣାପଡ଼େ । ଭାରତରେ ଗୁଡ଼ିଉଡ଼ା ଏକ ପ୍ରିୟ ମନୋରଞ୍ଜନ । ଏବେ ଅନେକ ସ୍ଥାନରେ ସମୂହ ଗୁଡ଼ିଉଡ଼ା ପାଳିତ ହେଉଛି ଉତ୍ସବ ରୂପରେ । ମାତ୍ର ସବୁ ରାଜ୍ୟରେ ଏହି ଗୁଡ଼ିଉଡ଼ାର ସମୟ ଓ ଅବସର ଭିନ୍ନ ଭିନ୍ନ ।

**ଦିଲ୍ଲୀର ଗୁଡ଼ି ଓ ସ୍ୱାଧୀନତା ଦିବସ :** ଦିଲ୍ଲୀରେ ଗୁଡ଼ିଉଡ଼ାର ପର୍ବ ସ୍ୱାଧୀନତା ଦିବସ । ଦେଶର ପ୍ରଥମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଧଳା କପୋତ ଉଡ଼ାଇ ଏହାକୁ ସ୍ୱାଧୀନତା ଓ ଶାନ୍ତିର ଉତ୍ସବ ଭାବରେ ପାଳନ କରିଥିଲେ । ସେବେଠାରୁ କପୋତ ଉଡ଼ାଇବାର ପ୍ରତୀକ ଭାବରେ ଗୁଡ଼ି ଉଡ଼ାଯାଏ ଦିଲ୍ଲୀରେ । ସ୍ୱାଧୀନତା ଦିବସ ଦିନ ଦିଲ୍ଲୀର ଆକାଶ ଭରିଯାଏ ତ୍ରିରଙ୍ଗା ଗୁଡ଼ିରେ ।

**ଜାମ୍ମୁରେ ଗୁଡ଼ି :** ଜାମ୍ମୁବାସୀ ରକ୍ଷାବନ୍ଧନ ଓ ଜନ୍ମାଷ୍ଟମୀ ଅବସରରେ ଗୁଡ଼ି ଉଡ଼ାନ୍ତି । ଏହାକୁ କୁହାଯାଏ 'ଗୁଡ଼ି ଗଡ୍‌ନା' । ରାଜାରାଜୁଡ଼ା ସମୟରେ ଜାମ୍ମୁରେ ଗୁଡ଼ିଉଡ଼ା ଥିଲା କେବଳ ସମ୍ଭ୍ରାନ୍ତମାନଙ୍କର ଖେଳ । ରାଜା ଓ ଜମିଦାରମାନେ ତାଙ୍କ ପାରିଷଦଙ୍କ ସହ ଗୁଡ଼ି ଉଡ଼ାଉଥିଲେ ।

**ରାଜସ୍ଥାନର ପତଙ୍ଗ ମହୋତ୍ସବ :** ରାଜସ୍ଥାନର ଗୁଡ଼ିଉଡ଼ା ପରମ୍ପରା ପର୍ଯ୍ୟଟନ ସହ ସାମିଲ । ପ୍ରତିବର୍ଷ ମକର ସଂକ୍ରାନ୍ତିରେ ରାଜସ୍ଥାନର ଜୟପୁରରେ ଆୟୋଜିତ ହୁଏ 'ପତଙ୍ଗ ମହୋତ୍ସବ' । ପର୍ଯ୍ୟଟନ ବିଭାଗ ଏହି ମହୋତ୍ସବର ଦାୟିତ୍ୱ ନିଏ । ଏହି ଉତ୍ସବରେ ରାଜା ଶାସନ ସମୟର ପାରମ୍ପରିକ ଗୁଡ଼ିଉଡ଼ାଳିଙ୍କ ବଂଶଜଙ୍କ ସମେତ ଦେଶ ବିଦେଶରୁ ଅନେକ ପ୍ରତିଯୋଗୀ ଭାଗ ନିଅନ୍ତି ।

ଜୟପୁର ସମେତ ବାରାଣସୀ, ଅହମ୍ମଦାବାଦ, ବଦୋଦରା, ହାଇଦ୍ରାବାଦ ସମେତ ଅନେକ ସ୍ଥାନରେ ମକର ସଂକ୍ରାନ୍ତିରେ ଗୁଡ଼ି ପର୍ବ ପାଳନ କରାଯାଏ । ଓଡ଼ିଶାରେ ମଧ୍ୟ ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହୁଏ ଗୁଡ଼ିଉଡ଼ାର ପର୍ବ ।

# ବଢ଼ିବ କୁଆଁରାଙ୍କ ସଂଖ୍ୟା



ଏକ ରିପୋର୍ଟରୁ ଜଣାଯାଇଛି ୨୦୨୦ ବେଳକୁ ଚୀନ ଦେଶର ପ୍ରାୟ ଅଢ଼େଇ କୋଟି ଯୁବକ ଅବିବାହିତ ରହିବାକୁ ବାଧ୍ୟ ହେବେ । ସେମାନଙ୍କୁ ଝିଅ ମିଳିବେନି । କାରଣ ଚୀନଦେଶରେ ପୁଅଙ୍କ ଅନୁପାତରେ ଝିଅଙ୍କ ସଂଖ୍ୟା କମ୍ ଏବଂ ଏହି ବ୍ୟବଧାନ ଦିନକୁ ଦିନ ବଢୁଛି । ଭାରତ ଅବସ୍ଥା ମଧ ଠିକ୍ ସେହିଭଳି ହେବ ବୋଲି ଜଣାଯାଇଛି । କାରଣ କନ୍ୟା ଭ୍ରୁଣ ହତ୍ୟା ଲଗାତାର ଭାବରେ ବଢିଚାଲିଛି ।



**ଲି**ଙ୍ଗ ଅନୁପାତ ମାମଲାରେ ଭାରତ ମଧ୍ୟ ଚୀନ୍‌ଠାରୁ ଅଧିକ ପଛରେ ନାହିଁ । ତେବେ ସବୁଠାରୁ ଉଦ୍‌ବେଗର ବିଷୟ ଯେ, ଯେଉଁ ରାଜ୍ୟ ବା ଅଞ୍ଚଳ ଯେତେ ସମୃଦ୍ଧ ସେଠାରେ ସ୍ତ୍ରୀ–ପୁରୁଷ ସଂଖ୍ୟାରେ ବ୍ୟବଧାନ ସେତେ ଅଧିକ । ଦେଶର ସବୁଠାରୁ ସମୃଦ୍ଧ ପ୍ରଦେଶ କୁହାଯାଉଥିବା ପଞ୍ଜାବ, ହରିୟାଣା, ପଶ୍ଚିମ ଉତ୍ତରପ୍ରଦେଶ ଓ ରାଜସ୍ଥାନରେ ପ୍ରତି ୧୦୦୦ ପୁରୁଷଙ୍କ ପାଇଁ ୮୦୦ ମହିଳା ଅଛନ୍ତି, ତଥାପି ପରିବାରମାନଙ୍କରେ ପୁତ୍ରସନ୍ତାନ ଆଶାରେ କନ୍ୟାଭ୍ରୁଣ ଗର୍ଭପାତ ସଂଖ୍ୟା ମଧ୍ୟ କିଛି କମ୍ ନାହିଁ । ଦୁଇ ସନ୍ତାନ ପରିବାରରେ ପିତାମାତା ଗୋଟିଏ ଝିଅ ସ୍ୱୀକାର କରି ନେଉଛନ୍ତି, ମାତ୍ର ଗୋଟିଏ ସନ୍ତାନ ଚାହୁଁଥିବା ପିତାମାତାଙ୍କୁ ଯେମିତିହେଲେ ପୁଅ ଦରକାର । ତେଣୁ ଆଜି ନହେଲେ କାଲି ଏମିତି ସମୟ ଆସିବ ସେତେବେଳେ ବାପା–ମାଆ ଗେହ୍ଲାରେ ବଢ଼ାଇଥିବା ପୁଅ ପାଇଁ ବୋହୂଟିଏ ପାଇବେନି ।

**ସାମାଜିକ ସମସ୍ୟା ବଢ଼ିବ :** ଲିଙ୍ଗ ସନ୍ତୁଳନ ନଷ୍ଟ ହେବା ଦ୍ୱାରା ସମାଜକୁ ନାନା ପ୍ରକାର ସମସ୍ୟାର ସାମ୍ନା କରିବାକୁ ପଡ଼ିବ । ଆଜି ମଧ୍ୟ ଦେଶର ଅନେକ ଅଞ୍ଚଳ ଏପରି ଅଛି, ଯେଉଁଠାରେ ଝିଅଙ୍କ ସଂଖ୍ୟା କମ୍ ହେବା ଯୋଗୁଁ ଓଡ଼ିଶା, ଆସାମ ଓ ଦକ୍ଷିଣ ଭାରତରୁ ଝିଅଙ୍କୁ ଆଣି ବିବାହ କରାଇବା ପରମ୍ପରା ପାଲଟିଗଲାଣି । ସମାଜବିଦ୍‌ମାନଙ୍କ ଅନୁଯାୟୀ ଲିଙ୍ଗ ସନ୍ତୁଳନ ବିଗିଡ଼ିଲେ ସବୁଠାରୁ କ୍ଷତିଗ୍ରସ୍ତ ହେବ ବିବାହ ନାମକ ଏହି ସାମାଜିକ ଅନୁଷ୍ଠାନ । ପୁରୁଷମାନେ ନିଜ ଶାରୀରିକ ଆବଶ୍ୟକତା ପୂରଣ ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରିବେ । ଗରିବମାନେ ଯୌନକର୍ମୀଙ୍କର ସାହାଯ୍ୟ ନେବେ ଓ ଧନୀମାନେ ଗରିବ ପରିବାରରୁ ଝିଅ କିଣିବେ । ଏହାଦ୍ୱାରା ଝିଅମାନଙ୍କ ପ୍ରତି ଅପରାଧ ବଢ଼ିବ ଓ ଅନୈତିକ କାର୍ଯ୍ୟରେ ସେମାନଙ୍କର ସଂପୃକ୍ତିକୁ ରୋକିବା ମଧ୍ୟ କଷ୍ଟକର ହୋଇଯିବ ।

**ସମଲିଙ୍ଗୀ ସଂସ୍କୃତି ବଢ଼ିବ :** ନିକଟରେ ଦିଲ୍ଲୀ ହାଇକୋର୍ଟ ସହମତିରେ ସମଲିଙ୍ଗୀ ଯୌନ ସଂପର୍କକୁ ମାନ୍ୟତା ଦେବା ପରେ ସମାଜରେ ସମଲିଙ୍ଗତା ଅପରାଧ ଭାବରେ ପରିଗଣିତ ହେଉନାହିଁ । ଏହା ପରେ ବିବାହଯୋଗ୍ୟ ସାଥୀ ନମିଳିଲେ ସମଲିଙ୍ଗୀ ଯୌନ ସଂପର୍କ ବଢ଼ିବାର ସମ୍ଭାବନା ଢେର ବଢ଼ିଯିବ । ଆଗରୁ ପୋଲିସ ଓ ସେନାବାହିନୀରେ ଏ ପ୍ରକାର ଘଟଣା ଦେଖାଯାଉଥିଲା, କ୍ରମେ ଏହା ସମାଜରେ ସାଧାରଣ କଥା ହୋଇଯିବ ।

**ବହୁପୁରୁଷ ବିବାହ ବଢ଼ିପାରେ :** ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ବିଶାଲ ଭରଦ୍ୱାଜଙ୍କ ଆଗାମୀ ଫିଲ୍ମରେ ଏପରି ଜଣେ ମହିଳାଙ୍କ ଚରିତ୍ରରେ ଅଭିନୟ କରିଛନ୍ତି ଯାହାଙ୍କର ୭ଜଣ ପତି ଅଛନ୍ତି । ମାତ୍ର ଆଗରୁ ଏମିତି ସମୟ ଥିଲା, ଯେତେବେଳେ ପୁରୁଷଙ୍କ ତୁଳନାରେ ଅଧିକ ମହିଳା ଥିବାରୁ ପୁରୁଷମାନେ ଏକାଧିକ ସ୍ତ୍ରୀ ରଖୁଥିଲେ । ଏବେ ପୁରୁଷଙ୍କ ସଂଖ୍ୟା ଅଧିକ ହେବାରୁ ଏହାର ଓଲଟା ମଧ ହୋଇପାରେ । ହିମାଳୟ ପାର୍ବତ୍ୟାଞ୍ଚଳରେ ମହିଳାଙ୍କ ସଂଖ୍ୟା କମ୍ ହୋଇଥିବାରୁ ଓ ପୁରୁଷମାନେ ଅଧିକାଂଶ ସମୟରେ ବାହାରେ ରହୁଥିବାରୁ ମହିଳାମାନେ ଏକାଧିକ ପୁରୁଷ (ବିଶେଷ କରି ସବୁ ଭାଇମାନଙ୍କୁ) ବିବାହ କରିବାର ପ୍ରଚଳନ ରହିଛି । ଦେଶରେ କନ୍ୟା ସନ୍ତାନ ସଂଖ୍ୟା କମ୍ ହୋଇଗଲେ ଏହି ପ୍ରଥା ସମାଜର ମୁଖ୍ୟ ଧାରାରେ ସାମିଲ ହେବାର ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇ ନପାରେ ।

# ଇଣ୍ଟରନେଟ୍‌ର ନିଶାରେ ଶିଶୁ

**ଦୁ**ଇ ବର୍ଷ ତଳେ ଆମେରିକାର ଆର୍କାନ୍ସ ପ୍ରଦେଶର ଏକ ୧୬ ବର୍ଷର କିଶୋର ନିଜ ମା'ଙ୍କ ନାମରେ ଉତ୍ପୀଡ଼ନର ଅଭିଯୋଗ ଦାଖଲ କରିଥିଲା ପୋଲିସ ପାଖରେ । କାରଣ ତା'ର ମା' ଫେସ୍‌ବୁକ୍ ଆକାଉଣ୍ଟ ପାସ୍‌ୱାର୍ଡ ବଦଳାଇ ଦେଇଥିଲେ । ଏହାପରେ ଉକ୍ତ କିଶୋରର ମା' କହିଥିଲେ,



ମୁଁ ଯାହା କରିଛି ଯେକୌଣସି ଭଦ୍ର ପିତା–ମାତା ତାହା ହିଁ କରିଥାନ୍ତେ । କାରଣ ସେ ଯେଉଁ ପ୍ରକାର ଲେଖା ଫେସ୍‌ବୁକ୍‌ରେ ପଠାଉଛି ତାହା ଦେଖିଲେ ଯେକୌଣସି ପିତାମାତାଙ୍କ ମୁଣ୍ଡ ଖରାପ ହୋଇଯିବ । ଏ ସମସ୍ୟା ଏବେ ଭାରତରେ ମଧ ପହଞ୍ଚିଲାଣି ।

ମୁମ୍ବାଇର ସାଇବର ଏକ୍ସପର୍ଟ ବିଜୟ ମୁଖୀଙ୍କ ଅନୁଯାୟୀ **ଫେସ୍‌ବୁକ୍, ଟ୍ୱିଟର** ଏବଂ **ମାଇଁ ସ୍ପେସ୍** ଆଦି ସାଇଟ୍‌ରେ କମ୍ ବୟସର ପିଲାମାନେ ରେଜିଷ୍ଟର କରିବାକୁ ନିଷେଧ ଅଛି । ମାତ୍ର ପିଲାମାନେ ନିଜ ବୟସ ଅଧିକ ଦର୍ଶାଇ ଏସବୁ ସାଇଟ୍‌ରେ ରେଜିଷ୍ଟର କରନ୍ତି ।

ମୁମ୍ବାଇର ଶିଶୁ ମନସ୍ତତ୍ତ୍ୱବିଦ୍ ଡଃ ହରିଶ ସେଟ୍ଟୀଙ୍କ କହିବା ଅନୁଯାୟୀ ଇଣ୍ଟରନେଟ୍ ଆଡିକ୍ସନ ଏବେ ପିତା–ମାତାଙ୍କ ପାଇଁ ଏକ ନୂତନ ଚିନ୍ତାର ବିଷୟ । ତାଙ୍କ କ୍ଲିନିକ୍‌କୁ ନିକଟରେ ଏକ ଦମ୍ପତି ଆସିଥିଲେ । ସେମାନେ ୧୧ ବର୍ଷର ପୁଅକୁ ଲ୍ୟାପ୍‌ଟପ୍‌ଟିଏ ଉପହାର ଦେବା ତା'ପାଇଁ ଅଭିଶାପ ପାଲଟି ଯାଇଥିଲା । ସେ ଇଣ୍ଟରନେଟ୍‌ରେ ବ୍ୟସ୍ତ ଥିବା ବେଳେ ତା' ପାଖରେ କିଏ ଅଛନ୍ତି ନା ନାହିଁ ବି ସେ ଜାଣିପାରୁନି । ଇଣ୍ଟରନେଟ୍‌ରେ ବ୍ୟସ୍ତ ରହି ସେ ସବୁଦିନ ସ୍କୁଲ ଯିବା ମଧ ବନ୍ଦ କରିଦେଲା । ତା'ର ମାନସିକ ଚିକିତ୍ସା ପରେ ଏବେ ସେ ଧୀରେ ଧୀରେ ସ୍ୱାଭାବିକ ଜୀବନକୁ ଫେରିବା ଆରମ୍ଭ କରିଛି । ତେବେ ସବୁ ପିତା–ମାତା ନେଟ୍‌ୱାର୍କିଂ ସାଇଟ୍ ପ୍ରତି ପିଲାଙ୍କର ନିଶା ବୃଦ୍ଧିର ବିପଦ ସମ୍ପର୍କରେ ସଚେତନ ନୁହଁନ୍ତି । ଏ କ୍ଷେତ୍ରରେ ସମସ୍ୟା ଅନିୟନ୍ତ୍ରିତ ଅବସ୍ଥାକୁ ଆସିଲେ ସେମାନେ ଚିନ୍ତା କରନ୍ତି ।

ତେବେ ମନସ୍ତତ୍ତ୍ୱବିଦ୍‌ମାନଙ୍କ ଅନୁଯାୟୀ ପିଲା ଭବିଷ୍ୟତରେ କୌଣସି ବଡ଼ ଧରଣର ସମସ୍ୟାରେ ନପଡ଼ିବା ପାଇଁ ପିତା–ମାତା ସେମାନଙ୍କ ଇଣ୍ଟରନେଟ୍ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିବା ଆବଶ୍ୟକ ।

## କ'ଣ କରିବା ଆବଶ୍ୟକ

- କମ୍ପ୍ୟୁଟରକୁ ଡ୍ରଇଂରୁମ୍‌ରେ ରଖନ୍ତୁ ।
- ପିଲାକୁ ଅଧିକ ସମୟ ଇଣ୍ଟରନେଟ୍‌ରେ ଲାଗି ରହିବାକୁ ଦିଅନ୍ତୁ ନାହିଁ ।
- ପିଲାକୁ ଆଉଟ୍‌ଡୋର ଗେମ୍ ପାଇଁ ପ୍ରୋତ୍ସାହିତ କରନ୍ତୁ ।
- ଇଣ୍ଟରନେଟ୍ ନିମନ୍ତେ ନିର୍ଦ୍ଦିଷ୍ଟ ସମୟ ସ୍ଥିର ରଖନ୍ତୁ ।
- ଅବସାଦର ଲକ୍ଷଣ ଉପରେ ନଜର ଦିଅନ୍ତୁ ।
- ଆଡଲ୍ଟ ସାଇଟ୍ ବନ୍ଦ କରିବା ପାଇଁ ସଫ୍ଟୱେୟାର ବ୍ୟବହାର କରନ୍ତୁ ।



# ଥକିଯିବା ଆଗରୁ ଚାଲନ୍ତୁ

**୪୦ ଟପିଲେ ଛୋଟମୋଟ ଶାରୀରିକ ସମସ୍ୟାମାନ ଡକାହକା ହୋଇ ଚାଲିଆସନ୍ତି । ଏ ବୟସରେ ରକ୍ତଚାପ ଏବଂ ମଧୁମେହ ମଧ ଶରୀରକୁ ଆବୋରିବସେ ।**

**ଏ ସବୁ ସମସ୍ୟାର ସମ୍ମୁଖୀନ ହେଲେ ଡାକ୍ତର ଔଷଧ ସହିତ ନିୟମିତ ଶାରୀରିକ ଶ୍ରମ ଏବଂ କିଛି ବାଟ ଚାଲିବାର ପରାମର୍ଶ ଦେଇଥାନ୍ତି । ଚାଲିବା ଏସବୁ ରୋଗ ପାଇଁ ଅମୋଘ ଔଷଧୀ ।**

**ଟିକେ ପଛକୁ ଫେରିଚାଲନ୍ତୁ ତ, ସେତେବେଳେ ଡାକ୍ତରମାନେ ଏମିତି ପରାମର୍ଶ କ'ଣ ଦେଉଥିଲେ ରୋଗୀଙ୍କୁ ? ସେତେବେଳେ ମଣିଷ ଯନ୍ତ୍ର କବଳିତ ହୋଇନଥିଲା । ପିଲାମାନେ ଚାଲିଚାଲି ସ୍କୁଲ ଯାଉଥିଲେ ଆଉ ଫେରୁଥିଲେ । ଚାକିରିଆମାନେ ମଧ ଚାଲିକରି କିମ୍ବା ସାଇକେଲରେ ଅଫିସ ଯାଉଥିଲେ । ଏବେ ତ ସମସ୍ତଙ୍କ ପାଖରେ ବାଇକ୍ କିମ୍ବା ଚାରିଚକିଆ । ଚାଲିବାର ସୁଯୋଗ କାହିଁ ?**

●●

ଏଇସବୁ କାରଣରୁ ଶରୀରର ସ୍ୱାଭାବିକ ଛନ୍ଦରେ ଛନ୍ଦ ପତନ ଘଟୁଛି ଆଉ ଶରୀରରେ ବସାବାନ୍ଧୁଛି ବିଭିନ୍ନ ରୋଗ । ସ୍ୱାଭାବିକତାର ବାଟ ଓଗାଳିଲେ ସିଏ ବାଟଭାଙ୍ଗି ଚାଲି ନଯାଇ, ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ । ଆଧୁନିକ ମଣିଷ ଜୀବନ ଶୈଳୀ ଏବଂ ଅୟସ ଆରାମକୁ ଆଖିରେ ରଖି ଶାରୀରିକ ଶ୍ରମର ବିକଳ୍ପ ରୂପେ ଚାଲିକୁ ଡାକ୍ତରମାନେ ଏବେ ଔଷଧ ରୂପେ ବ୍ୟବହାର କରୁଛନ୍ତି ।

ନିୟମିତ ଚାଲିବା ଫଳରେ ଗୋଡ଼ର ଗଠନ ଠିକ୍ ରହେ । ଶରୀର ସୁଗଠିତ ହୁଏ । ଶରୀରର ପେଶୀମାନେ ସୁସ୍ଥ ରହନ୍ତି । ପେଟ ଭିତରର ପେଶୀ ମଧ କାର୍ଯ୍ୟକ୍ଷମ ହୋଇଥାଏ । ଫୁସ୍‌ଫୁସ୍ ଏବଂ ହୃତ୍‌ପିଣ୍ଡ ଉପଯୁକ୍ତ ଭାବେ କାର୍ଯ୍ୟ କରିଥାନ୍ତି । ରକ୍ତ ସଞ୍ଚାଳନ ସୁଗମ ହୁଏ । ଅତ୍ୟଧିକ କ୍ୟାଲୋରି ଚର୍ବି ଆକାରରେ ଶରୀରରେ ଜମି ନରହି ଶରୀରକୁ ସନ୍ତୁଳିତ ରଖେ । ଶିରା ଏବଂ ଧମନୀରେ ଚର୍ବି ଜମିଲେ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି ହୁଏ, ଫଳରେ ହୃଦ୍ ସମସ୍ୟା ଦେଖା ଦିଏ । ଚାଲିବା ଦ୍ୱାରା ଏ ସମସ୍ୟାକୁ ଏଡ଼େଇ ଦେଇ ହୁଏ ।

ବ୍ରୋଙ୍କିୟାଲ ଆଜମା ଏବଂ କରୋନାରି ହୃଦ୍‌ରୋଗରୁ ଆରୋଗ୍ୟ ଲାଭ ପାଇଁ ନିୟମିତ ଚାଲନ୍ତୁ ।

ଚାଲିବାର ଗତି ମଧ ଶରୀରକୁ ପ୍ରଭାବିତ କରିଥାଏ । ଯେଉଁମାନଙ୍କ ପାଇଁ ଶରୀରରୁ ଝାଳ ବୁହାଇବା ପ୍ରୟୋଜନ ହୋଇଥାଏ ଏବଂ ଯେଉଁମାନେ ନିଜ ଓଜନ କମେଇବାକୁ ଚାହାନ୍ତି, ସେମାନେ ର୍‍ୟାପିଡ଼ ୱାକ୍ ବା କ୍ଷିପ୍ର ଗତିରେ ଚାଲିବା ଦରକାର । ମଧ୍ୟମ ଓ ମନ୍ଥର ଗତିର ଚାଲି ମଧ ଅନେକଙ୍କ ପାଇଁ ଉପଯୋଗୀ ହୋଇଥାଏ ।

# ୪୦ରୁ ଆରମ୍ଭ କରନ୍ତୁ ନୂଆ ଜୀବନ

'ଲାଇଫ୍ ବିଗିନ୍ସ ଆଟ୍ ଫର୍ଟି' । ୪୦ ବର୍ଷରେ ଅସଲ ଜୀବନ ଆରମ୍ଭ ହୁଏ, ତେଣୁ ପଚାଶ ବେଳକୁ ମଣିଷ ମାତ୍ର ୧୦ ବର୍ଷର ମଜା ନେଇଥାଏ ।

କିନ୍ତୁ ସାଧାରଣତଃ ଦେଖାଯାଏ ମଧ୍ୟବିତ୍ତ ପରିବାରର ମଣିଷମାନେ ୫୦ ବର୍ଷ ଟପିଲେ ନିଜକୁ ବୁଢ଼ା ଶ୍ରେଣୀରେ ମାସିଲ କରିନିଅନ୍ତି ମନକୁମନ । ନିଅଣ୍ଟିଆ ସଂସାର ଏବଂ ଘରର ଅଭାବ ସ୍ୱାମୀ–ସ୍ତ୍ରୀଙ୍କ ସମ୍ପର୍କକୁ ଦୂରେଇ ଦିଏ । ପୁଅ–ବୋହୂ, ନାତି–ନାତୁଣୀଙ୍କ ପାଇଁ ଯେତେବେଳେ ଘର ଅଭାବ ହୁଏ ସେତେବେଳେ ପରିଣତ ବୟସର ବାପା–ମା'ଙ୍କ ପାଇଁ ସ୍ୱତନ୍ତ୍ର ବଖରା ରହେନାହିଁ । ସେମାନେ ଗୋଟେ ଛାତତଳେ ଏକାଠି ଥାଇ ବି ନିଜ ଭାବନା ବାଣ୍ଟିବାକୁ ଏକାନ୍ତ ସ୍ଥାନଟିଏ ପା'ନ୍ତି ନାହିଁ ।

**୫**୦ ଟପିବା ପରେ ଦମ୍ପତିମାନେ ଖୁବ୍ ଏକା ଏକା ହୋଇପଡ଼ନ୍ତି ଘରର କୋଳାହଳ ଭିତରେ ଥାଇ ମଧ । ପିଲାମାନେ ସେମାନଙ୍କ ସଂସାରକୁ ନେଇ ବ୍ୟସ୍ତ ଥା'ନ୍ତି । ଅନେକ ପରିବାରରେ ବାପା–ମା' ଅଲୋଡ଼ା ହୋଇପଡ଼ନ୍ତି ଏ ବୟସରେ ।



**ତେଣୁ ଏମିତି କରନ୍ତୁ–**

- ପିଲାମାନଙ୍କ ଉପରେ ନିର୍ଭର ନକରି–ଉଭୟେ ଉଭୟଙ୍କ ଶାରୀରିକ ସୁସ୍ଥତା ପ୍ରତି ନଜର ଦିଅନ୍ତୁ ।
- ପିଲାଙ୍କ ଉପରେ ଏକଦମ୍ ନିର୍ଭରଶୀଳ ହୁଅନ୍ତୁ ନାହିଁ ।
- ଏ ବୟସରେ ସାଧାରଣତଃ ପତି–ପତ୍ନୀଙ୍କ ଭିତରେ ଶାରୀରିକ ସମ୍ପର୍କ କମିଆସେ । କିନ୍ତୁ ସୁସ୍ଥ ଯୌନ ଜୀବନ ବାର୍ଦ୍ଧକ୍ୟକୁ ରୋକିପାରେ ।
- ବୟସକୁ ଲାଜକରି ଜୀବନସାଥୀଙ୍କ ସହିତ ଅନ୍ତରଙ୍ଗତା କମାନ୍ତୁ ନାହିଁ । ଶାରୀରିକ ସମ୍ପର୍କ ଦେହ ଓ ମନକୁ ସୁସ୍ଥ ରଖେ ।
- ସାଧାରଣତଃ ଦେଖାଯାଏ ଘରେ ଅନ୍ୟମାନେ ମୌଜମସ୍ତିରେ ବ୍ୟସ୍ତ ଥିବା ବେଳେ କିମ୍ବା ବାହାରକୁ ବୁଲିଗଲା ବେଳେ ଘର ଜଗିବାର ଦାୟିତ୍ୱ ଥାଏ ବାପା–ମା'ଙ୍କ ଉପରେ । ଏପରି ସ୍ଥଳେ ଆପଣ ଦିହେଁ ମଧ ମଝିରେ ମଝିରେ ବାହାରେ ଟିକେ ବୁଲି ଆସନ୍ତୁ । ସଂସାରର ବୋଝ ପିଲାଙ୍କ ଉପରେ ଛାଡ଼ି ଦିଅନ୍ତୁ ।
- ନିୟମିତ ଔଷଧ ଖାଇବା ପାଇଁ ଜଣେ ଅନ୍ୟ ଜଣକୁ ମନେପକାଇ ଦିଅନ୍ତୁ । ଏପରି କଲେ ସମ୍ପର୍କରେ ମଧୁରତା ଆସିଥାଏ । ଜଣେ ଅନ୍ୟଜଣକ ପାଇଁ କେତେ ବ୍ୟସ୍ତ ଜଣାପଡ଼େ ।
- କାହାର ଜନ୍ମଦିନ କେବେ ମନେରଖି ଶୁଭେଚ୍ଛା ଜଣାନ୍ତୁ । ବାପା–ମା'ମାନେ ବୁଢ଼ା–ବୁଢ଼ୀ ହୋଇଯିବା ପରେ ପିଲାମାନେ ସେମାନଙ୍କ ଜନ୍ମଦିନ ମନେରଖନ୍ତି ନାହିଁ ।
- ବିବାହ ବାର୍ଷିକୀ ଭୁଲନ୍ତୁ ନାହିଁ ।
- ଆପଣଙ୍କ କୋଠରିରେ ଆପଣଙ୍କ ଯୌବନ ବେଳର ଫଟୋ ଏବଂ ବିବାହ ବେଳର ଫଟୋକୁ ଟାଙ୍ଗି ରଖନ୍ତୁ । ଏହା ମନକୁ ସତେଜ କରେ । ସ୍ମୃତିଚାରଣ ପାଇଁ ଖୋରାକ ଯୋଗାଏ ।
- ପୁରୁଣା ବନ୍ଧୁଙ୍କ ସହିତ ସମ୍ପର୍କ ରଖନ୍ତୁ । ସେମାନେ ମଧ ଆପଣଙ୍କ ବୟସର ହୋଇଯିବେଣି । ସେମାନେ ମଧ ଏକୁଟିଆ ମଣୁଥିବେ ନିଜକୁ । ମଝିରେ ମଝିରେ ସେମାନଙ୍କୁ ଫୋନ୍ କରନ୍ତୁ ।
- ସେମାନେ ନଚାହିଁଲେ, ପୁଅ–ବୋହୂଙ୍କ କଥାରେ ମୁଣ୍ଡ ଭର୍ତ୍ତି କରନ୍ତୁ ନାହିଁ ।
- ପ୍ରାଣ ଖୋଲି ହସନ୍ତୁ...

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୫ ଜାନୁଆରୀ ୨୦୨୬ । ରବିବାର


## ନୂଆ କୃଷି ସମବାୟ ସମିତି

**ରାଜନଗର,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକର ଭିତରଗଡ଼ ଠାରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି ସରକାରଙ୍କ ସ୍ୱୀକୃତି ପାଇବାପରେ ଋଷୀମାନଙ୍କ ମଧ୍ୟରେ ଆନନ୍ଦ ଭାବ ପ୍ରକାଶ ପାଇଛି। ପବିତ୍ର ସରସ୍ୱତୀ ପୂଜା ଅବସରରେ ଭିତରଗଡ଼ ଠାରେ ସମାଜସେବୀ ମହେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଋନ୍ଦିବାଉଁଶମୁଳ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଅଲେଖ କୁମାର ବେହେରା ଆନୁଷ୍ଠାନିକ ଭାବେ ନୂତନ ସମିତିର ଉଦଘାଟନ କରିଥିଲେ। ଏହି ନବ ଗଠିତ ସମିତିର ଋଷୀମାନେ ଏଥି ପୂର୍ବରୁ ଋନ୍ଦିବାଉଁଶମୂଳ ସମିତି ଅଧୀନରେ ଥିଲେ। ପ୍ରାୟ ୩୨୫୦ରୁ ଉର୍ଦ୍ଧ୍ୱ ଋଷୀ ସଭ୍ୟ ଥିବାରୁ ପରିଋଳନାରେ ବିଭ୍ରାଟ ସୃଷ୍ଟି ହେଉଥିଲା। ରାଜ୍ୟ ସରକାରଙ୍କ ନୂତନ ନୀତି ଅନୁଯାୟୀ ଭିତରଗଡ଼ ପଞ୍ଚାୟତରେ ଆଉ ଏକ ସମବାୟ ସମିତି କାର୍ଯ୍ୟକ୍ଷମ ହୋଇଥିବାରୁ ପୂର୍ବ ସମିତିର ନିର୍ଦ୍ଦେଶକ ଅମର କୁମାର ରାଉତ, ଅଜୟ ପାତ୍ରଙ୍କ ସମେତ ଅଗ୍ରଣୀ ଋଷୀ ସୋମନାଥ ପ୍ରଧାନ, ବିଜୟ ରାଉତ, ନୟନାନନ୍ଦ ବେହେରା, କୃଷ୍ଣ ସ୍ୱାଇଁ, ସୁକୁମାର ମଣ୍ଡଳ, ଶଶିକାନ୍ତ ରାଉତରାୟ, ଶରତ ରାଉତ, ଅନନ୍ତ ସାହାଣୀ, ଶରତ ସାହୁ, ନାରାୟଣ ପାତ୍ର ଅନନ୍ତ ବିଶ୍ୱାଳ ପ୍ରମୁଖ ବହୁ ଋଷୀ କେନ୍ଦ୍ରାପଡ଼ା ଏଆରସିଏସ ଯୋଗେନ୍ଦ୍ରନାଥ ବିଶ୍ୱାଳଙ୍କୁ କୃତଜ୍ଞତା ଜଣାଇବା ସହ ସହଯୋଗ କରିଥିବା ସମସ୍ତ ପଦାଧିକାରୀଙ୍କୁ ଧନ୍ୟବାଦ ପ୍ରଦାନ କରି ମତାମତ ପ୍ରଦାନ କରିଥିଲେ। ଦୁଇଶହରୁ ଉର୍ଦ୍ଧ୍ୱ ଋଷୀ ଉପସ୍ଥିତ ଥିଲେ।

## ଜାତୀୟ ଅବଦୁଲ କରିମଖାନ ମେମୋରିଆଲ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**କେନ୍ଦ୍ରାପଡା,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜାତୀୟସ୍ତରୀୟ ଷଷ୍ଠ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଅପରାହ୍ନରେ ଉଦଘାଟିତ ହୋଇଯାଇଛି। ଫକିରାବାଦ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ କ୍ଲବର ସଭାପତି ମହମ୍ମଦ ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର. ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ସରିତା ସାହୁ ଓ ବିଜେପି ନେତ୍ରୀ ଗିତାଞ୍ଜଳି ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ଅତିଥିମାନେ ଖେଳପଡିଆକୁ ଯାଇ ଉଭୟ ଦଳର ଖେଳାଳୀମାନଙ୍କ ସହ ହାତମିଳାଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନୁଷ୍ଠିତ ପ୍ରଥମ ଲିଗ୍‌ମ୍ୟାଚରେ କେନ୍ଦ୍ରାପଡାର ଚାନ୍ଦ କ୍ଲବ ସମ୍ବଲପୁର-୧୧କୁ ୨-୦ ଗୋଲରେ ହରାଇ ଏ-ଗ୍ରୁପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲଦେଇ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିବା ଚାନ୍ଦ କ୍ଲବର ଖେଳାଳୀ ଅମନ୍‌କୁ ଅତିଥିମାନେ କପ ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌କୁ ରେଫରୀ ଭାବେ ସୁକାନ୍ତ ସିଂ, ମହମ୍ମଦ ସାକଲିନ, ମହମ୍ମଦ ମୋକିମ ଓ ଯୁଧିଷ୍ଠିର ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ। ଶନିବାର ଅନୁଷ୍ଠିତ ହେବାକୁଥିବା ଦ୍ୱିତୀୟ ଲିଗ୍ ମ୍ୟାଚରେ ରାଉରକେଲା ରେଡ ୟୁନିଟ ଦଳ ଡିଏମଏସଏଫ ଝାଡଖଣ୍ଡକୁ ଭେଟିବ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ୍ (ମତୁ), ସାଧାରଣ ସମ୍ପାଦକ ସେକ ସାହାବୁଲ୍ଲା, ଉପସଭାପତି ରାଖାଲଶେଖର ଦାସ, ସେକ ସଫାତୁଲ୍ଲା, ଅକିଲ ଅହେମଦ୍, ସେକ ଫରିଦଉଦ୍ଦିନ୍, ମହମ୍ମଦ ଇବ୍ରାହିମ ଖାନ୍, ସମିଉଲ୍ଲା ଖାନ୍ ଓ ସେକ ବୁରାହାନ ଅଲ୍ଲୀ, ସମ୍ପାଦକ ମୀର ଜରାର୍, ମୀର ଆବୁସମା, ଫାୟାଜ ମହମ୍ମଦ୍, ଅଜିତ କୁମାର ବେହେରା, ମୀର ସଲିମ୍, କଲିମ ଖାନ, ମୀର ମହମ୍ମଦ ଅମୀର ଓ ଗୌରାଙ୍ଗ ବେହେରା, କୋଷାଧ୍ୟକ୍ଷ ସେକ ମୁସ୍ତାକ୍ ଓ ମହମ୍ମଦ ଆଝାରୁଦ୍ଦିନ, କ୍ଲବର ଉପଦେଷ୍ଟା ସେକ ଲିୟାକତ ଅଲ୍ଲୀ, ସୟଦ ଅକମଲ ଅଲ୍ଲୀ, ସୟଦ ଏହେସାନ ଅଲ୍ଲୀ, ମହମ୍ମଦ ବଦରୁଜ ଜମା, ମୁକ୍ତାର ଖାଁ, ଅଭିମନ୍ୟୁ ଗୋଛାୟତ, ସେକ ଅହେମ୍ମଦ ଅଲ୍ଲୀ, ସେକ ହନିଫ, ମୀର ସଲାମତ, ମୀର ମୁସ୍ତକିମ, ସେକ ସୌକତ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ମୀର ମହମ୍ମଦ ଅମୀର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ମା'ବାଗଦେବୀଙ୍କ ପୂଜା

**ରାଜନଗର,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକର ବିଭିନ୍ନ ସ୍ଥାନରେ ବାଗଦେବୀ ମା'ସରସ୍ୱତୀଙ୍କ ପୂଜା ନିରାଡମ୍ବର ଭାବରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବାଣିଜ୍ୟିକ ପ୍ରତିଷ୍ଠାନ, କ୍ଲବ, ଯୁବକ ସଂଘ ଓ ଶିକ୍ଷାନୁଷ୍ଠାନମାନଙ୍କରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ପୁରପଲ୍ଲୀରେ ବିଗତ ବର୍ଷମାନଙ୍କ ଭଳି ପୂଜାର ମାହୋଲ ଦେଖିବାକୁ ମିଳିଥିଲା। ମା'ଙ୍କ ପୂଜା ସହିତ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ରାଜନଗର ସଦର ମହକୁମାସ୍ଥିତ ରାଜନଗର ଉଚ୍ଚ ବିଦ୍ୟାଳୟ, ଶୈଳେନ୍ଦ୍ରନାରାୟଣ ସଂସ୍କୃତ ମହାବିଦ୍ୟାଳୟ, ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ରାଜନଗର, ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜରିମୂଳ, ସପନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍‌ହାପୁର, ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ କେରଡାଗଡ, କଣସରା ବିଦ୍ୟାଶ୍ରମ ଫିରିକିଦାଣ୍ଡି, ବନବିହାରୀଜୀୟୁ ହାଇସ୍କୁଲ ଗୋପାଳପୁର, ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟ ଓ ବିଦ୍ୟାପୀଠ, ପଞ୍ଚୁବରାହୀ ନୋଡାଲ ଉଚ୍ଚ ବିଦ୍ୟାଳୟ ମାଣପଡା, ନୀଳକଣ୍ଠେଶ୍ୱର ହାଇସ୍କୁଲ ଭାଟପଡା ଓ ରାଜଗଡ-ବାଘଡୈଳା, ସରସ୍ୱତୀ ଶିଶୁ ମନ୍ଦିର ରାଜନଗର, ଶିବାନନ୍ଦ ବିଦ୍ୟାମନ୍ଦିର ଓ ତୁଳସୀ ଆଇଡିଆଲ ପବ୍ଲିକ ସ୍କୁଲ ସାନବଡଗୋପାଳପୁର, ବିବେକାନନ୍ଦ ପାଠାଗାର ମଙ୍ଗରାଜପୁର, କଣ୍ଡିରା ପଞ୍ଚାୟତ ନୂଆଗାଁରେ ଉଦ୍ୟୋଗୀ ଯୁବକମାନଙ୍କ ଦ୍ୱାରା ବାଗଦେବୀଙ୍କ ପୂଜା ସହ ବିଭିନ୍ନ ସ୍ଥାନରେ ମା'ବାଗଦେବୀଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଥିଲା।

## ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ

**ରାଜନଗର,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ପିଏମଶ୍ରୀ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ମାନସରଂଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟା ଖୁକୁମିନା କୁଅଁର, ମୁଖ୍ୟବକ୍ତାଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତରଂଜନ ଜେନା, ବିଶିଷ୍ଟ ଅତିଥିଭାବେ ଡିଆଇଇଟି ବାଲିଆର ଅଧ୍ୟାପକ ଚିନ୍ମୟସୁନ୍ଦର ଦାସ, ସମ୍ମାନୀତ ଅତିଥିଭାବେ ଖମାରସାହି ସରପଞ୍ଚ ଅନୁସୂୟା ବିଶ୍ୱାଳ, ସମିତିସଭ୍ୟା ଶ୍ୟାମଳୀ ମାଇତି, ଡାଙ୍ଗମାଳ ସରପଞ୍ଚ ଦ୍ରୌପଦୀ ସେଠୀ, ସମିତିସଭ୍ୟ ଶ୍ରୀଚରଣ ଦାସ, ସିଆରସିସି ମୁକୁଳେନ୍ଦୁ ଘଡାଇ, ନିରାଞ୍ଜନ ନାୟକ, କାର୍ତ୍ତିକଚନ୍ଦ୍ର ବେହେରା ଯୋଗଦେଇ ପିଏମଶ୍ରୀ ଯୋଜନା ସଂପର୍କରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀମାନଙ୍କର ପୂର୍ଣ୍ଣାଙ୍ଗ ବିକାଶରେ ଏହା ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ନବମ ଶ୍ରେଣୀ ଶଙ୍କର ସେଠୀ ପୁସ୍ତକ ସମୀକ୍ଷା କରିଥିବା ବେଳେ ଛାତ୍ରୀ ତୃପ୍ତିପ୍ରିୟଦର୍ଶନୀ ବାରିକ, ପବିତ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ଆରପି ସୂର୍ଯ୍ୟପ୍ରକାଶ ବେହେରା, ସାଇ ସୂର୍ଯ୍ୟାଂଶୁ ମଲ୍ଲିକ ପ୍ରମୁଖ କ୍ରୀଡାଙ୍ଗନ, କୌଶଳ, ଜିଜ୍ଞାଶା ପ୍ରଭୃତି ସବୁଜ ଓଡିଶା ପ୍ରକଳ୍ପ ପ୍ରସ୍ତିତି କରିବାରେ ଅନୁଭୂତି ବର୍ଣ୍ଣନା କରିଥିଲେ। ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଚୁଲି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରତାପଚନ୍ଦ୍ର ଧଳ ଅତିଥି ପରିଚୟ ଓ ଶିକ୍ଷକ ଓମପ୍ରକାଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କ୍ଷୁଦ୍ର ନାଟକ ବିକ୍ରମ ବେତାଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ବୃଦ୍ଧାଙ୍କୁ ଜାଳିଦେଲେ ଦୁର୍ବୃତ୍ତ

**ସୁନ୍ଦରଗଡ଼,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଏକା ଶୋଇଥିବା ବେଳେ ବୃଦ୍ଧାଙ୍କୁ ଜାଳିଦେଲେ ଦୁର୍ବୃତ୍ତ। ଅଭାବନୀୟ ଘଟଣାଟି ଘଟିଛି ହେମଗିର ଥାନା ରଙ୍ଗିଆଢିପାରେ। ମୃତା ବୃଦ୍ଧା ଜଣକ ହେଲେ ସୁମିତ୍ରା ବାଗ (୮୦)। ନିଆଁରେ ବୃଦ୍ଧାଙ୍କ କେବଳ ଗୋଡ଼କୁ ଛାଡ଼ିଦେଲେ ଶରୀରର ଅନ୍ୟ ଅଂଶ ପୋଡ଼ି ପାଉଁଶ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଘଟଣାଟି ଘଟିଥିବାବେଳେ ହେମଗିର ପୋଲିସ ସୂଚନା ପାଇ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ରଙ୍ଗିଆଢିପାରେ ଏକ କୁଡ଼ିଆରେ ଏକା ରହୁଥିବା ବୃଦ୍ଧା ଜଣଙ୍କ ବୁଧବାର ସରକାରଙ୍କ ଦ୍ୱାରା ଦିଆଯାଉଥିବା ବାର୍ଦ୍ଧକ୍ୟ ଭତ୍ତା ୩୫ ଶହ ଟଙ୍କା ପାଇଥିଲେ। ଟଙ୍କା ଘରେ ରଖିଥିଲେ। କୌଣସି ସମୟରେ ଦୁର୍ବୃତ୍ତ ଘରେ ପଶି ଖଟରେ ଶୋଇଥିବା ବୃଦ୍ଧାଙ୍କ ଦେହରେ ନିଆଁ ଲଗାଇ ପୋଡ଼ି ଦେଇଥିବା କୁହାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ କେତେଜଣ ଲୋକଙ୍କ ନଜରକୁ ଏହି ଘଟଣା ଆସିଥିଲା। ସେମାନେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ତଦନ୍ତ ବେଳେ ପୁରୁଷଙ୍କ ଚପଲ ଓ ଗୋଟିଏ ଟର୍ଚ୍ଚ ପଡ଼ିଥିବାରୁ ଏହା ଚୋରି ପାଇଁ ହତ୍ୟା ହୋଇଥିବ ବୋଲି ପୋଲିସ ସନ୍ଦେହ କରୁଛି। ତଦନ୍ତ ପରେ ସତ ସାମ୍ନାକୁ ଆସିବ ବୋଲି ପୋଲିସ କହିଛି।

## ବଡ଼ବିଲ ବ୍ୟାଙ୍କ ଡକାୟତି ଘଟଣା: ୨ ଗିରଫ




**ବଡ଼ବିଲ,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବଡ଼ବିଲ ସହରରେ ଥିବା ବ୍ୟାଙ୍କ ଅଫ ମହାରାଷ୍ଟ୍ର, ବଡ଼ବିଲ ଶାଖାରୁ ଗତ ୧୯ ତାରିଖ ଅପରାହ୍ନ ୨ ଘଟିକା ସମୟରେ ୬ ଜଣ ସଶସ୍ତ୍ର ଡକାୟତ ବନ୍ଧୁକ ମୁନରେ ଲୁଟି ନେଇଥିଲେ ୪ ଲକ୍ଷ ୩୪ ହଜାର ଟଙ୍କା ଓ ଆନୁମାନିକ ୬ କେଜି ସୁନା ଅଳଙ୍କାର ସହିତ ସିସି ଟିଭି ଡିଭିଆର। ଘଟଣାର ୬ ଦିନ ପରେ ବଡ଼ବିଲ ପୋଲିସ, ପଡୋଶୀ ଝାଡଖଣ୍ଡ ରାଜ୍ୟ, ଧାନବାଦ ପୋଲିସ ସହାୟତାରେ ଶନିବାର ଦୁଇଜଣଙ୍କୁ ଗିରଫ କରିଥିବା ବେଳେ, ସେମାନଙ୍କ ନିକଟରୁ ୨୮୮ ଗ୍ରାମ ସୁନା ଅଳଙ୍କାର ସହିତ ୨ଟି ସ୍କର୍ପିଓ ଗାଡ଼ିକୁ ଜବତ କରିଥିବା ଜଣାଯାଇଛି। ଗିରଫ ଦୁଇଜଣ ହେଲେ ରାଜା କୁମାର ସିଂ ଓ କୁନାଲ ରାଜ୍ ଶର୍ମା। ଖବର ଲେଖାହେବା ଯାଏ ଏତିକି ତଥ୍ୟ ମିଳିଥିବା ବେଳେ, ଗିରଫ ଅଭିଯୁକ୍ତ ବଡ଼ବିଲ ପହଞ୍ଚିବାପରେ ଅଧିକ ତଥ୍ୟ ମିଳିବ ବୋଲି ପୋଲିସ ସୂଚନା ଦେଇଛି।

କେନ୍ଦୁଝର ଜିଲ୍ଲାର ବଡବିଲ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ସଶସ୍ତ୍ର ଡକାୟତି ହୋଇଥିଲା। ଡକାୟତମାନେ ବନ୍ଧୁକ ମୁନରେ ୪ ଲକ୍ଷ ୩୪ ହଜାର ଟଙ୍କା ଓ ୫ କୋଟିରୁ ଅଧିକ ସୁନା ଲୁଟ୍ କରି ଫେରାର ହୋଇଯାଇଥିଲେ। ୫ରୁ ୬ ଜଣ ଅଜଣା ଡକାୟତ ଗ୍ରାହକ ସେବା ନେବା ନାଟକରେ ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। ହଠାତ୍ ସେମାନେ ବନ୍ଧୁକ ବାହାର କରି ବ୍ୟାଙ୍କ କର୍ମଚାରୀ ଓ ଉପସ୍ଥିତ ଗ୍ରାହକମାନଙ୍କୁ ଭୟଭୀତ କରିଥିଲେ। ବନ୍ଧୁକ ମୁନରେ ପ୍ରାୟ ୪ ଲକ୍ଷ ୩୪ ହଜାର ଟଙ୍କା ନଗଦ ସହ ବ୍ୟାଙ୍କରେ ରଖାଯାଇଥିବା ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର ସୁନା ଗହଣା ଲୁଟ୍ କରି ଡକାୟତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

ଘଟଣାର ସୂଚନା ପାଇବା ସହିତ ବଡବିଲ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ପକ୍ଷରୁ ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରାଯାଇଥିଲା ଏବଂ ଡକାୟତମାନେ କେଉଁ ଦିଗକୁ ଫେରାର ହୋଇଥିଲେ, ସେନେଇ ତଦନ୍ତ ଜୋରଦାର କରାଯାଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରାଯାଇ ଡକାୟତମାନଙ୍କୁ ଧରିବା ପାଇଁ ପୋଲିସ ଚେଷ୍ଟା ଜାରି ରଖିଥିଲା।

## ବସ୍-ହାଇୱା ଧକ୍କା, ୪ ଆହତ

**ଖୋର୍ଦ୍ଧା,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଘନ କୁହୁଡି ସାଜିଲା କାଳ। ଟୁରିଷ୍ଟ ବସ ସହ ହାଇୱା ଧକ୍କା। ଡ୍ରାଇଭର ସମେତ ୪ ଜଣ ଆହତ ହୋଇଛନ୍ତି। ବାଘମାରି କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥରେ ସକାଳୁ ଘନ କୁହୁଡି ପାଇଁ ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ବ୍ରହ୍ମଗିରି ଅଞ୍ଚଳରୁ ଏକ ଟୁରିଷ୍ଟ ବସ ଭାପୁରସ୍ଥିତ ରାମ ମନ୍ଦିର ଦର୍ଶନ ପାଇଁ ଯାତ୍ରୀ ନେଇ ଯାଉଥିବା ବେଳେ ଗେଡିଆପଲ୍ଲୀ ଛକ ନିକଟରେ ସାମ୍ନା ପଟୁ ଆସୁଥିବା ଏକ ବାଲି ବୋଝେଇ ହାଇୱା ବସକୁ ଧକ୍କା ଦେଇଥିଲା। ଫଳରେ ବସର ଡ୍ରାଇଭର ଓ ୩ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବାଇକ୍‌ରୁ ପଡି ପୋଲିସ ଅଧିକାରୀ ଗୁରୁତର

**କାଳିଆପାଣି,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସୁକିନ୍ଦା ଥାନା ଜାତୀୟ ରାଜପଥ-୫୩ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱସ୍ଥ ବ୍ଲାକସ୍ପଟ୍‌ରେ ପଡି ଗୁରୁତର ଆହତ ହୋଇଛନ୍ତି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନାର ଏଏସ୍‌ଆଇ ରମେଶ ବାଲମୁଚୁ(୪୫)। ଶୁକ୍ରବାର ଢେଙ୍କାନାଳ ମହୋତ୍ସବ ଡ୍ୟୁଟି ସାରି ରାତିରେ ପାଖାପାଖି ୬୦ କିଲୋମିଟର ଦୂର ନିଜ ପୈତୃକ ଘର ଓଳିଆ ପଞ୍ଚାୟତ ନୂଆଗାଁ ଆସୁଥିଲେ। ଘର ଠାରୁ ୨ କିଲୋମିଟର ଦୂର ନିର୍ମାଣାଧୀନ ରାଜପଥର ଗାଡରେ ପଡି ଯାଇଥିଲେ। ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାରକରି ମେଡିକାଲ୍ ନେଇଥିଲେ। ସେ ଏବେ ଚିକିତ୍ସାଧୀନ ଅଛନ୍ତି। ହେଲମେଟ୍ ପିନ୍ଧିଥିବାରୁ ନିଶ୍ଚିତ ବଡ ଅଘଟଣରୁ ସେ ବର୍ତ୍ତି ଯାଇଥିବା କୁହାଯାଉଛି।

## ସହାୟତାର ହାତ ବଢାଇଲା ବିପଦର ବନ୍ଧୁ

**ହିଞ୍ଜିଳିକାଟୁ,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ଆଙ୍କେରଡ଼ାର ଶିବ ବାଡତ୍ୟାଙ୍କ ୮ବର୍ଷର ସାନ ପୁଅ ଭେଙ୍କେଟେଶ୍ୱର ବାଡତ୍ୟା ଥାଲାସେମିଆ ରୋଗରେ ଆକ୍ରାନ୍ତ। ପ୍ରତି ମାସରେ ବ୍ଲଡ ଚଢ଼ାଉ ଥିଲେ ଏବେ ଅଧିକ ଅସୁସ୍ଥ ହେବାରୁ ତାଙ୍କର ଅସ୍ତ୍ରୋପଚାର ହେବ ତେଣୁ ୪୫ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ଅନେକ ଜାଗାରୁ ଆର୍ଥିକ ସାହାଯ୍ୟ ପାଇଛନ୍ତି ଆଉରି ୧୫ଲକ୍ଷ ଟଙ୍କା ଆବଶ୍ୟକ ଥିବାବେଳେ ବିପଦର ବନ୍ଧୁ ଓଡ଼ିଶା ସଙ୍ଗଠନ ତରଫରୁ ୨୦୦୦୦ ଟଙ୍କା ଆର୍ଥିକ ସାହାଯ୍ୟ କରିବା ସହିତ ପିଲାଟିର ଆସୁ ଆରୋଗ୍ୟ କାମନା କରିଛନ୍ତି। ସେମାନେ ବେଙ୍ଗାଲୁରୁ ଚିକିତ୍ସା ପାଇଁ ଯାଇଛନ୍ତି। ସରକାରୀ ସହାୟତା ପାଇଁ ପରିବାର ଲୋକେ ଆଶା କରିଥିବା ବେଳେ ସାଧାରଣ ଲୋକଙ୍କ ଠାରୁ ସହାୟତାର ହାତ ବଢାଇଛନ୍ତି। ବିପଦରବନ୍ଧୁର ଏହି ସହାୟତା କାର୍ଯ୍ୟକ୍ରମରେ ରଞ୍ଜନ ସାହୁ, ଆଲୋକ ଓ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଗୋଇମୁଣ୍ଡ ମା' ବସ୍ତେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ମୁରିବାହାଲ,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଗ୍ରାମର ଖେଳପଡ଼ିଆ ଠାରେ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ମାଁ ବସ୍ତେନ କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଯାଇଛି। ଝରିଆଲ ଏବଂ କୁମୁଡା ଦଳ ମଧ୍ୟରେ ପ୍ରତିଯୋଗିତାର ଅନ୍ତିମ ମ୍ୟାଚ ଖେଳାଯାଇଥିଲା। ନିର୍ଦ୍ଧାରିତ ଓଭରରେ କୁମୁଡ଼ା ଦଳ ୧୦୪ ରନ ସଂଗ୍ରହ କରିଥିବା ବେଳେ ଝରିଆଲ ଦଳ ୪ ୱିକେଟରେ ବିଜୟୀ ହୋଇ ପ୍ରତିଯୋଗିତାର ଋମ୍ପିୟାନ ହୋଇଥିଲା। ତେଜରାଜ ସରାଫ ଏବଂ ସମୀର ସାହୁ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବଲାଙ୍ଗିର ଜିଲ୍ଲା ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ନିରୁପମା ମାଝୀ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପୋଲିସ ଅଧିକାରୀ ମହିଧର ଭୋଇ, ଦିଗାମ୍ବର ସାହୁ, ସାମ୍ବାଦିକ ଅଶୋକ ନାରାୟଣ ଭୋଇ, ପିଙ୍କି ଖର୍ସେଲ,ବିଷ୍ଣୁ ଜୁଏଡ଼, ମିନିକେତନ ସାହୁ, ବିନୋଦ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପ୍ରତିଯୋଗିତାର ଚମ୍ପିୟାନ ଏବଂ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅକ୍ଷୟ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦିଲିପ ସାହୁ, ଆଶିଷ ଭୋଇ, ରିବୁଲ ସାହୁ, ଫକୀର ସାହୁ, ସମୀର ସାହୁ, ବସନ୍ତ ସାହୁ, ଅମର ଭୋଇ ପ୍ରମୁଖଙ୍କ ଆୟୋଜନ କମିଟିର ସମସ୍ତ ସଦସ୍ୟ ପ୍ରତିଯୋଗିତା ପରିଋଳନାରେ ସହଯୋଗ କରିଥିଲେ। ଏଥିରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ

**ମାହାଙ୍ଗା,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାଜପୁରା ପଞ୍ଚାୟତସ୍ଥିତ ବାଜପୁରା ଠାରେ ମା'ନାଆକାଣୀ ଠାକୁରାଣୀଙ୍କ ପୀଠରେ ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, କଳସଯାତ୍ରା, ଘଟ ସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଯଥାରିତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ଅମୀୟ କୁମାର ରାଉତ, କର୍ତ୍ତୀ ଭାବେ ଲକ୍ଷ୍ମୀପ୍ରିୟା ରାଉତ ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକ ଭାବେ ପ୍ରକାଶ କୁମାର କର ଏବଂ ସାଥିଙ୍କ ଦ୍ୱାରା ପୂଜା କାର୍ଯ୍ୟ ସଂପାଦନ କରିଥିଲେ। ଏହି ଅବସରରେ ଭଜନ ସନ୍ଧ୍ୟା, ପାଲା ଏବଂ ସ୍ଥାନୀୟ ଆଞ୍ଚଳିକ ଉଚ୍ଚ ଓ ଉପ୍ରାମାଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ସମାଜସେବୀ ପ୍ରଶାନ୍ତ ପଟ୍ଟନାୟକ, ଦୀନବନ୍ଧୁ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମା'ଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଭାତ ରାଉତ, ରମାକାନ୍ତ ରାଉତ, ମନୋଜ ପ୍ରଧାନ, ଚିତ୍ତରଞ୍ଜନ ରାଉତ, ଅଭିମନ୍ୟୁ ନାୟକ, କୁଳମଣି ସାହୁ, ସୁଦର୍ଶନ ରାଉତ, ଅର୍ନ୍ତଯ୍ୟାମୀ ବାରିକ, ଅନନ୍ତ ଗୋପାଳ ବାରିକ, ଅଜୟ ରାଉତ, ନିରଞ୍ଜନ ରାଉତ, ବୈରାଗୀ ତରାଇ, ସଞ୍ଜୟ ରାଉତ, ପ୍ରଫୁଲ୍ଲ ରାଉତଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

## ୧ରୁ ଖାନପୁର ଟି-୧୦ ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟ




**ଅସ୍ତରଙ୍ଗ,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

କାକଟପୁର ବ୍ଲକ ଅଧିନସ୍ଥ ଖାନପୁର କ୍ରିକେଟ ପଡିଆ ଠାରେ ଆସନ୍ତା ଫେବୃଆରୀ ୧ ତାରିଖ ଠାରୁ ଖାନପୁର ଟି -୧୦ ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ଆୟୋଜକ ଖାନପୁର କ୍ଲବ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ଖାନପୁର ଗ୍ରାମ ମୁଖିଆ ଅବଦୁଲ ହମିଦ, ସବୀର ଖାନ, କ୍ଲବ ସଭାପତି ତନୱୀର ଅଲ୍ଲୀ ଖାନ, ଉପସଭାପତି ତବରେଜ ଅହମଦ, ଆଦିଲ ରାଜା ଓ ମିନହାଜ ଖାନ ପ୍ରମୁଖ ଫେବୃଆରୀ ୧ରେ ହେବାକୁଥିବା ପ୍ରିମିୟର ଲିଗ ରାତି ପରିବର୍ତ୍ତେ ଦିବାଲୋକରେ ଅନୁଷ୍ଠିତ ହେବା ସହିତ ୧୦ ଓଭର ବିଶିଷ୍ଟ ମ୍ୟାଚ ଖେଳାଯିବା ସହିତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମୋଟ ୧୬ଟି ଦଳ ଯୋଗଦେବେ ବୋଲି ପ୍ରକାଶ କରିଥିଲେ। ଚମ୍ପିୟାନ ଦଳକୁ ଟ୍ରଫି ସହ ୭୦ ହଜାର ଟଙ୍କା ଏବଂ ରନର୍ସ ଦଳକୁ ୪୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ମିଳିଛି। ଏଥିସହିତ ମ୍ୟାଚ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଖେଳରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ଉଦଯାପନୀ ମ୍ୟାଚ୍‌ରେ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ କରାଯିବ ବୋଲି ମ୍ୟାନେଜର ଅତଉର ମିର୍ଜା ପ୍ରକାଶ କରିଛନ୍ତି।

## ସାମନ୍ତ ମହୋତ୍ସବ



**ଖଣ୍ଡପଡା,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବାଇପାସ ରାସ୍ତା ପାର୍ଶ୍ୱସ୍ଥିତ ମହୋତ୍ସବ ପଡିଆରେ ପ୍ରଥମ ସାମନ୍ତ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ପୂର୍ବାହ୍ନରେ ଏ ପରିପ୍ରେକ୍ଷୀରେ ଏକ ମଶାଲ ଶୋଭାଯାତ୍ରା ଖଣ୍ଡପଡ଼ା ସହର ପରିକ୍ରମା କରିବା ସହ ମହୋତ୍ସବ ସ୍ଥଳରେ ସମସ୍ତଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କାର୍ଯ୍ୟ କରାଯାଇଥିଲା। କର୍ତ୍ତା ଭାବେ ମହୋତ୍ସବ କମିଟିର ସଭାପତି ଗିରିଜା ପ୍ରସାଦ ମିଶ୍ର ଦାୟିତ୍ୱ ତୁଲାଇ ଥିଲେ। ଅପରାହ୍ନରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉଦଘାଟନୀ ସନ୍ଧ୍ୟାରେ ସାମନ୍ତ ମହୋତ୍ସବ କମିଟିର ମୁଖ୍ୟ ପୁରୋଧା ତଥା ଯୁବ ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଖଣ୍ଡପଡା ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ବରିଷ୍ଠ କାଉନସିଲର ଦିଗାମ୍ବର ମିଶ୍ର, ଯୁବ ସମାଜସେବୀ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟିର ସମ୍ପାଦକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବ ସଂଗଠକ ମହେନ୍ଦ୍ର କୁମାର ବାରିକ ଓ ଉପସ୍ଥାପିକା ଦ୍ୱୟ ମଞ୍ଚରେ ସଂଯୋଜନା କରିଥିଲେ। ସିନେ କଳାକାର ଓ ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଦର୍ଶକମାନଙ୍କ ଭରପୁର ମନରଞ୍ଜନ କରିଥିଲେ।

## ନିଆଳି ଥାନାରେ ନୂଆ ଆଇଆଇସି

**ନିଆଳି,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ନିଆଳି ଥାନାକୁ ନୂତନ ଆଇଆଇସି ଭାବେ ରାଜେନ୍ଦ୍ର ମହାପାତ୍ର ଯୋଗ ଦେଇଛନ୍ତି। ପୂର୍ବରୁ ସେ କଟକ ଜିଲ୍ଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ନିଆଳିରେ ପୂର୍ବରୁ ଥିବା ଥାନା ଆଇଆଇସି ଦିଲ୍ଲୀପ କୁମାର କାଣ୍ଡି ଜୁଡୁମ ଥାନା କୁ ବଦଳି କରାଯାଇଛି। ନିଆଳି ଥାନାରେ ବିଭିନ୍ନ ସଂଗଠନ ଓ ଥାନାର ଅନ୍ୟ ଅଧିକାରୀମାନେ ଶ୍ରୀ ମହାପାତ୍ରଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ। ଶ୍ରୀ ମହାପାତ୍ର ମଧ କହିଛନ୍ତି ନିଆଳିରେ ଆଇନ ଶୃଙ୍ଖଳା କେମିତି ଆହୁରି ଭଲ ରହିବ ଓ ଟ୍ରାଫିକ ସମସ୍ୟା ଭଲ ହେଇ ପାରିବ ସେ ଦିଗରେ ପଦକ୍ଷେପ ନିଆଯିବ। ଥାନାକୁ ଆସୁଥିବା ଲୋକମାନଙ୍କ ସମସ୍ୟା ଶୀଘ୍ର ସମାଧାନ ହେଇପାରିବ ସେ ଦିଗରେ ଦୃଷ୍ଟି ଦିଆଯିବ। ଶ୍ରୀ ମହାପାତ୍ର ଜଣେ ଦକ୍ଷ ଅଫିସର ବୋଲି ଆଗରୁ ପରିଚିତ। ନିଆଳି ଥାନାକୁ ଶ୍ରୀ ମହାପାତ୍ର କେତେଦୂରର ଆଇନ ଶୃଙ୍ଖଳା ଓ ଟ୍ରାଫିକ ସମସ୍ୟା ରକ୍ଷା କରିବାରେ ସକ୍ଷମ ହେଉଛନ୍ତି ତାହା ଆଗାମୀ ଦିନରେ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


## ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ

**Odisha Forest Development Corporation Limited**
(Formerly Orissa Forest Development Corporation Limited)
(A Government of Odisha Undertaking)
CIN-U02005OR1962SGC000446
OFFICE OF THE DIVISIONAL MANAGER, ROURKELA (C-KL) DIVISION.
Rourkela, Odisha, PIN-760091, Tele/Fax-0661-2600694
[ Website: www.odishafdc.com E-mail ID: dmrourkelac@gmail.com]

### TENDER CALL NOTICE

| Sl No. | Name of work | Approx Value of work (Rs.in Crore) | Concerned Tender Inviting Authority | Cost of Bid Documents including GST (To be remitted Offline) | Class of Bidder | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01. | Rejuvenation and Beautification of Bijuli Bandha, Sundergarh | 37.14 | Divisional Manager Odisha Forest Development Corporation Limited Rourkela (C-KL) Division, Rourkela | Rs.11,800/- (Non-refundable) In the Shape of Demand Draft (DD) to the Favour of Divisional Manager OFDC Limited payable at Rourkela | Authorized service provider for plantation maintenance and 'A' or 'Super' Class Civil Contractor Registered with State Govt./Central Govt./PSU. | 12 (Twelve) calendar months |

Sealed tenders are invited from **Eligible and Registered contractors** for execution of the following work:

**Availability of Tender Documents (Offline): From 27.01.2026 (10:00 AM)**
**Last Date for Submission of Tender: 11.02.2026 (12:00 PM)**

The tender shall be invited and processed as per prevailing Government of Odisha / OFDC Ltd. guidelines. Interested bidders are required to submit their bids within the stipulated time as per terms and conditions mentioned in the tender document.

The authority reserves the right to accept or reject any or all tenders without assigning any reason thereof.

For further details, please visit the official contact the undersigned during office hours.

**Divisional Manager**
**Odisha Forest Development Corporation Limited**
**Rourkela (C-KL) Division, Rourkela**

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର 25th January, 2026 Sunday RNI Regd. No. ODIODI/2006/23033 Postal Regd. No. : BN/169/13-15

## ଶାଳୀ ସହିତ....




ସ୍ୱାମୀଙ୍କୁ ଦୀର୍ଘ ସମୟ ଧରି ଫୋନ୍‌ରେ କଥା ହେଉଥିବାର ଦେଖି ସ୍ତ୍ରୀ ପଚାରିଲେ- କାହା ସଂଗେ ଏତେ ସମୟ ଧରି ଧୀର ସ୍ୱରରେ କଥା ହେଉଥିଲ ?

ସ୍ୱାମୀ କହିଲେ- ଭଉଣୀ ସହିତ କଥା ହେଉଥିଲି।

ସ୍ତ୍ରୀ ଉତ୍‌କ୍ଷିପ୍ତ ହୋଇ କହିଲେ- ନିଜ ଭଉଣୀ ସହିତ ଜଣେ କ'ଣ ଚୁପ୍‌ଚୁପ୍ ହୋଇ କଥା ହୁଏ !

ସ୍ୱାମୀ କହିଲେ- କିଏ କହିଲା ସେ ମୋ ଭଉଣୀ ବୋଲି ?

ସ୍ତ୍ରୀ ଆହୁରି ରାଗିଯାଇ ପଚାରିଲେ- ଆଉ ତା'ହେଲେ ସେ କାହା ଭଉଣୀ ?

ସ୍ୱାମୀ କହିଲେ- ତୁମ ଭଉଣୀ।

### ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବାରେ ସରକାର ଉଦାସୀନ

# କଂଗ୍ରେସର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

**ଭୁବନେଶ୍ୱର,୨୪।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟରେ ସଂଖ୍ୟାଲଘୁ ସଂପ୍ରଦାୟକଙ୍କ ଉପରେ ଅଣାୟତ ଅତ୍ୟାଚାର ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଘେରାଉ କରାଯାଇଥିଲା। ପ୍ରଦେଶ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡେ ଅଗ୍ରସର ହେଉଥିବାବେଳେ ବାରିକେଡ୍‌ଠାରେ ପୁଲିସ ସେମାନଙ୍କୁ ଅଟକାଇଥିଲା। ପୁଲିସ୍ ଓ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ପରେ ଘଟଣାସ୍ଥଳରୁ ସେମାନଙ୍କୁ ପୁଲିସ ଭ୍ୟାନ ଯୋଗେ ଉଠାଇ ନେଇଥିଲା। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି ଯେ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବଢୁଥିବାବେଳେ ରାଜ୍ୟ ମୁଖ୍ୟମନ୍ତ୍ରୀ ନିଦକ ବସିଛନ୍ତି। ନିକଟରେ ପରଜଙ୍ଗଠାରେ ପାଦ୍ରୀ ବିପିନ ନାୟକଙ୍କୁ ବଜରଙ୍ଗ ଦଳ ଓ ଆରଏସ୍‌ଏସ୍‌ର ସଭ୍ୟମାନେ ଯେଭଳି ଅମାନୁଷିକ ଅତ୍ୟାଚାର କଲେ ଏହା ଅକ୍ଷମଣୀୟ। ସେମାନେ ପାଦ୍ରୀଙ୍କୁ ନିର୍ମମ ଭାବେ ମାଡ ମାରିବ ସହ ତାଙ୍କ ବେକରେ ଏକ ଜୋତାମାଳ ପିନ୍ଧାଇଥିଲେ। ତାଙ୍କୁ ଜବରଦସ୍ତ ଗୋବର ଓ ମଇଳା ପାଣି ପିଆଯିବା ସହ ବାଡେଇ ବାଡେଇ ଗାଁ ରାସ୍ତାରେ ବୁଲାଯାଇଥିଲା। ସେହିଭଳି ବାଲେଶ୍ୱରରେ ମହମ୍ମଦ ମକନ୍ଦର ନାମକ ଜଣେ ଗରୀବ ମୁସଲିମ୍ ଯୁବକଙ୍କୁ ଜୟଶ୍ରୀରାମ କହିବାକୁ ବାଧ କରାଗଲା। ସେ ମଧ ଜୟ ଶ୍ରୀରାମ କହିଲା। ମାତ୍ର ଏହି ନିଷ୍ଠୁର କଥାକଥିତ ନକଲି ହିନ୍ଦୁମାନେ ମକନ୍ଦରଙ୍କୁ ବାଡେଇ ବାଡେଇ ହତ୍ୟା କରିଦେଇଥିଲେ। ସେହିଭଳି ପଶ୍ଚିମବଙ୍ଗରୁ ଆସି ଗାଁ ଗାଁରେ ସାଇକେଲ ଧରି ଫେରି ବେପାର କରୁଥିବା ଗରୀବ ଲୋକଙ୍କୁ ବାଙ୍ଗଲାଦେଶ କହି ନିର୍ମମ ଅତ୍ୟାଚାର କରାଯାଉଛି।

ଏହାକୁ ନିୟନ୍ତ୍ରଣ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଅସମର୍ଥ ନା ବିଜେପି ପକ୍ଷରୁ ଏପରି କରାଯିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ? ଯଦି ମୁଖ୍ୟମନ୍ତ୍ରୀ ସଂଖ୍ୟାଲଘୁ ସଂପ୍ରଦାୟଙ୍କୁ ସୁରକ୍ଷା ଦେଇପାରୁନାହାନ୍ତି ତେବେ ଇସ୍ତଫା ଦିଅନ୍ତୁ। ନକଲି ହିନ୍ଦୁମାନେ ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଂପୂର୍ଣ୍ଣ ବିଗାଡିବାକୁ ବସିଲେଣି। ମାତ୍ର ପ୍ରଶାସନ କଣ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଯୁବ କଂଗ୍ରେସ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ସୁରକ୍ଷା ଦାବି କରୁଛି। ଯଦି ସରକାର ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଶ୍ରୀ ପାତ୍ର କହିଛନ୍ତି।

ଆଜିର ଏହି କାର୍ଯ୍ୟକ୍ରମରେ ଯାସିର ନଓ୍ୱାଜ, ମହମ୍ମଦ ଇମ୍‌ଦାଦ୍, ମନୋଜ ବିଶ୍ୱାଳ, ସୁଦୀପ ସାମଲ, ମହମ୍ମଦ ଗୁଲଫାମ୍, କିରଣ ସାହୁ, ଅଜୟ ସାହୁ, ଜାଭେଦ ଅକ୍‌ତାର, ଅମ୍ରେଶ ପରିଡା, ବଟକୃଷ୍ଣ ରାଉତରାୟ, କେଦାର ଦଳେଇ, ଆଲୋକ ଦାସ, ବଳରାମ ନନ୍ଦ, ବିରଞ୍ଚି ବାରିକ, ସାଇରଞ୍ଜନ ପଟ୍ଟନାୟକ ପ୍ରମୁଖ ବହୁ ଯୁବ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଅଂଶ ଗ୍ରହଣ କରିଥିଲେ।

# ଟି-୨୦ ବିଶ୍ୱକପ୍‌ରୁ ବାଂଲାଦେଶ ଆଉଟ୍: ସ୍କଟ୍‌ଲ୍ୟାଣ୍ଡ ଇନ୍

**ଦୁବାଇ,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପାକିସ୍ତାନ କଥାରେ ଗଛରେ ଚଢ଼ି ନାମ ନେଇଥିବା ବାଂଲାଦେଶ କ୍ରିକେଟ ଟିମକୁ ଆଗାମୀ ଟି-୨୦ ବିଶ୍ୱକପରୁ ବିଧିବଦ୍ଧ ଭାବେ ବାଦ ଦେଇଛି ଆଇସିସି। ବାଂଲାଦେଶ ବଦଳରେ ସ୍କଟଲ୍ୟାଣ୍ଡକୁ ନୂଆ ଦେଶ ଭାବେ ଆସନ୍ତା ଫେବୃଆରୀ ୭ରୁ ଆରମ୍ଭ ହେଉଥିବା ଟି-୨୦ ବିଶ୍ୱକପରେ ସାମିଲ କରାଯାଇଛି।

ଏ ସମ୍ପର୍କରେ ବାଂଲାଦେଶ କ୍ରିକେଟ ବୋର୍ଡକୁ ମଧ୍ୟ ଆଜି ଆଇସିସି ଅବଗତ କରାଇ ଦେଇଛି। ୨୦୨୬ ବିଶ୍ୱକପର ଆୟୋଜନ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ କରୁଛନ୍ତି। କିନ୍ତୁ ସୁରକ୍ଷାର ଆଳ ଦେଖାଇ ବିସିବି ନିଜ ଟିମକୁ ଭାରତ ପଠାଇବ ନାହିଁ ଓ ଭାରତ ବଦଳରେ ଶ୍ରୀଲଙ୍କାରେ ମ୍ୟାଚ ଖେଳିବାକୁ ଆଇସିସିକୁ କହିଥିଲା।

ଆଇସିସି ବାରମ୍ବାର ବାଂଲାଦେଶକୁ ଏ ସପ୍ରସଙ୍ଗରେ ବୁଝାଇବା ସହ ଭାରତରେ ସୁରକ୍ଷା ଗ୍ୟାରେଣ୍ଟିକୁ ନିଶ୍ଚିତ କରିଥିଲା। ତଥାପି ବାଂଲାଦେଶ କ୍ରିକେଟ ବୋର୍ଡ ନିଜ ସରକାର ଓ ପାକିସ୍ତାନ କଥାରେ ପଡି ଭାରତରେ ମ୍ୟାଚ୍ ଖେଳିବାକୁ ରାଜି ହୋଇ ନଥିଲା। ଶେଷରେ ଆଇସିସି ଆଜି ବିଧିବଦ୍ଧ ଭାବେ ବାଂଲାଦେଶକୁ ଟି-୨୦ ବିଶ୍ୱକପରୁ ବାଦ ଦେଇଛି।

ଆଇସିସି ପକ୍ଷରୁ ବାଂଲାଦେଶ କ୍ରିକେଟ ବୋର୍ଡକୁ ଏନେଇ ଗୋଟିଏ ଚିଠି କରାଯାଇଛି। ଏଥିରେ ବାଂଲାଦେଶର ସ୍ଥାନ ସ୍କଟଲ୍ୟାଣ୍ଡ ନେଉଥିବା ଉଲ୍ଲେଖ କରାଯାଇଛି। ଶୁକ୍ରବାର ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କ ଅଧ୍ୟକ୍ଷତାରେ ଗୋଟିଏ ବୈଠକ ଦୁବାଇରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଂଲାଦେଶ ପ୍ରସଙ୍ଗ ଆଲୋଚନା କରାଯାଇଥିଲା।



ସେହିପରି ବାଂଲାଦେଶ ପକ୍ଷରୁ ଆଇସିସିର ବିବାଦ ସମାଧାନ କମିଟି ନିକଟକୁ ନିଜର ଆବେଦନ ପଠାଇବାକୁ କୁହାଯାଇଥିଲା। କିନ୍ତୁ କମିଟି ଗୋଟିଏ ଆବେଦନ ଉପରେ କାର୍ଯ୍ୟ କରିବ ନାହିଁ ବୋଲି କହିବା ସହ ଆଇସିସିର ଚୂଡ଼ାନ୍ତ ନିଷ୍ପତ୍ତି ସହ ଆଗକୁ ବଢ଼ିବାକୁ କହିଥିଲା।

ସେହି ଅନୁସାରେ ଆଇସିସି ବାଂଲାଦେଶକୁ ବିଶ୍ୱକପରୁ ବାଦ ଦେଇ ସ୍କଟଲ୍ୟାଣ୍ଡକୁ ସାମିଲ କରିଛି। ବାଂଲାଦେଶ ବିଶ୍ୱକପରୁ ବାଦ ପଡିବା ଢାକା ପାଇଁ ଶକ୍ତ ଝଟକା। କାରଣ ଦଳ ବିଭିନ୍ନ ପ୍ରାୟୋଜକ ଓ ପ୍ରସାରଣ ସଂସ୍ଥା ପକ୍ଷରୁ ବିଶ୍ୱକପ ବାବଦରେ ପାଇବାକୁ ଥିବା ଟଙ୍କା ହରାଇଛି। ବିସିବିକୁ ନିଜର ଭାରତ ବିରୋଧୀ ଆଭିମୁଖ୍ୟ ପାଇଁ ପ୍ରାୟ ୨୪୭ କୋଟି ଟଙ୍କାର କ୍ଷତି ସହିବାକୁ ପଡିବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

ବାଂଲାଦେଶ ବାଦ ପଡିବାରୁ ସ୍କଟଲ୍ୟାଣ୍ଡ ପାଇଁ ବିଶ୍ୱକପ ଖେଳିବାର ଦ୍ୱାର ଖୋଲି ଯାଇଛି। ସ୍କଟଲ୍ୟାଣ୍ଡ ଏଯାଏ ୫ଟି ଟି-୨୦ ବିଶ୍ୱକପ ଖେଳିଛି। ୨୦୨୨ ଓ ୨୦୨୪ ସଂସ୍କରଣରେ ମଧ୍ୟ ସ୍କଟଲ୍ୟାଣ୍ଡ ନଜର ଆସିଥିଲା। କିନ୍ତୁ ଦଳ ଭଲ ପ୍ରଦର୍ଶନ ସତ୍ତ୍ୱେ ସୁପର ୮କୁ ଯାଇ ପାରି ନଥିଲା। ୨୦୨୬ ବିଶ୍ୱକପର ଯୋଗ୍ୟତା ପର୍ଯ୍ୟାୟରେ ଦଳ ବିଜୟୀ ହୋଇ ନଥିଲେ ହେଁ ଏବେ ବାଂଲାଦେଶର ବହିଷ୍କାର ଯୋଗୁ ସ୍କଟଲ୍ୟାଣ୍ଡକୁ ଆଉ ଗୋଟିଏ ସୁଯୋଗ ମିଳିଛି।

ଟି-୨୦ ବିଶ୍ୱକପ ଆସନ୍ତା ଫେବୃଆରୀ ୭ରୁ ଆରମ୍ଭ ହେବ। ମାର୍ଚ୍ଚ ୮ ଯାଏ ଚାଲିବାକୁ ଥିବା ବିଶ୍ୱକପର ଆୟୋଜନ ଭାରତ ଓ ଶ୍ରୀଲଙ୍କା କରୁଛନ୍ତି। ନଭେମ୍ବର ମାସରେ ଆଇସିସି ଜାରି କରିଥିବା ମ୍ୟାଚ୍ ସୂଚୀ ଅନୁସାରେ ବାଂଲାଦେଶ ତା'ର ଗ୍ରୁପ ପର୍ଯ୍ୟାୟ ମ୍ୟାଚଗୁଡିକ କୋଲକାତା ଓ ମୁମ୍ବାଇରେ ଖେଳିବାକୁ ଧାର୍ଯ୍ୟ ହୋଇଥିଲା।

ବାଂଲାଦେଶ ବିଶ୍ୱକପରୁ ବାଦ ପଡିଥିବାରୁ ଏବେ ଗ୍ରୁପ ସିରେ ନୂଆଦଳ ଭାବେ ସ୍କଟଲ୍ୟାଣ୍ଡକୁ ସାମିଲ କରାଯାଇଛି। ଏହି ଗ୍ରୁପରେ ପୂର୍ବରୁ ୱେଷ୍ଟଇଣ୍ଡିଜ, ଇଟାଲୀ, ଇଂଲଣ୍ଡ ଓ ନେପାଳ ରହିଛନ୍ତି। ସ୍କଟଲ୍ୟାଣ୍ଡ ଫେବୃଆରୀ ୭ରେ ଦଳ ୱେଷ୍ଟଇଣ୍ଡିଜ ବିପକ୍ଷରୁ ତା'ର ବିଶ୍ୱକପ ଅଭିଯାନ ଆରମ୍ଭ କରିବେ। ଏହି ମ୍ୟାଚଟି ଇଡେନ ଗାର୍ଡେନ୍ସରେ ଖେଳାଯିବ। ଏହାପରେ ୯ ତାରିଖରେ ଇଟାଲୀ, ୫ ଦିନ ପରେ ଇଂଲଣ୍ଡକୁ ଭେଟିବ। ଫେବୃଆରୀ ୧୭ରେ ଦଳ ନିଜର ଶେଷ ଗ୍ରୁପ ମ୍ୟାଚ୍ ନେପାଳ ବିପକ୍ଷରେ ମୁମ୍ବାଇରେ ଖେଳିବ।

# ତରବରରେ କରାଯାଉଛି ଏସଆଇଆର, ଗଣତନ୍ତ୍ରକୁ ବିପଦ: ଅମର୍ତ୍ତ୍ୟ ସେନ୍

**ନୂଆଦିଲ୍ଲୀ,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନୋବେଲ୍ ପୁରସ୍କାର ବିଜେତା ଅମର୍ତ୍ତ୍ୟ ପଶ୍ଚିମ ବଙ୍ଗରେ ଏସଆଇଆର ପ୍ରକ୍ରିୟାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ସେ ଚେତାବନୀ ଦେଇଛନ୍ତି ଯେ, ଏହି କାର୍ଯ୍ୟ ତରବରରେ କରାଯାଉଛି ଏବଂ ଏଥିରେ ଗଣତାନ୍ତ୍ରିକ ଅଂଶଗ୍ରହଣକୁ ବିପଦରେ ପକାଇ ପାରେ। ବିଶେଷକରି ଯେବେ କିଛି ମାସରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ୯୨ ବର୍ଷୀୟ ଅର୍ଥନୀତିଜ୍ଞ ବୋଷ୍ଟନରୁ ପିଟିଆଇକୁ ଦେଇଥିବା ସାକ୍ଷାତକାରରେ ନିର୍ବାଚନୀ ଭୋଟର ତାଲିକାର ସଂଶୋଧନର ଗଣତାନ୍ତ୍ରିକ ମହତ୍ତ୍ୱ ଉପରେ ବିଚାର ସେୟାର କରିଥିଲେ। ସେ କହିଥିଲେ ଯେ, ଏମିତି ପ୍ରକ୍ରିୟାକୁ ସାବଧାନୀ ଓ ପର୍ଯ୍ୟାପ୍ତ ସମୟ ସହ କରାଯିବା ଉଚିତ୍। ବଙ୍ଗଳାରେ ଏହି ସର୍ତ୍ତ ଗାଏବ ଅଛି।

ସେନ କହିଛନ୍ତି, ଭୋଟର ତାଲିକାର ଗହନ ଓ ସାବଧାନୀପୂର୍ବକ ସଂଶୋଧନ, ପର୍ଯ୍ୟାପ୍ତ ସମୟ ଦେଇ କରାଯାଏ ତ ଏହା ଏକ ଭଲ ଗଣତାନ୍ତ୍ରିକ ପ୍ରକ୍ରିୟା ହୋଇପାରେ। କିନ୍ତୁ ପଶ୍ଚିମବଙ୍ଗରେ ଏବେ ଯାହା ହେଉଛି, ତାହା ଏମିତି ନୁହେଁ। ଏସଆଇଆରକୁ ବହୁତ ତରବରରେ କରାଯାଉଛି, ଯେଉଁଥିରେ ମତାଧିକାର ଲୋକଙ୍କୁ କାଗଜପତ୍ର ଜମା କରିବା ଓ ଆଗାମୀ ବିଧାନସଭା ନିର୍ବାଚନରେ ଭୋଟ ଦେବାର ନିଜର ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ପର୍ଯ୍ୟାପ୍ତ ଅବସର ମିଳି ପାରୁନାହିଁ। ଏହି ଭୋଟରଙ୍କ ସହ ଅନ୍ୟାୟ ଏବଂ ଭାରତୀୟ ଗଣତନ୍ତ୍ର ସହ ମଧ୍ୟ ଅନ୍ୟାୟ।

ସେନ୍ ନିଜର ବ୍ୟକ୍ତିଗତ ଅନୁଭବ ସେୟାର କରି କହି ଥିଲେ ଯେ, ଶାନ୍ତି ନିକେତନରୁ ଭୋଟ ଦେବାର ତାଙ୍କର ଅଧିକାର ଉପରେ ପ୍ରଶ୍ନ ଉଠା ଯାଇଛି, ଯେଉଁଠି ତାଙ୍କର ନାମ, ଠିକଣା ଓ ଅନ୍ୟ ବିବରଣୀ ସରକାରୀ ରେକର୍ଡରେ ରହିଛି। ସେ କହି ଥିଲେ ଯେ, ନିର୍ବାଚନ କମିଶନର ଅଧିକାରୀମାନେ ତାଙ୍କର ମୃତକ ମାଆ ଅମିତା ସେନାଙ୍କ ବୟସ ବିଷୟରେ ମଧ୍ୟ ପ୍ରଶ୍ନ କରି ଥିଲେ, ଯାହାକି ତାଙ୍କର ମାଆଙ୍କ ଡିଟେଲ ମଧ୍ୟ ଅଫିସିଆଲି ରେକର୍ଡରେ ଉପଲବ୍ଧ ଥିଲା। ଗ୍ରାମୀଣ ଭାରତରେ ଜନ୍ମିତ ଅନେକ ନାଗରିକଙ୍କ ପରି ତାଙ୍କର ଜନ୍ମ ପ୍ରମାଣ ପତ୍ର ନାହିଁ ଏବଂ ଭୋଟର ହେବାକୁ ଅତିରିକ୍ତ କାଗଜପତ୍ର କାର୍ଯ୍ୟାନୁଷ୍ଠାନ କରିବାକୁ ପଡ଼ିବ। ହେଲେ ମୋ ମାମଲାରେ ସମସ୍ୟା ସମାଧାନ ହୋଇ ଯାଇଛି, କିନ୍ତୁ ମୁଁ ସେହି ନାଗରିକଙ୍କ ପାଇଁ ଚିନ୍ତିତ ଯାହାଙ୍କ ପାଖରେ ମୋ ଭଳି ସାହାଯ୍ୟ ନାହିଁ। ସେନ କହିଛନ୍ତି, ମୁଁ କହି ପାରିବି ଯେ ମୋତେ କିଛି ମାତ୍ରାରେ ମୋ ବନ୍ଧୁଙ୍କ ଠାରୁ ସାହାଯ୍ୟ ମିଳି ଯାଇଛି। କିନ୍ତୁ ଯେଉଁ ଲୋକଙ୍କ ଏତେ ବିଶ୍ୱସ୍ତ ବନ୍ଧୁ ନାହାନ୍ତି, ତାଙ୍କ ପାଇଁ କଣ ହେବ ? ମୋର ବନ୍ଧୁମାନେ ମୋତେ ନିର୍ବାଚନ କମିଶନର କଠୋର ଦ୍ୱାର ଦେଇ ଯିବାରେ ସାହାଯ୍ୟ କରିଛନ୍ତି।

# ୪ଦିନ ପର୍ଯ୍ୟନ୍ତ ବଦଳିବନି ରାତି ତାପମାତ୍ରା

**ଭୁବନେଶ୍ୱର,୨୪।୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଶୀତ ପ୍ରଭାବ ଜାରି ରହିଛି। ଆଗାମୀ ୪ ଦିନ ଯାଏଁ ରାତ୍ରି ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ପଶ୍ଚିମ ଓ ଉତ୍ତର ଓଡ଼ିଶାର ଅନେକ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୯ରୁ ୧୩ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବା ସହ ଫୁଲବାଣୀ, ରାଉରକେଲା ଓ ଝାରସୁଗୁଡ଼ା ଭଳି ଅଞ୍ଚଳରେ ଶୀତର ତୀବ୍ରତା ଅଧିକ ଅନୁଭବ ହେବାର ସମ୍ଭବନା ରହିଛି। ସେପଟେ ଉପକୂଳ ଓଡ଼ିଶାରେ ସର୍ବନିମ୍ନ ତାପମାତ୍ରା ୧୪ରୁ ୧୮ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବାର ସମ୍ଭାବନା ରହିଛି। ତେବେ ପରବର୍ତ୍ତୀ ୨ରୁ ୩ ଦିନ ମଧ୍ୟରେ ରାତ୍ରି ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇପାରେ।

ସେହିପରି ଆଗାମୀ ୩ ଦିନ ଯାଏଁ ସକାଳ ସମୟରେ ରାଜ୍ୟର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ, ଢେଙ୍କାନାଳ, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର କିଛି ଅଞ୍ଚଳରେ କୁହୁଡ଼ି ଦେଖାଦେଇପାରେ। ରାଜ୍ୟର ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୧.୬ ଡିଗ୍ରୀ ସେଲସିୟସ୍ ଓ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୮.୫ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ପାହାଡ଼ିଆ ଅଞ୍ଚଳ ଜି.ଉଦୟଗିରିରେ ସର୍ବନିମ୍ନ ୫.୭ ଡିଗ୍ରୀ ସେଲସିୟସ୍ ରହିଛି। ରାଜଧାନୀ ଭୁବନେଶ୍ୱରରେ ଶନିବାର ସର୍ବାଧିକ ତାପମାତ୍ରା ୩୦.୬ ଡିଗ୍ରୀ ଓ ସର୍ବନିମ୍ନ ୧୪.୫ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବା ବେଳେ ସକାଳ ବେଳେ ହାଲୁକା କୁହୁଡ଼ି ଦେଖାଦେଇଥିଲା।

# ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଦୋକାନରେ ପୁଲିସର ଚଢ଼ଉ

**ଯାଜପୁର,୨୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆଗାମୀ ଫେବ୍ରୁଆରୀ ୩ ତାରିଖରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯାଜପୁର ସହରକୁ ଗସ୍ତ କରିବାର ସୂଚନା ମିଳିବା ପରେ ଯାଜପୁର ପୁଲିସ ଭିତରେ ତତ୍ପରତା ଦେଖାଦେଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ସହରର ସମସ୍ତ ପ୍ରବେଶ ଦ୍ୱାରରେ ସନ୍ଧ୍ୟା ଓ ବିଳମ୍ବିତ ରାତ୍ରିରେ ନାକା କରାଯିବା ସହିତ ସହରକୁ ପ୍ରବେଶ କରୁଥିବା ବିଭିନ୍ନ ଗାଡ଼ିକୁ ପୁଲିସ ତନ ତନ କରି ଯାଞ୍ଚ୍ କରୁଛି। ଏବେ ଠାରୁ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରିଛି। ସହରରେ ଥିବା ସରକାରୀ ପଞ୍ଜିକୃତ ବିଭିନ୍ନ ମଦ ଦୋକାନ ପାର୍ଶ୍ୱରେ ଥିବା ଚାଖଣା ଦୋକାନରେ ଶନିବାର ସନ୍ଧ୍ୟାରେ ପୁଲିସ ପକ୍ଷରୁ ଅତର୍କିତ ଭାବେ ଚଢ଼ଉ କରାଯାଇଥିଲା। ସୂଚନା ଅନୁସାରେ ଚାଖଣା ଦୋକାନରେ ବେଆଇନ ଭାବେ ମଦ ବିକ୍ରି ହେବା ସହିତ ଲୋକେ ଚାଖଣା ଦୋକାନରେ ଖୁଲମଖୁଲା ଭାବେ ମଦ ପିଉଥିବାର ଖବର ପୁଲିସ ନିକଟରେ ପହଞ୍ଚିଥିଲା। ଏଣୁ ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ କରାଯାଇ ଅଚାନକ ସହରର ବିଭିନ୍ନ ମଦ ଦୋକାନ ପାର୍ଶ୍ୱରେ ଥିବା ଚାଖଣା ଦୋକାନରେ ଚଢ଼ଉ କରାଯାଇଥିଲା। ବିଶେଷକରି ବସ୍‌ଷ୍ଟାଣ୍ଡ, ମାର୍କେଟ ଛକ, ବିବିସରାଇ, ଅମ୍ବିକାଇ ଛକ, ଯୋଡ଼ିକୁଅ ଛକ, ତେନ୍ତୁଳିମାଳ ଛକ, ବୈଦ୍ୟରାଜପୁର ପ୍ରମୁଖ ମଦ ଦୋକାନ ପାର୍ଶ୍ୱରେ ଥିବା ଚାଖଣା ଦୋକାନ ଉପରେ ଚଢ଼ଉ କରାଯାଇଥିଲା। କିନ୍ତୁ ସେମିତି କିଛି ବେଆଇନ ଜିନିଷ ପୁଲିସକୁ ମିଳିନଥିଲା। ଆଗକୁ ଯଦି ବେଆଇନ ଭାବେ ମଦ ବିକ୍ରି କରାଯିବାର ଖବର ପୁଲିସକୁ ମିଳେ ତେବେ ଆଇନ ଅନୁଯାୟୀ ସଂପୃକ୍ତ ଚାଖଣା ଦୋକାନୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ଆଜିର ଏହି ଚଢ଼ଉରେ ଏସ୍‌ଆଇ ସୁବାଷ ଚନ୍ଦ୍ର ମୁଦୁଲି, ଏସ୍‌ଆଇ ସଂଯୁକ୍ତା ବେହେରା, ଏସ୍‌ଆଇ ମହେନ୍ଦ୍ର କୁମାର ସେଠୀ, ଏସ୍‌ଆଇ ସୌରଭ କୁମାର ମାଝୀ, କନେଷ୍ଟବଳ ସତ୍ୟ ରଞ୍ଜନ ଦଳାଇ, ବିଶ୍ୱନାଥ ସାହୁ, ତଅପୋଇ ମଲ୍ଲିକ, ବାବୁଲି ଜେନା, ମୁକେଶ ଦାସ ପ୍ରମୁଖ ସାମିଲ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ପ୍ରତ୍ୟେକ ସୋମବାର...

ସମୀକ୍ଷକ କହିଛନ୍ତି। ଗ୍ରାମାଞ୍ଚଳରେ ତହସିଲ, ଥାନା, ବ୍ଲକ ଅଫିସକୁ ନେଇ ଲୋକଙ୍କ ସମସ୍ୟା ଅଧିକ ଥାଏ। ପକ୍କାଘର, ରାସନ କାର୍ଡ, ଭତ୍ତା ସମ୍ପର୍କିତ ଅଭିଯୋଗ ସଂଖ୍ୟା ଅଧିକ ହୋଇଥିବା ବେଳେ ରାଜ୍ୟ ସ୍ତରରେ ପେନସନ୍, ଶିକ୍ଷା, ସ୍ୱାସ୍ଥ୍ୟ ସହିତ ଥାନା, କୋର୍ଟ ଅବମାନନା ଭଳି ମାମଲା ଅଧିକ ଆସିବା ନଜିର ରହିଛି।

### ଆଗୁଆ ହେବ...

ଆଉ ୬ ମାସ ପରେ ଘୋଷଣା ହେବ। ଜନଗଣନା ପାଇଁ ଧାର୍ଯ୍ୟ ସମୟର ଦୁଇ ତିନି ମାସ ପୂର୍ବରୁ ଆଗୁଆ ନିର୍ବାଚନ ହେବାର ସମ୍ଭାବନା ରହିଛି।

### ଉଷା ପାଢ଼ୀଙ୍କୁ...

ମାମଲାର ସ୍ୱତନ୍ତ୍ର ଶୁଣାଣି ପାଇଁ ସାମ୍ବିଧାନିକ କୋର୍ଟ ବସୁଛି। ଏହି କୋର୍ଟର କାର୍ଯ୍ୟ ନୁହେଁ ବାରବାଂର ସମୟ ଗଡ଼ାଇ ଚାଲିବା। ସାଧାରଣ ଲୋକଙ୍କୁ ତ୍ୱରିତ ନ୍ୟାୟ ଦେବା ଏହି ଅଦାଲତର କାର୍ଯ୍ୟ ବୋଲି ହାଇକୋର୍ଟ କହିଛନ୍ତି। ନଗର ଉନ୍ନୟନ ସଚିବ ଉଷା ପାଢ଼ୀ, ପୌର ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ, ଟାଉନ ପ୍ଲାନିଂର ସ୍ୱତନ୍ତ୍ର ସଚିବ ସୁଶାନ୍ତ କୁମାର ମିଶ୍ର, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଆଠଗଡ଼ ସ୍ୱତନ୍ତ୍ର ପ୍ଲାନିଂ ଅଥୋରିଟି ଡ ପ୍ରଦୀପ କୁମାର ସାହାଙ୍କୁ ପୋଲିସ କମିଶନର ହାଜର କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ସାହସର ସହ...

ଚାଲି ଯାଇ ଦ୍ୱାର ବନ୍ଦ କରି ଦେଇଥିଲେ ଓ ତାଙ୍କ ବାପାଙ୍କୁ ଫୋନ୍ କରି ୧୦୮ ଆମ୍ବୁଲାନ୍ସ ଧରି ଆସିବା ପାଇଁ କହିଥିଲେ।

ଶୁଭ୍ରାଂଶୁଙ୍କ ବାପା ସୁଦର୍ଶନ ଭୋଳ କହିଛନ୍ତି, ଆମେ ସ୍ୱାମୀସ୍ତ୍ରୀ ଗୁରୁଜାଙ୍ଗ ଗାଁକୁ ରାମଲୀଳା ଦେଖିବାକୁ ଯାଇଥିଲୁ। ରାତି ପ୍ରାୟ ଗୋଟାଏ ବେଳେ ପୁଅ ମୋତେ ଫୋନ୍ କରିଥିଲା ଓ ୧୦୮ ଆମ୍ବୁଲାନ୍ସ ଧରି ଶୀଘ୍ର ଫାର୍ମ ହାଉସ୍‌ରେ ପହଞ୍ଚିବାକୁ କହିଥିଲା। କିନ୍ତୁ କାରଣ କହି ନଥିଲା। ବାରମ୍ବାର ପଚାରିବା ପରେ ସେ କହିଥିଲା ଯେ ଘରେ ବାଘ ପଶି ତାକୁ କାମୁଡି ଦେଇଛି ଓ ସେ ବାଘକୁ ମାରି ଦେଇଛି। ଏହା ପରେ ମୁଁ ଆମ୍ବୁଲାନ୍ସ ନେଇ ଫାର୍ମ ହାଉସ୍‌ରେ ପହଞ୍ଚିଥିଲି। ପୁଅର ଦେହ ସାରା କ୍ଷତାକ୍ତ ହୋଇଛି। ହାତ, ଗୋଡ, ମୁଣ୍ଡ ସବୁଠି ବାଘ ରାମ୍ପୁଡି ଦେଇଛି। ଡାହାଣ ହାତର କାଣି ଆଙ୍ଗୁଠି ଅଧିକ କ୍ଷତାକ୍ତ ହୋଇଛି।

ଘଟଣା ସଂପର୍କରେ ବନ ବିଭାଗକୁ ଫୋନ୍ କରି ଅବଗତ କରାଯାଇଥିଲା। ବନ ବିଭାଗ କର୍ମଚାରୀ ପହଞ୍ଚି ମୃତ ବାଘଟିକୁ ଜବତ କରିଥିଲେ। ବନ ବିଭାଗ ପକ୍ଷରୁ ଶୁଭ୍ରାଂଶୁଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ଜଣାପଡିଛି। ଆଠଗଡ ଏସିଏଫ ମନୋଜ ପାତ୍ର କହିଛନ୍ତି, ଶୁଭ୍ରାଂଶୁ ଭୋଳଙ୍କୁ ବନ ବିଭାଗ ତରଫରୁ କଟକ ସ୍ଥାନାନ୍ତର କରାଯାଇଛି। ତାଙ୍କର ଚିକିତ୍ସା ଚାଲିଛି। ଘଟଣାର ତଦନ୍ତ କରାଯାଉଛି।

### ୧୮,୦୦୦...

୪୦ ପର୍ସେଣ୍ଟାଇଲ ରହିଥିଲା। ଏହାଦ୍ୱାରା ଦେଶରେ ସରକାରୀ ତଥା ଘରୋଇ ମେଡିକାଲ କଲେଜରେ ୧୮,୦୦୦ ଅଧିକ ସିଟ୍ ଖାଲି ପଡିଛି। ଏତେ ସିଟ୍ ଖାଲି ଛାଡିବା ଦ୍ୱାରା ଦେଶରେ ସଂଶାଧନ ନଷ୍ଟ ହେବା ସହିତ ଡାକ୍ତରଙ୍କ ଅଭାବ ଦେଖାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ତେବେ ଡାକ୍ତରମାନେ ଅଭିଯୋଗ କରିଛନ୍ତି ଯେ, ଘରୋଇ କଲେଜରେ ସିଟ୍ ପୂରଣ ପାଇଁ ଏହା କରାଯାଇଛି। ଏହି ନିଷ୍ପତ୍ତି ବିରୋଧରେ ସଞ୍ଚିତ ସେଠଙ୍କ ଦ୍ୱାରା ଦିଲ୍ଲୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ଜାନୁଆରି ୨୧ ତାରିଖରେ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ। କୋର୍ଟ କହିଥିଲେ ଯେ, ଏହି ପରୀକ୍ଷା ଡାକ୍ତରଙ୍କ ଗୁଣବତ୍ତା ଯାଞ୍ଚ କରିବା ପାଇଁ ନୁହେଁ ବରଂ ସେମାନଙ୍କୁ ପିଜି ପାଠ୍ୟକ୍ରମରେ ପ୍ରବେଶ ଦେବା ପାଇଁ ଉଦ୍ଦିଷ୍ଟ। ସୁପ୍ରିମକୋର୍ଟରେ ଏନେଇ ମଧ୍ୟ ଏକ ଆବେଦନ ଦାଖଲ କରାଯାଇଛି। ସୂଚନାଯୋଗ୍ୟ, ଦେଶରେ ବିଭିନ୍ନ ମେଡିକାଲ କଲେଜରେ ଏମଡି/ଏମ୍‌ଏସ୍ ପାଇଁ ପାଖାପାଖି ୫୦,୦୦୦ ସିଟ୍ ରହିଛି।

### ଡ୍ରପ୍‌ଆଉଟ୍ ସମସ୍ୟା...

ପରୀକ୍ଷା ଦେଉନାହାନ୍ତି। ଏହାର ମୁଖ୍ୟ କାରଣ ହେଉଛି ନବମ ଓ ଦଶମ ସ୍ତରରେ ଡ୍ରପ୍‌ଆଉଟ୍ ହାର ଅଧିକ ରହୁଛି। ଆଗରୁ ଡ୍ରପ୍‌ଆଉଟ୍ କ୍ଷେତ୍ରରେ ଝିଅମାନଙ୍କ ସଂଖ୍ୟା ଅଧିକ ରହୁଥିବାବେଳେ ଏବେ କିନ୍ତୁ ଏ ସ୍ଥଳରେ ବାଳକମାନଙ୍କ ସଂଖ୍ୟା ଅଧିକ ରହୁଥିବା ସରକାର ସ୍ୱୀକାର କରୁଛନ୍ତି। 'ବେଟି ପଢ଼ାଅ- ବେଟି ବଢ଼ାଅ' ଯୋଜନା ଚାଲିବା ପରେ ଝିଅମାନଙ୍କ କ୍ଷେତ୍ରରେ ଡ୍ରପ୍‌ଆଉଟ୍ ହାର କମିବା ଶୁଭ ସଂକେତ ବୋଲି କୁହାଯାଉଛି। ତେବେ ଅନେକ ଅବସରପ୍ରାପ୍ତ ଶିକ୍ଷକ କହୁଛନ୍ତି ଯେ ଅନେକ ବ୍ୟକ୍ତି ପରିବାର ସହ ଦାଦନ ଖଟିବା ପାଇଁ ଭିଟାମାଟି ଛାଡ଼ି ପଳାଉଥିବାରୁ ଏହି ସମସ୍ୟା ଲାଗି ରହୁଛି।

### ଏମଭିଏକୁ ଫେରିବେ...

ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ମେଣ୍ଟ ଘୋଷଣା କରିଛନ୍ତି। ଉଭୟ ଏନସିପି ଶରଦ ପାଓ୍ୱାରଙ୍କ ଏନସିପିର ନିର୍ବାଚନ ଚିହ୍ନ ଘଡ଼ିରେ ନିର୍ବାଚନ ଲଢିବେ। ରାଉତ କହିଛନ୍ତି ଯେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ବୃହନ୍‌ମୁମ୍ବାଇ ମହାନଗର ପାଳିକା (ବିଏମସି) ମେୟର ନିର୍ବାଚନକୁ ନେଇ ବିଜେପି ଉପରେ ଅସନ୍ତୁଷ୍ଟ ଅଛନ୍ତି। ରାଉତ କହିଛନ୍ତି ଯେ ଦିଲ୍ଲୀର କେନ୍ଦ୍ରୀୟ ନେତୃତ୍ୱ ମଧ୍ୟ ପ୍ରସଙ୍ଗରେ ନଇଁବାକୁ ରାଜି ହେଉ ନାହାନ୍ତି। ଏଣୁ ବିଏମସିରେ ବିଜେପି ମେୟର ନିଯୁକ୍ତ କରିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି।




Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ